

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୭ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 7 JANUARY 2024
Vol.No. 35 ■ No. 7 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅଯୋଧ୍ୟାର ଭବ୍ୟ ମନ୍ଦିରରେ ପୂଜା ପାଇବେ କଳା ରଙ୍ଗର ପଥରରେ ତିଆରି ରାମଲାଲା



ଅଯୋଧ୍ୟା, ୬/୧ : ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଖେଇ ଆସୁଥିବା ବେଳେ ପ୍ରତିଦିନ ଆସୁଛି କିଛି କିଛି ରୋଚକ ତଥ୍ୟ। ଆଜି ରାମଲାଲାଙ୍କ ମୂର୍ତ୍ତିକୁ ନେଇ ଆସିଛି ଏକ ତଥ୍ୟ। ରାମ ଲଲାଙ୍କର ୫ ବର୍ଷର ଶିଶୁ ସୁଲଭ ମୂର୍ତ୍ତି ଏଠାରେ ପୂଜା ପାଇବେ ବୋଲି ପୂର୍ବରୁ ଜଣାପଡ଼ି ସାରିଥିବା ବେଳେ ଆଜି ଜଣାପଡ଼ିଛି ଯେ କଳା ରଙ୍ଗର ପଥରରେ ସେହି ମୂର୍ତ୍ତିକୁ ତିଆରି କରାଯାଇଛି। ଏହି ସୂଚନା ଦେଇଛନ୍ତି ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ। ସେ ତାଙ୍କ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି ଯେ ଭଗବାନ ଶ୍ରୀ ରାମଲାଲାଙ୍କର ଯେଉଁ ମୂର୍ତ୍ତି ତିଆରି ହୋଇଛି, ତାହା ଏକ ପାଞ୍ଚ ବର୍ଷର ବାଳକ ସ୍ୱରୂପ। ଶିଶୁ ସୁଲଭ ସରଳତା, ରାଜପୁତ୍ର ଓ ଦୈବତ୍ୱର ସମାହାରରେ ମୂର୍ତ୍ତିଟି ତିଆରି ହୋଇଛି। ମୂର୍ତ୍ତିର ଉଚ୍ଚତା ୫୧ ଇଞ୍ଚ ରହିଛି। କଳା ପଥରରେ ଏହାକୁ ତିଆରି କରାଯାଇଛି। ମୂର୍ତ୍ତିଟି ବହୁତ ଆକର୍ଷଣୀୟ ହୋଇଛି। ଜାନୁଆରୀ ୨୨ରେ ଅଯୋଧ୍ୟାରେ ନିର୍ମାଣାଧୀନ ଥିବା ରାମ ମନ୍ଦିରରେ ରାମ ଲଲାଙ୍କ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ରାମ ଲଲାଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ମାତ୍ର ୮୪ ସେକେଣ୍ଡର ଶୁଭ ମୁହୂର୍ତ୍ତ ଧାର୍ଯ୍ୟ ହୋଇଛି। ଏ ସଂପର୍କିତ ସୂଚନା ଗତକାଲି ଆସିଥିଲା। ଜାନୁଆରୀ ୨୨ରେ ୧୨ଟା ୨୯ ମିନିଟ୍ ୮ ସେକେଣ୍ଡରୁ ୧୨ଟା ୩୦ ମିନିଟ ୩୨ ସେକେଣ୍ଡ ମଧ୍ୟରେ ହେବ ରାମଲାଲାଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା। ସେହିଦିନ ସବୁଠୁ ଶୁଭ, ସବୁଠୁ ଦିବ୍ୟ ଓ ସବୁଠୁ ମାହେନ୍ଦ୍ର ଏହି ୮୪ ସେକେଣ୍ଡରେ ହିଁ ହେବ ରାମ ଲଲାଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା। ସେଦିନ ୧୧ଟା ୫୧ରୁ ୧୨ଟା ୩୩ ଯାଏ ଥିବା ଅଭିଜିତ ମୁହୂର୍ତ୍ତ ରହିଛି। ହେଲେ ସବୁ ଦୃଷ୍ଟିରୁ ୧୦ଟି ଶୁଭଲକ୍ଷଣ ଯୁକ୍ତ ହୋଇଥିବାରୁ ଏହି ୮୪ ସେକେଣ୍ଡ ସମୟକୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ବାଛିଛନ୍ତି ବାରାଣସୀର ବୈଦିକ ଆଚାର୍ଯ୍ୟ। ୨୨ ତାରିଖରେ ପ୍ରାଣ ପ୍ରତିଷ୍ଠା ହେବ। କିନ୍ତୁ ତା' ୬ ଦିନ ପୂର୍ବରୁ ଆରମ୍ଭ ହୋଇଯିବ କାର୍ଯ୍ୟକ୍ରମ। ୧୬ ତାରିଖରେ ସରଜୁ ନଦୀ କୂଳରେ ଅଭିଷେକ ଆରମ୍ଭ ହେବ, ୧୭ ତାରିଖରେ ମଙ୍ଗଳ କଳସ ଯାତ୍ରା, ୧୮ରେ ଗଣେଶ ଅମ୍ବିକା ପୂଜା ହୋଇ ୧୯ରେ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ସ୍ଥାପନା କରାଯିବ। ୨୦ ତାରିଖରେ ଗର୍ଭ ଗୃହକୁ ସରଜୁ ନଦୀ ପାଣିରେ ଶୁଦ୍ଧପୂତ କରାଯାଇ ହେବ ବାସ୍ତୁ ଶାନ୍ତି। ୨୧ ତାରିଖରେ ରାମଲାଲାଙ୍କ ଦିବ୍ୟଅଙ୍ଗକୁ ୧୨୫ ଗରା ପାଣିରେ ସ୍ନାନ କରାଯିବ। ଆଉ ୨୨ରେ ନିଜ ଆସ୍ଥାନରେ ବିରାଜିବେ ରାମ ଲଲା।

## ଭାରତ ଯୋଡୋ ନ୍ୟାୟ ଯାତ୍ରା ଲୋଗା ଉନ୍ମୋଚିତ

ନୂଆଦିଲ୍ଲୀ, ୬/୧ : କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଶନିବାର ପାର୍ଟି ମୁଖ୍ୟାଳୟରେ ଭାରତ ଯୋଡୋ ନ୍ୟାୟ ଯାତ୍ରା ଲୋଗୋର ଉନ୍ମୋଚନ କରିଛନ୍ତି । ଏହାର ଲୋଗୋରେ ଦୁଇଟି ଭାଗ ରହିଛି । ଏଥିରେ 'ଭାରତ ଯୋଡା ନ୍ୟାୟ ଯାତ୍ରା, ନ୍ୟାୟ କା ହକ୍ ମିଲନେ ତକ୍' ଲେଖାଯାଇଛି । ଲୋଗୋ ଲଂଚ କରିବା ସମୟରେ ଖଡଗେଙ୍କ ସହିତ କଂଗ୍ରେସ ମହାସଚିବ କେସି ବେଣୁଗୋପାଳ, ପାର୍ଟିର ନେତା ଜୟରାମ ରମେଶ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଖଡଗେ କହିଥିଲେ ଯେ, ଏହି ଯାତ୍ରା ଜନତାଙ୍କୁ ନ୍ୟାୟ ଦେବା ପାଇଁ ଏବଂ ଅନେକ ଅଧିକାରର ରକ୍ଷା ପାଇଁ । ଭାରତ ଯୋଡୋ ନ୍ୟାୟ ଯାତ୍ରା ମାଧ୍ୟମରେ ଆମେ ଲୋକଙ୍କ ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରିବୁ । ଏଠାରେ ସୂଚନା ଯୋଗ୍ୟ, ଜାନୁୟାରୀ ୧୪ରେ ରାହୁଲ ଗାନ୍ଧି ମଣିପୁରରେ ଭାରତ ଯୋଡା ନ୍ୟାୟ ଯାତ୍ରାର ଶୁଭାରମ୍ଭ କରିବେ ।

## ପଶ୍ଚିମୋତ୍ତର ଭାରତରେ ଦୁଇଦିନ ପ୍ରବଳ ଥଣ୍ଡା

ନୂଆଦିଲ୍ଲୀ, ୬/୧ : ଉତ୍ତରଭାରତରେ ଏବେ ଶୀତ ଲହର ଜାରି ରହିଛି । ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ଦୁଇଦିନ ପଞ୍ଜାବ, ହରିୟାଣା, ଚଣ୍ଡିଗଡ ସମେତ ପଶ୍ଚିମୋତ୍ତର ଭାରତରେ ଭୀଷଣ ଥଣ୍ଡା ଆକଳନ କରାଯାଇଛି । ସକାଳେ ଘନ କୁହୁଡି ରହିବା ସହ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀରୁ କମ୍ ରହିବାର ସମ୍ଭାବନା ରହିଛି । ଶନିବାର ରାଜସ୍ଥାନର ସିକରରେ ତାପମାତ୍ରା ୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ହରିୟାଣା ଓ ଚଣ୍ଡିଗଡରେ ୬-୭ ଜାନୁୟାରୀରେ ଦିନରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ ।

## ବଡ଼ ସଫଳତା: ଧାର୍ଯ୍ୟ ସ୍ଥାନରେ ପହଞ୍ଚିଲା ଆଦିତ୍ୟ ଏଲ୍-୧



ନୂଆଦିଲ୍ଲୀ, ୬/୧ : ଚନ୍ଦ୍ରଯାନର ସଫଳତାର ଉତ୍ସାହ ଏଯାଏଁ ଯାଇନି । ଏହାଭିତରେ ଆଉ ଏକ ଖୁସିର କାରଣ ଦେଶବାସୀଙ୍କୁ ଦେଇଛି ଇସ୍ରୋ । ସୂର୍ଯ୍ୟ ମିଶନ ପାଇଁ ସ୍ୱତନ୍ତ୍ର ଯାନର ସଫଳ ଉତକ୍ଷେପଣ ପରେ ଲକ୍ଷ୍ୟସ୍ଥଳରେ ପହଁଚିଛି ଆଦିତ୍ୟ-ଏଲ-ୱାନ । ଏଲ୍-ୱାନ ପଏଂଟରେ ୫ ବର୍ଷ ଯାଏଁ କାମ କରିବ ଆଦିତ୍ୟ ଏଲ ୱାନ୍ । ହେଲୋ ଅରବିଟରେ ପ୍ରଦକ୍ଷେଣ କରିବ । ସୌରମଣ୍ଡଳର ଚୁମ୍ବକୀୟ କ୍ଷେତ୍ର ଓ ପୃଥିବୀ ଉପରେ ସୌର ବିକିରଣ ସଂପର୍କରେ ଅଧିକ ଗବେଷଣା ପାଇଁ ଏହା ସହାୟକ ହେବ । ସେପ୍ଟେମ୍ବର ୨ ତାରିଖରେ ଆଦିତ୍ୟ ଏଲ୍-ୱାନ ମହାକାଶ ଯାନ ଶ୍ରୀହରିକୋଟାର ସତୀଶ ଧାବନ ମହାକାଶ କେନ୍ଦ୍ରରୁ ଉତକ୍ଷେପଣ କରାଯାଇଥିଲା । ନଭେମ୍ବର ୨୦ ତାରିଖରେ 'ସୁଟ' ପେ-ଲୋଡକୁ ସକ୍ରୀୟ କରାଯାଇଥିଲା । ଡିସେମ୍ବର ୬ ତାରିଖରେ ପେ-ଲୋଡର ଟେଲିସ୍କୋପ୍ ପ୍ରଥମ ଚିତ୍ର କଏଦ କରିଥିଲା । ଆଉ ଜାନୁଆରୀ ୬ରେ ନିଜ ଲକ୍ଷ୍ୟପଥରେ ପହଂଚିଛି ଆଦିତ୍ୟ ଏଲ୍-ୱାନ। ଭାରତର ଏହା ପ୍ରଥମ ସୂର୍ଯ୍ୟ ଅଭିଯାନ । ଇସ୍ରୋର ସଫଳତା ପାଇଁ ଭୂରି ଭୂରି ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏଥିସହ ଇସ୍ରୋର ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆଶା କରାଯାଉଛି ବୈଜ୍ଞାନିକଙ୍କ ନିରବଛିନ୍ନ ଉଦ୍ୟମ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବାରେ ସହାୟକ ହେବ ।

## ୨୭ରେ ସମଲେଇ ପ୍ରକଳ୍ପର ଲୋକାର୍ପଣ ଉତ୍ସବ: ନଡ଼ିଆ ଦେଇ ପ୍ରତି ଘରୁ ସଂଗ୍ରହ ହେବ ସିନ୍ଦୂର



ସମ୍ବଲପୁର, ୬/୧ (ନି.ପ୍ର): ଚଳିତମାସ ୨୭ତାରିଖରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପର ଲୋକାର୍ପଣ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ୧୦ଦିନ ପରେ ଅର୍ଥାତ୍ ଜାନୁୟାରୀ ୨୭ରେ ଏହି ଲୋକାର୍ପଣ ଉତ୍ସବ ନିମନ୍ତେ ମା' ସମଲେଇ ମନ୍ଦିରର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସବୁ ଘରକୁ ନଡ଼ିଆ ଦିଆଯିବ ଓ ସେମାନଙ୍କଠୁ ମା'ଙ୍କ ପାଇଁ ସିନ୍ଦୂର ସଂଗ୍ରହ କରାଯିବ । ମା' ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି, ସଦସ୍ୟ ଓ ପୂଜାରୀମାନେ ନବୀନ ନିବାସ ଆଜି ମଙ୍ଗଳାଷ୍ଟକ ଗାନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନିମନ୍ତ୍ରଣ କରିଛନ୍ତି । ମା'ଙ୍କ ପୀଠର ରୂପାନ୍ତର ପାଇଁ ସେମାନେ ମୁଖ୍ୟମନ୍ତ୍ରୀ ଓ ଫାଇଭ-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ଏହାସହିତ ଲୋକାର୍ପଣ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସବୁ

▶▶ପୃଷ୍ଠା ୭

## ଆନ୍ଦୋଳନରୁ ଓହରିଲା ଡ୍ରାଇଭର ମହାସଂଘ




ଭୁବନେଶ୍ୱର, ୫ /୧ (ନି.ପ୍ର): ଶେଷରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା ଡ୍ରାଇଭର ମହାସଂଘ। ସରକାରଙ୍କ ସହିତ ସକାରାତ୍ମକ ଆଲୋଚନା ପରେ ଆଜି ସନ୍ଧ୍ୟାରେ ମହାସଂଘ ଆନ୍ଦୋଳନ ପ୍ରତ୍ୟାହାର କରି ନେଇଛି। ଓଡ଼ିଶା ଡ୍ରାଇଭର ମହାସଂଘ କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ଏହି ସୂଚନା ଦେଇଥିବା ବେଳେ ତତ୍କ୍ଷଣାତ୍ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା କହିଛନ୍ତି। ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିବାକୁ ଭିଡିଓ ବାର୍ତ୍ତା ଜାରି କରି ଆହ୍ୱାନ ଦେଇଥିଲେ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। ସେ କହିଥିଲେ, ରାଜ୍ୟ ସରକାର ଆମ ଦାବି ଶୁଣିଛନ୍ତି। ତେଣୁ ଆନ୍ଦୋଳନରୁ ଓହରି ଯାଆନ୍ତୁ ଓ ନିଜ ନିଜ କାର୍ଯ୍ୟରେ ଲାଗିପଡ଼ନ୍ତୁ। ଦରକାର ପଡ଼ିଲେ ଭବିଷ୍ୟତରେ କେନ୍ଦ୍ର ସରକାରଙ୍କ

▶▶ପୃଷ୍ଠା ୭

## ରାଜ୍ୟପାଳଙ୍କୁ ରାସ୍ତାରେ ଅଟକାଇ ନିଜ ଘର ଦେଖାଇଲେ ମହିଳା



ଭୁବନେଶ୍ୱର, ୫ /୧ (ନି.ପ୍ର) , ୬/୧ (ନି.ପ୍ର): ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ କେତେ କାହାକୁ ନେହୁରା ହେଲେ। ହେଲେ କେହି ଶୁଣିଲେନି। ସବୁଆଡୁ ନିରାଶ ହୋଇ ନିଜର ଭଙ୍ଗାଦଦରା ଝାଟି ମାଟି ଘରେ ପାଳାତିପାତ କରୁଥିଲେ। ଆଜି ଗାଁକୁ ରାଜ୍ୟପାଳ ରଘୁବର ଦାସ ଆସୁଥିବା ବେଳେ ଗାଡ଼ି ଆଗରେ ଛିଡ଼ା ହୋଇ ଅଟକିବା ପାଇଁ ହାତ ଯୋଡ଼ି ଗୁହାରି କରିଥିଲେ। ଆଉ ନିଜ ଘର ଦେଖାଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲା ଜଜାଙ୍ଗ ଗାଁର ସସ୍ମିତା ତ୍ରିପାଠୀ। ରାଜ୍ୟପାଳ ରଘୁବର ଦାସ ଆଜି ଜଜାଙ୍ଗ ଗାଁରେ ଏକ କାର୍ଯ୍ୟକ୍ରମକୁ ଯାଉଥିଲେ। ଠିକ୍ ସେହି ସମୟରେ ଗାଁର ସସ୍ମିତା ତ୍ରିପାଠୀ ବିଚ୍ ରାସ୍ତାରେ ରାଜ୍ୟପାଳଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ପୁଲିସ୍ ତାଙ୍କୁ ଭେଟିବାକୁ ଦେଉନଥିଲେ। ନିଜର ମହାନତା ଦେଖାଇ ଗାଡ଼ି ଅଟକାଇବାକୁ ଡ୍ରାଇଭରଙ୍କୁ ରାଜ୍ୟପାଳ କହିଥିଲେ। ଏହା ପରେ ଡ୍ରାଇଭର କାର ଅଟକାଇ ଥିଲେ। ମହାମହୀମ ରାଜ୍ୟପାଳ ରଘୁବର ଦାସ କାରରୁ ଓହ୍ଲାଇ ସସ୍ମିତା ତ୍ରିପାଠୀଙ୍କ କଥା ଶୁଣିଥିଲେ। ଆଉ ହାତ ଯୋଡ଼ି ଗୋଟି ଗୋଟି କଥା କହିଥିଲେ ସସ୍ମିତା ତ୍ରିପାଠୀ। ଥରେ ମୋ ଘର ଦେଖି ଯାଆନ୍ତୁ... ବୋଲି ରାଜ୍ୟାପାଳଙ୍କୁ ଗୁହାରୀ କରିଥିଲେ। ଲୋକଙ୍କ ଗହଳି ଭିତରେ ରାଜ୍ୟପାଳ ଚାଲି ଚାଲି ସସ୍ମିତା ତ୍ରିପାଠୀଙ୍କ ଘର ପାଖକୁ ଯାଇଥିଲେ। ଆଉ ଦେଖିଥିଲେ ଘରର ବିକଳ ଚିତ୍ର। ଯେଉଁ ଘରେ ସସ୍ମିତା ତ୍ରିପାଠୀ ଓ ତାଙ୍କ ପରିବାର ରହୁଛନ୍ତି। ସସ୍ମିତା ତ୍ରିପାଠୀଙ୍କ ପରିବାର ରହୁଥିବା ଘରଟି ମାଟି କାନ୍ଥରେ ତିଆରି। ଯାହାର କାନ୍ଥ ଫାଟି ଆଁ କରିଛି। ଘର ଭିତରେ ଦିନରେ ସୂର୍ଯ୍ୟ, ରାତିରେ ଚନ୍ଦ୍ର ଦେଖାଯାଉଛନ୍ତି। ଭଙ୍ଗା ଦଦରା ଛାତରେ ପଡ଼ିଛି ଗୋଟିଏ ଖଣ୍ଡିଆ ପଲଥିନ୍। ସେଥିରେ ପୂରା ପରିବାର ରହୁଛନ୍ତି। ସସ୍ମିତା ତ୍ରିପାଠୀଙ୍କ ଘର ଦେଖିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ ରାଜ୍ୟପାଳ। ଆଉ ଘର ସମ୍ପର୍କରେ ଜିଲ୍ଲାପାଳଙ୍କୁ ଡାକି ପଚାରିଥିଲେ। ଯଥା ଶୀଘ୍ର ସସ୍ମିତା ତ୍ରିପାଠୀଙ୍କୁ ଘର ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କୁ ରାଜ୍ୟପାଳ କହିଥିଲେ। ପରେ ରାଜ୍ୟପାଳ ଗାଁର ଆଉ କିଛି ମହିଳାଙ୍କ ସହିତ କଥା ହୋଇଥିଲେ। ସେମାନଙ୍କ ସୁଖ ଓ ଦୁଃଖ ଶୁଣିଥିଲେ। ଜଜାଙ୍ଗ ଗାଁରେ ସସ୍ମିତା ତ୍ରିପାଠୀଙ୍କୁ ଭେଟିବା

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଆରଆଇ



ବଡ଼ବିଲ, ୬/୧ (ନି.ପ୍ର): ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ବିଲେଇପଦାର ରାଜସ୍ୱ ନିରୀକ୍ଷକ (ଆରଆଇ) ପିର୍ ଖାନ। ଜମି ପଟ୍ଟା କରାଇଦେବାକୁ ଜଣେ ବ୍ୟକ୍ତିଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା

▶▶ପୃଷ୍ଠା ୭

## ୧ କୋଟିରୁ ଅଧିକ ଟଙ୍କାର ବ୍ରାଉନ୍ ସୁଗର ଜବତ: ଜଣେ ଗିରଫ

ପୁରୀ, ୬/୧ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ାରୁ ଜଣେ ଯୁବକଙ୍କଠାରୁ ୧ କେଜି ୬୦ ଗ୍ରାମର ବ୍ରାଉନ୍ ସୁଗର ଜବତ କରିଛି ଭୁବନେଶ୍ୱର ଏସ୍‌ଟିଏଫ୍। ଜବତ ବ୍ରାଉନ ସୁଗରର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହୋଇଥିବା କୁହାଯାଉଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଛି ଏସ୍‌ଟିଏଫ୍। ଗିରଫ ଯୁବକଙ୍କ ନାଁ ସୁଜିତ କୁମାର ମହାନ୍ତି (୨୪)। ତାଙ୍କ ଘର ନିମାପଡ଼ା ଥାନା ଅଞ୍ଚଳରେ। ଗତକାଲି ବିଳମ୍ବିତ ରାତିରେ ସେ ବ୍ରାଉନ୍‌ସୁଗର ଧରି ନିମାପଡ଼ା ସ୍ଥିତ ଏକ

▶▶ପୃଷ୍ଠା ୭

## ପଦାରେ ପଡିଲା ଇଣ୍ଡିଆ ମେଂଟ ଫାଟ : ଆସନ ଭାଗବଂଟା ପ୍ରସଙ୍ଗରେ ମୁହଁମୋଡ଼ି ଦେଲା ଜେଡିୟୁ



ନୂଆଦିଲ୍ଲୀ, ୬/୧ : ୨୦୨୪ ସାଧାରଣ ନିର୍ବାଚନ ସମୟ ପାଖେଇ ପାଖେଇ ଆସୁଛି । ଏହାସହ ରାଜନୈତିକ ଉଷ୍ମତା ବଢୁଛି । ବିଜେପି ଓ ମୋଦୀଙ୍କୁ ପୁଣି ଥରେ ଗାଦି ଦଖଲରୁ ଅଟକାଇବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି ବିରୋଧୀ ଇଣ୍ଡିଆ ମେଂଟ। ହେଲେ ଏହି ମେଂଟରେ ଏବେ ଭିତିରି କନ୍ଦଳ ପଦାରେ ପଡ଼ିଲାଣି। କାରଣ ଦଳର ନେତାମାନେ ତ କହୁଛନ୍ତି ଆମେ ସାଙ୍ଗରେ ଅଛୁ ବୋଲି, ହେଲେ ଏକାକି ଲଢ଼ିବାକୁ ସଜବାଜ ହେବାର ସଙ୍କେତ ବି ଦେଉଛନ୍ତି । ଫଳରେ ମେଂଟ କେଉଁଆଡ଼କୁ ଯାଉଛି, କେମିତି ଇଣ୍ଡିଆ ମେଂଟ ବିଜେପି ଓ ମୋଦୀଙ୍କ ମୁକାବିଲା କରିବ, ତାକୁ ନେଇ ପ୍ରଶ୍ନ ଉଠିଲାଣି। ଏସବୁ ଭିତରେ ଜେଡିୟୁର ଆଭିମୁଖ୍ୟ ଏକ ବଡ଼ ସଙ୍କେତ ଦେଇଛି । ଇଣ୍ଡିଆ ମେଂଟରେ ଆସନ ବୁଝାମଣାକୁ ନେଇ ଜେଡିୟୁ କହିଛି, ବିହାରରେ କଂଗ୍ରେସ ସହ ଆସନ ବୁଝାମଣା କରିବ ନାହିଁ । ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏହି ଦଳ ଲୋକସଭା ନିର୍ବାଚନରେ ରାଜ୍ୟରେ ସର୍ବନିମ୍ନ ୧୬ଟି ଆସନରେ ଲଢ଼ିବ ବୋଲି ନିଷ୍ପତି ନେଇଛି । ତେଣୁ କଂଗ୍ରେସ ସହ ଆସନ ବୁଝାମଣା ବାବଦରେ କଥା ହେବାର ନାହିଁ ବୋଲି ଦଳର ନେତା ତଥା ମନ୍ତ୍ରୀ ସଂଜୟ କୁମାର ଝା ରୋକଠୋକ୍ କହିଛନ୍ତି । ଆରଜେଡି ଯଦି ଚାହିଁବ, ତାହେଲେ ବାମପନ୍ଥୀ ଦଳ ଏବଂ କଂଗ୍ରେସ

▶▶ପୃଷ୍ଠା ୭

# ନୀଳମଣି କଲେଜ ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ



ବସ୍ତା, ୦୬/୧ (ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଫକୀରମୋହନ ବିଶ୍ୱ ବିଦ୍ୟାଳୟ କୁଳ ସଚିବ କୁକୁମିନା ଦାସ କଲେଜ ହେଉଛି ଜ୍ଞାନର ଗନ୍ତାଘର । ଏହାର ବିକାଶ ଧାରାରେ ଛାତ୍ର ଛାତ୍ରୀ, ଅଭିଭାବକ ସାମିଲ ହେବା ଜରୁରୀ ବୋଲି କହିଥିଲେ । ମୁଖ୍ୟ ବକ୍ତା ନୀଳଗିରି ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ପଣ୍ଡା ଯୋଗ ଦେଇ ଶିକ୍ଷା ଓ ଜ୍ଞାନର ଏହି ମନ୍ଦିରକୁ ଗଢି ତୋଳିବା ଦାୟିତ୍ୱ ସମସ୍ତଙ୍କର ବୋଲି କହିଥିଲେ । ଅଧକ୍ଷ ଡ଼. ତପନ କୁମାର ବେହେରା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ପରିଚାଳନା ସମିତି ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ, ଫକୀର ମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଉପସଭାପତି ଅନିଲ କୁମାର ପଟ୍ଟନାୟକ,ସଂସଦ ଉପଦେଷ୍ଟା ଅଧ୍ୟାପକ ବିଜୟ କୁମାର ବେହେରା ପ୍ରମୁଖ ମଞ୍ଚାସିନ ହୋଇ ପୁରାତନ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର ଅସଲ ସମ୍ପତ୍ତି ବୋଲି କହିଥିଲେ । ପୁରାତନ ଛାତ୍ର ତଥା ଅଧ୍ୟାପକ ଗୌରାଙ୍ଗ ପଣ୍ଡାଙ୍କ ମଞ୍ଚ ସଂଯୋଜନାରେ ୨୦୨୨-୨୩ ବର୍ଷର ଯୁକ୍ତ ତିନି ଓ ଯୁକ୍ତ ଦୁଇ ଶ୍ରେଣୀର ସମସ୍ତ ବିଭାଗର ୧୬ ଜଣ ଟପ୍ପର ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମିମେଣ୍ଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସମ୍ପାଦକ ବାଞ୍ଛାନିଧି ଦେ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ଚନ୍ଦନ କୁମାର ଦାସ, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଡେମନଷ୍ଟ୍ରେଟର ବାସନ୍ତୀ ସାହୁ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ ।

## ଫୁଲବାଣୀରେ ପଟ୍ଟା ଥିବା ସତ୍ୱେ ଘର ଭାଙ୍ଗିଲା

କନ୍ଧମାଳ, ୦୬/୧ (ନି.ପ୍ର): ଫୁଲବାଣୀ ସହରରେ ପ୍ରଶାସନର ମନମୁଖୀ କାର୍ଯ୍ୟ ଦେଖିବାକୁ ମିଳିଛି । ସହରରେ ଲୋକେ ସରକାରୀ ଜାଗା ମନ ଇଚ୍ଛା ଜବରଦଖଲ କରି ଘର କରୁଥିବା ବେଳେ ପ୍ରଶାସନ ପକ୍ଷରୁ ପଟ୍ଟା ଥିବା ସତ୍ୱେ ଗତ ୨୮ ତାରିଖରେ ଘର ଭାଙ୍ଗି ଦେବା ଘଟଣାକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ, ଫୁଲବାଣୀ ପୌର ପରିଷଦର ଆଇସିଆଇସିଆଇ ବ୍ୟାଙ୍କ୍ ପଛ ପାଖ ଥିବା ଜମି ପ୍ଲଟ ନମ୍ବର୍ ୭/୧୧ ୱାର୍ଡ ନମ୍ବର- ୮ ର ସ୍ଥାୟୀ ବାସିନ୍ଦା ହଦୀ ସାନ୍ ବିବି ଙ୍କ ଘର ବିନା ନୋଟିସ ରେ ଭାଙ୍ଗି ଦେଇଥିବା ନେଇ ଘର ମାଲିକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । କିଛି ହାତଗଣତି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ ପ୍ରଶାସନ ଏହି କାର୍ଯ୍ୟ କରିଥିବା ଘର ମାଲିକ ହିଦି ସନ୍ ବିବି ଆହୁରି ଅଭିଯୋଗ କରିଥିଲେ । ପ୍ରଶାସନ ସଂଖ୍ୟାଲଘୁ ପରିବାର ପ୍ରତି ଏଭଳି ଅନ୍ୟାୟ କରିବା କେତେଦୂର ଯୁକ୍ତି ଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି ।

# ପ୍ଲାଷ୍ଟିକମୁକ୍ତ ବଣଭୋଜିସ୍ଥଳ ନାମକୁ ମାତ୍ର: ନୋଟିସ୍ ହେଲା, ହେଉନି ଅନୁପାଳନ



ପୁରୀ, ୦୬/୧ (ନି.ପ୍ର): ବଣଭୋଜି ସ୍ଥଳକୁ ଛୁଟୁଛି ଗାଡ଼ି । ଦେବୀ ପୀଠରୁ ନେଇ ଜଙ୍ଗଲରେ ଜମୁଛି ଭୋଜିଭାତର ଆସର । ମାତ୍ର ମଣିଷର ଖୁସି ଭିତରେ କ୍ଷତାକ୍ତ ହେଉଛି ପରିବେଶ । ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ଘୋଷଣା ହେଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏନେଇ ନୋଟିସ ଜାରି କଲା । ଅଥଚ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଲା ନାହିଁ । ସବୁ କିଛି ଘୋଷଣାନାମାରେ ରହିଗଲା । ମା' ରାମଚଣ୍ଡୀ ପୀଠ ସଂଲଗ୍ନ ବଣଭୋଜି ସ୍ଥଳ ହେଉ ଅବା ବାଲିହରଚଣ୍ଡୀ ପୀଠ । ଏବେ ବି ସେଠାରେ ପଡ଼ିଥିବା ପ୍ଲାଷ୍ଟିକ ବର୍ଜ୍ୟ, ଗୋମାତାଙ୍କ ଆହାର ପାଲଟୁଛି । ଏଣେତେଣେ ଉଡ଼ି ପରିବେଶକୁ ପ୍ରଦୂଷିତ କରୁଛି । ବର୍ଷାରେ ଭାସି ସମୁଦ୍ରରେ ମିଶି ସମୁଦ୍ର ଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ସେମାନଙ୍କ ଦାୟିତ୍ୱବୋଧ ବାବଦରେ ସଚେତନ କରାଇବା ସହ ଉକ୍ତ ସ୍ଥାନକୁ ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଦୁଇଟି ପର୍ଯ୍ୟାୟରେ ପୁରୀର ୧୦ଟି ବଣଭୋଜି ସ୍ଥଳରେ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ନିଷେଧ କରାଯାଇଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପୁରୀର ରାମଚଣ୍ଡୀ, ଚନ୍ଦ୍ରଭାଗା ଇକୋ ରିଟ୍ରିଟ, ଟଭାଗୋଲରା ଓ କୁତାମଚଣ୍ଡୀ ବଣଭୋଜି ସ୍ଥଳ ସ୍ଥାନ ପାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବେଲଦଳ ନିକଟସ୍ଥ ପାଳଙ୍ଗ ଭିଏସ୍ଏସ୍, ଲୋଟସ୍ ହୋଟେଲ ନିକଟସ୍ଥ ଅଞ୍ଚଳ, ଲାଇଟ ହାଉସ ନିକଟସ୍ଥ ଅଞ୍ଚଳ, ଜାହାନିଆ, ଗଙ୍ଗାଦେବୀ ଓ ରାଜହଂସରେ ଏହି ନିୟମ ଜାରି ହୋଇଥିଲା । ପରିବେଶକୁ କ୍ଷତି ପହଞ୍ଚାଉଥିବା ପଲିଥିନ କିମ୍ବା ଅନ୍ୟ କୌଣସି ପ୍ଲାଷ୍ଟିକ ପକାଇ ଦୂଷିତ କରିବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ ଫର ୱାଟର' ସହଯୋଗରେ ଏହି ବ୍ୟବସ୍ଥା ଉପରେ ନଜର ରଖାଯିବ ବୋଲି ଘୋଷଣା ହୋଇଥିଲା । ସ୍ୱେଚ୍ଛାସେବୀଙ୍କ ସମେତ ଇକୋ କ୍ଲବ୍, ସ୍ୱୟଂସହାୟକ ଗୋଷ୍ଠୀ, ଡିଇଏସ୍ ଓ ଗ୍ରାମ ପଞ୍ଚାୟତ ମାଧ୍ୟମରେ ବଣଭୋଜି ସ୍ଥଳରେ ସଚେତନ କରାଯିବ ବୋଲି କୁହାଯାଇଥିଲା । ପଲିଥିନ ବ୍ୟବହାର ବାରଣକୁ କଡାକଡି ପାଳନ କରିବା ପାଇଁ ଯୋଜନା ହୋଇଥିଲା । ଲୋକଙ୍କ ବ୍ୟବହାରିକ ପରିବର୍ତ୍ତନ ଥିଲା ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଅମାନିଆଙ୍କ ଯୋଗୁ ସ୍ଥିତିରେ ସୁଧାର ଆସୁନାହିଁ । ଫଳରେ ଏବେ ବି ବଣଭୋଜି ସ୍ଥଳରେ ପଲିଥିନ ଓ ସିଙ୍ଗିଲ ୟୁଜ ପ୍ଲାଷ୍ଟିକ ଆଦି ପୁଣି ଜମା ହେବା ଆରମ୍ଭ ହେଲାଣି । ବଣଭୋଜି ଋତୁ ଆସିଲେ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟରେ ପ୍ରଦୂଷଣର ମାତ୍ରା ବଢ଼ିଯାଏ । ବିଶେଷକରି ପୁରୀର ଅଧିକାଂଶ ବଣଭୋଜିସ୍ଥଳ ସମୁଦ୍ର ସଂଲଗ୍ନ ହୋଇଥିବାରୁ ଏଗୁଡ଼ିକ ସମୁଦ୍ରକୁ ଭାସିଯାଇ ପ୍ରଦୂଷଣ କରିଥାଏ । ସମୁଦ୍ରକୁ ପ୍ଲାଷ୍ଟିକ ବର୍ଜ୍ୟ ନିର୍ଗତ ହେଉଥିବାରୁ ଏହାକୁ ଜେଲିଫିସ୍ ମନେକରି ମାଛମାନେ ଖାଇଦିଅନ୍ତି । ଉକ୍ତ ମାଛକୁ ମଣିଷ ଖାଇବା ଦ୍ୱାରା ରୋଗାକ୍ରାନ୍ତ ହୁଅନ୍ତି । ବଣଭୋଜି ସ୍ଥଳରେ ଭୋଜି ଆୟୋଜନ ହେତୁ ବହୁ ଗାଈଗୋରୁ ବୁଲନ୍ତି । ସେମାନେ ପଲିଥିନ ଗିଳି ଦେଉଥିବାରୁ ଯୋଗୁ ମୃତ୍ୟୁମୁଖରେ ପଡୁଛନ୍ତି । ଏନେଇ ପୁରୀର ବାସିନ୍ଦା ସତ୍ୟନାରାୟଣ ସାହୁ କହିଛନ୍ତି, ନିୟମ ଲାଗୁ ହେବା ସ୍ୱାଗତଯୋଗ୍ୟ । ନିୟମ ଅନୁପାଳନର ଦୁଇଟି ବାଟ ହେଲା, ଜରିମାନା ନଚେତ୍ ସଠିକ୍ ଢଙ୍ଗରେ ବୁଝାଇବା ପାଇଁ ସଚେତନ ନାଗରିକମାନେ ସ୍ୱତଃ ଆଗେଇ ଆସିବା । ସଚେତନ ଜନସାଧାରଣ ନିଜେ ଜଣେ ଜଣେ ବ୍ରାଣ୍ଡ ଆମ୍ବାସଡର ସାଜି ପରିବେଶକୁ ହାନୀ ପହଞ୍ଚାଉଥିବା ବ୍ୟକ୍ତିବିଶେଷଙ୍କ ସହ ଏ ବିଷୟରେ ଆଲୋଚନା କଲେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡ଼ିବ ।

# ଧମାକା କାର୍ଯ୍ୟକ୍ରମର ଶେଷ ଦିନରେ ଦୁଲୁକିଲା ବେତନଟୀ ସହର

ବେତନଟୀ, ୦୬/୧ (ନି.ପ୍ର): ବେତନଟୀରେ ୟଙ୍ଗମ୍ୟାନ ଏସୋସିଏସନ ପକ୍ଷରୁ ଆୟୋଜିତ ୩୦ତମ ରାଜ୍ୟସ୍ତରୀୟ ଧମାକା ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ପୁରସ୍କାରବିତରଣ କାର୍ଯ୍ୟକ୍ରମରେ ରାଜ୍ୟସଭା ସଂସଦଙ୍କ ସମେତ ବହୁ ବିଶିଷ୍ଟ ପଦାଧିକାରୀ ମଞ୍ଚାସୀନ ରହିଥିବା ବେଳେ ଓଲିଉଡ ଗାୟୀକା ଅର୍ପିତା ଚୌଧୁରୀଙ୍କ ସଂଗୀତର ମୂର୍ଚ୍ଛନାରେ ଝୁମିଲେ ହଜାର ହଜାର ଦର୍ଶକ । ପୁରୁଣା ବର୍ଷକୁ ବିଦାୟ ଏବଂ ନୂତନ ବର୍ଷକୁ ସ୍ୱାଗତ ସାହିତ ଅଞ୍ଚଳର ଲୁକ୍କାୟୀତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ସ୍ୱପ୍ନ ନେଇ ଆଜୁକୁ ୩୦ବର୍ଷ ପୂର୍ବରୁ ୟଙ୍ଗମ୍ୟାନ ଏସୋସିଏସନ ଦ୍ୱାରା ଧମାକା ମହୋତ୍ସବର ଶୁଭାରମ୍ଭ କରାଯାଇଥରବା ବେଳେ ଏହା କ୍ରମଶଃ ବ୍ୟାପକ ହୋଇଥିଲା । ବୁଧବାର ଏସୋସିଏସନର ସଭାପତି ରାଜେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଂଗ୍ରେସର ଲୋକସଭା ପ୍ରାର୍ଥୀ ତଥା ସଂଗଠକ ନବଜ୍ୟୋତି ପଟ୍ଟନାୟକ, ରାଜ୍ୟସଭା ସଂସଦ ମମତା ମହାନ୍ତ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଶିକ୍ଷାବିତ ତଥା ସମାଜସେବୀ ଦମ୍ପତ୍ତି ବିକାଶଚନ୍ଦ୍ର ସେଠୀ ଏବଂ ମିଲି ସେଠୀ, କ୍ଷୀରୋଦଚନ୍ଦ୍ର ପାତ୍ର, ରାଷ୍ଟ୍ରାୟତ୍ତ ପିଏନବି ବ୍ୟାଙ୍କର ବେତନଟୀଶାଖା ପ୍ରବନ୍ଧକ କମଳେନ୍ଦୁ ବେହେରା, ଦୀପକ ମହାପାତ୍ର, ଏସୋସିଏସନର ଚେୟାରପର୍ସନ ପ୍ରଦୀପ ସାମଲ, ଭାଇସ ଚେୟାରପର୍ସନ ପ୍ରମୋଦ ପାଢୀ ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସୀନ ରହିଥିଲେ । ଚାରିଦିନବ୍ୟାପୀ ଚାଲିଥିବା ଏହି ରାଜ୍ୟସ୍ତରୀୟ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବେତନଟୀ ବସଷ୍ଟାଣ୍ଡ ସାର୍ବଜନୀନ ଦୂର୍ଗାପୂଜା କମିଟି, ଆନନ୍ଦବଜାର ଦୂର୍ଗାପୂଜା କମିଟି, କଙ୍କାକାଳିଆ ଦୂର୍ଗାପୂଜା କମିଟି ଏବଂ ବଙ୍ଗଲାଛକ ଦୂର୍ଗାପୂଜା କମିଟିର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ମଧ୍ୟରେ ସମାଜ ସେବୀ ବିକାଶ ଚନ୍ଦ୍ର ସେଠି ଆଇଏଏସ, ଆଇପିଏସ, ବ୍ୟାଙ୍କିଙ୍ଗ, ଅମିନ ଇତ୍ୟାଦି ରୁଚି ରଖିଥିବା ପିଲାମାନଙ୍କୁ ଉକ୍ତ ପୁସ୍ତକ ମାନ ବଣ୍ଟନ କରିଥିଲେ । ପୁରସ୍କାର ବିତରଣ ପରେ ଓଲିଉଡ ଗାୟୀକା ଅର୍ପିତା ଚୌଧୁରୀଙ୍କ ସଂଗୀତର ମୂର୍ଚ୍ଛନା ସାଙ୍ଗକୁ ଭୁବନେଶ୍ୱରରୁ ଆସିଥିବା ଓର୍କେଷ୍ଟ୍ରା ଦଳର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ହଜାରହଜାର ଦର୍ଶକ ମସଗୁଲ ହୋଇଯାଇଥିଲେ । ପରିଚାଳନାରେ ଆୟୋଜକ ୟଙ୍ଗମ୍ୟାନ ଏସୋସିଏସନର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ବିପଦରେ ଭିତରକନିକାର ଲୁଣା ଜଙ୍ଗଲ

ପଟ୍ଟାମୁଣ୍ଡାଇ, ୦୬/୧ (ନି.ପ୍ର): ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀର ତ୍ରିକୋଣଭୂମିରେ ଗଢି ଉଠିଥିବା ତଥା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଭିତରକନିକା ଏବେ ବିପଦରେ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗୋଟେ ପଟେ ସମୁଦ୍ର ଜଙ୍ଗଲ ମଧ୍ୟକୁ ମାଡ଼ି ଆସୁଛି । ଅନ୍ୟପଟେ ବ୍ରାହ୍ମଣୀ, ବୈତରଣୀ ନଦୀ ପୋତି ହୋଇ ପଠା ସୃଷ୍ଟି ହେବା ଯୋଗୁଁ ଲୁଣା ଜଙ୍ଗଲ ମଧ୍ୟକୁ ମଧୁର ଜଳସ୍ରୋତ ନିୟମିତ ଭାବେ ହ୍ରାସ ପାଉଛି । ଭିତରକନିକା ମଧ୍ୟକୁ ମଧୁର ଜଳସ୍ରୋତ କମିବା ଯୋଗୁଁ ବଗଗହନ, ମଠଆଡିଆ, ପ୍ରଭାତି ନିକଟରେ ହଜାର ହଜାର ଲୁଣା ଗଛ ମରିଯିବା ଏହାର ଉଦାହରଣ । ଅବଶ୍ୟ ବ୍ୟାପକ ବୃକ୍ଷରୋପଣ ଯୋଗୁଁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରେ ଭିତରକନିକାରେ ଲୁଣା ଜଙ୍ଗଲ ପରିସୀମା ବୃଦ୍ଧି ପାଇଥିଲେ ମଧ ଜାତୀୟ ଉଦ୍ୟାନ ମଧ୍ୟକୁ ମଧୁରଜଳ ପରିମାଣ ହ୍ରାସ ପାଉଛି । ତାହା ଲୁଣା ଜଙ୍ଗଲ ଓ ଭିତରକନିକାର ଜୈବ ବିବିଧତା ପ୍ରତି ବଡ଼ ବିପଦକୁ ଡାକି ଆଣୁଛି । ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ-୨୦୨୧ ଅନୁସାରେ, ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ଗତ ୨ ବର୍ଷରେ ଲୁଣା ଜଙ୍ଗଲ ସବୁଠୁ ଅଧିକ ବୃଦ୍ଧି ପାଇଛି । ସାରା ଭାରତରେ ୧୭ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ବୃଦ୍ଧି ପାଇଥିବା ବେଳେ ସେଥିମଧ୍ୟରୁ ଓଡିଶାରେ ୮-୩୪ ବର୍ଗ କିଲୋମିଟର ଓ କେବଳ ଭିତରକନିକା ଜାତୀୟ ଉଦ୍ୟାନରେ ୭.୭୬ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ବୃଦ୍ଧି ପାଇଛି । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ଏହି ରିପୋର୍ଟ ଆମକୁ ଉଲ୍ଲସିତ କରୁଛି । ମାତ୍ର ପ୍ରକୃତ ସ୍ଥିତି ଏବେ ଭିତରକନିକାକୁ ସଂକଟ ମଧ୍ୟକୁ ଟାଣି ଆଣିଲାଣି । ଭିତରକନିକାର ବଗଗହନ, ମଠଆଡିଆ ଓ ପ୍ରଭାତି ନିକଟରେ ବିଦଳ ହଜାର ହଜାର ଲୁଣା ଗଛ ମରିଯିବା ଖବର ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି କରିଛି । ଜୁଆର ପାଣି ହାର କମି କମି ପାଣି ମାଡ଼ିବା ବନ୍ଦ ହୋଇଯିବା ଯୋଗୁଁ ଗତ ୫ ବର୍ଷରେ ଏହି ୩ଟି ସ୍ଥାନରେ ଲୁଣା ଜଙ୍ଗଲର ଅପମୃତ୍ୟୁ ସାମ୍ନାକୁ ଆସିଥିଲା । ମଧୁରଜଳ ସ୍ରୋତ ଭିତରକନିକାକୁ ନିୟମିତ ଭାବେ ହ୍ରାସ ପାଇବା ମଧ ଭିତରକନିକା ପ୍ରତି ବିପଦ ସୃଷ୍ଟି କରିଛି । ହେନ୍ତାଳ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣର ମଧୁର ଓ ଲୁଣି ଜଳ ଆବଶ୍ୟକ । ନଦୀମାନଙ୍କରେ ପ୍ରବାହିତ ମିଠା ପାଣି ଓ ସମୁଦ୍ରରୁ ପ୍ରତିଦିନ ଜୁଆରରେ ଆସୁଥିବା ଲୁଣି ପାଣିର ମିଶ୍ରଣରେ ଲୁଣା ଜଙ୍ଗଲ ବଂଚି ରହିଥାଏ । ବ୍ରାହ୍ମଣୀ ଓ ବୈତରଣୀ ନଦୀର ମଧୁର ଜଳସ୍ରୋତ ଧିରେ ଧିରେ କମିବାରେ ଲାଗିଛି । ୧୬ ଅକ୍ଟୋବର ୨୦୨୨ରେ ବନବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମଧୁରଜଳ ପରିମାଣ ହ୍ରାସ ପାଇବାରେ ଲାଗିଛି, ମରିଯାଉଛି ହଜାର ହଜାର ଲୁଣା ଗଛବୋଲି ଦର୍ଶାଇଥିଲେ । କର୍ତ୍ତୃପକ୍ଷ ଓ ଦିଲ୍ଲୀସ୍ଥିତ ଜିଇଜେଡ୍ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଭିତରକନିକା ଜାତୀୟ ଉଦ୍ୟାନକୁ ୭୦ ପ୍ରତିଶତ ମଧୁର ଜଳ ପ୍ରବାହିତ ହେଉଥିଲା । ତାହା ଏବେ ବର୍ଷା ଦିନେ ୪୦ ପ୍ରତିଶତକୁ ଖସି ଆସିଥିବା ବେଳେ ଖରାଦିନେ ଏହା ୧୫ ପ୍ରତିଶତ ମଧ୍ୟରେ ରହୁଛି । ଯାହାକୁ ଲୁଣା ଜଙ୍ଗଲ ପ୍ରତି ଭୟଙ୍କର ବିପଦକୁ ଡାକି ଆଣୁଛି । ସ୍ଲୋ ମେଥଡ୍ ପକ୍ରିୟାରେ ଲୁଣା ଗଛ ଗୁଡିକ ପ୍ରଭାବିତ ହୋଇଥାଏ । ଏବେଠୁ ଯଦି ଏ ନେଇ ପଦକ୍ଷେପ ନିଆନଯାଏ, ଆଉ କିଛିଦିନ ପରେ ଭିତରକନିକାରେ କିଛି ପ୍ରଜାତିର ଲୁଣା ଜଙ୍ଗଲ ଲୋପ ପାଇଯିବାର ଆଶଙ୍କା ଏଡ଼ାଯାଇନପାରେ ବୋଲି ମତ ପ୍ରକାଶ ପାଇଥିଲା । ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ର ଜନବସତିକୁ ମାଡିଯିବା ଯୋଗୁଁ ସାତଭାୟାବାସୀଙ୍କୁ ବିସ୍ଥାପିତ ହେବାକୁ ପଡିଛି । ଏବେ ବଙ୍ଗୋପସାଗର ସାତଭାୟାର ପୁରୁଣା ଜନବସତି ଠାରୁ ଏକକୂଳା ଯାଏଁ ୧୨ କି.ମି. ବେଳାଭୂମିରେ ତାଣ୍ଡବ ରଚୁଛି । ସାତଭାୟାରୁ ଏକକୂଳା ଯାଏଁ ଥିବା ବାଲିପାହାଡକୁ ଅଧିକାଂଶ ସ୍ଥାନରେ ସମୁଦ୍ର ଧୋଇ ନେବା ପରେ ଏବେ ସମୁଦ୍ର ଜୁଆର ଲୁଣା ଜଙ୍ଗଲ ମଧ୍ୟରେ ତାଣ୍ଡବ ରଚୁଛି ।

## ପର୍ଯ୍ୟଟକଙ୍କ ମନମୋହୁଛି ଗାରିଆ ଡୁଡୁମା ଜଳପ୍ରପାତ

ମାଲକାନଗିରି, ୦୬/୧ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମାଲକାନଗିରି ଜିଲା । ମନମୋହୁଛି ଆଦିବାସୀ ପାହାଡ ଘେରି ରହିଥିବା ଗାରିଆ ଡୁଡୁମା ଜଳପ୍ରପାତ । ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲି ଛକରୁ ମାତ୍ର ୭ କିଲୋମିଟର ଗଲା ପରେ ପଡେ ଏହି ଜଳପ୍ରପାତ । ପାହାଡ ଘେରା ବଣଜଙ୍ଗଲର ମନୋରମ ପରିବେଶ ଭିତରେ ଏହି ଝରଣା ପ୍ରତିଟି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି । ଯାହାପାଇଁ ଏଠାକୁ ପ୍ରତିଦିନ ଲାଗୁଛି ଦୂରଦୂରାନ୍ତରୁ ଲୋକଙ୍କ ଭିଡ । ପ୍ରକୃତିକୁ ମନଭରି ଉପଭୋଗ କରିବା ସହିତ ଜମୁଛି ବଣଭୋଜିର ଆସର । ପାହାଡି ଝରଣାକୁ ପାହାଡ ଉପରୁ ସିଧାସଳଖ ଦେଖିବାର ମଜା ନେଉଛନ୍ତି ପର୍ଯ୍ୟଟକ । ଏନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି ପଂଚାୟତର ଲୋକ ଓ ପଂଚାୟତ ନିର୍ବାହୀ ଅଧିକାରୀ ଅଶୋକ ମହାରଣା । ମୋରମ ରାସ୍ତା ସହିତ ସେହି ସ୍ଥାନରେ ଯାନବାହାନ ମଧ ଯିବାର ସୁବିଧା ରହିଛି ।

# କାର୍ଯ୍ୟକ୍ଷମ ହୋଇପାରୁନି ଘୁ.ଉଦୟଗିରିରେ ନୂଆ ବସ୍‌ଷ୍ଟାଣ୍ଡ: ନିର୍ମାଣ ପାଇଁ ପ୍ରଶାସନର ନାହିଁ ତତ୍ପରତା



ଘୁ.ଉଦୟଗିରି, ୦୬/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ ଓ ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ରେ ସମୁଦାୟ ଜନସଂଖ୍ୟା ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ହେବ । ପ୍ରତିଦିନ ଶହଶହ ଗାଡ଼ି ଘୁ.ଉଦୟଗିରି ଦେଇ ବିଭିନ୍ନ ଜିଲ୍ଲାକୁ ଗମନାଗମନ କରୁଥିବା ବେଳେ ହଜାର ହଜାର ଲୋକ ଏଠାକୁ ଆସିଥାନ୍ତି । ଶୀତଦିନରେ ବାହାର ଲୋକଙ୍କର ସଂଖ୍ୟା ବଢ଼ି ଯାଇଥାଏ । ଓଡ଼ିଶାର ଦାର୍ଜିଂଲ କୁହାଯାଉଥିବା ଘୁମୁସର ଉଦୟଗିରିରେ ଥଣ୍ଡା ଅନୁଭବ କରିବା ପାଇଁ ଲୋକଙ୍କର ସମାଗମ ହୋଇଥାଏ । କିନ୍ତୁ ଏଠି ବସ୍‌ଷ୍ଟାଣ୍ଡ ଟିଏ ନଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଦିନ ହେଉ କିମ୍ବା ରାତି ବନ୍ଧ ଛକ, ଗାନ୍ଧୀ ଛକ, ବରାଳିନି ମାର୍କେଟ ନିକଟରେ ବସ୍ ଅପେକ୍ଷା କରନ୍ତି । ଦୁର୍ଭାଗ୍ୟର ବିଷୟ ଖରା, ବର୍ଷା ଓ ପ୍ରଚଣ୍ଡ ଥଣ୍ଡାରେ ଖୋଲା ଆକାଶ ତଳେ ଗାଈ, ଗୋରୁ, କୁକୁର, ଛେଳିଙ୍କ ସହ ବସ୍ ଅପେକ୍ଷାରେ ସ୍ଥାନୀୟ ଅଞ୍ଚଳବାସୀ । ସ୍ୱତନ୍ତ୍ର ବସ୍‌ଷ୍ଟାଣ୍ଡ ନଥିବା ଯୋଗୁଁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ସରକାରଙ୍କ ତରଫରୁ ଘୁ ଉଦୟଗିରି ଠାରେ ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନୂତନ ଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି କାମ ହୋଇ ପାରିନାହିଁ । ଯଦିଓ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇ ଶ୍ରୀରାମପଦା ଠାରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ । ବିଗତ କିଛି ଦିନ ହେବ ବିଭିନ୍ନ ଖବରକାଗଜରେ ସ୍ଥାନୀୟ ଅଞ୍ଚଳର ବସଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ଖବର ପ୍ରସାରଣ ପରେ ପ୍ରଶାସନ ତରଫରୁ ସେ ନେଇ ତତ୍ପରତା ଦେଖିବାକୁ ମିଳିଥିଲା ଓ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ନିକଟରେ ଏକ ବସ୍‌ଷ୍ଟପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ତାହା ମଧ ଏବେ ଅସମ୍ପୂର୍ଣ୍ଣ ଅବସ୍ଥାରେ । ଆଜି ପର୍ଯ୍ୟନ୍ତ ନାଁ ପୁରୁଣା ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲା ନା ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲା । ସବୁ ଯୋଜନା ଯୋଜନାରେ ହିଁ ରହିଗଲା । ପ୍ରଶାସନ ତରଫରୁ ତତ୍ପରତା ନ ଥିବା ଯୋଗୁଁ ଏହି ପରି ଘୁ.ଉଦୟଗିରିରେ ସରକାରଙ୍କ ସମସ୍ତ ଯୋଜନା ଯୋଜନାରେ ହିଁ ରହିଯାଉଛି । ଫଳରେ ନା ଜନସାଧାରଣ ଉପକୃତ ହେଉଛନ୍ତି ନା ସରକାରଙ୍କ ଯୋଜନା ଫଳପ୍ରଦ ହେଉଛି । ଯାଥା ଶୀଘ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ କାମ କରି ତାହାକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଘୋଷଣା କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରାଶାସନିକ ଅଧିକାରୀଙ୍କୁ ନିବେଦନ କରିଛନ୍ତି ସ୍ଥାନୀୟ ବାସିନ୍ଦା ।

# ବସ୍ତା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରତିଷ୍ଠିତ




ବସ୍ତା, ୦୬/୧ (ନି.ପ୍ର): ଶୁକ୍ରବାର ବସ୍ତା ବ୍ଲକରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ୍ ସଶକ୍ତି କରଣ ବିଭାଗ ଦ୍ୱାରା ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୁଲ୍ୟରେ ଭିନ୍ନକ୍ଷମ ଶିବିର ପ୍ରତିଷ୍ଠିତ ହୋଇଥିଲା । ଏଥିରେ ସମଗ୍ର ବ୍ଲକ୍‌ର ୩୧ ପଞ୍ଚାୟତ ରୁ ୪୫୬ ଜଣ ଭିନ୍ନକ୍ଷମ ଙ୍କର ଅଙ୍ଗ ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ନାସା, କର୍ଣ୍ଣ, ଗଳା ବିଭାଗର ୧୨୮, ଅସ୍ଥି ଶଲ୍ୟ ବିଭାଗର ୨୦୯, ଦୃଷ୍ଟି ବିଭାଗର ୫୮ ଓ ଅନ୍ୟାନ୍ୟ ବିଭାଗର ୬୧ ଜଣ ଅଛନ୍ତି । ସେମାନଙ୍କୁ ପରେ ପ୍ରମାଣପତ୍ର ଦିଆଯିବ ବୋଲି ଜଣାପଡିଛି । ମାତ୍ର ଜଣଙ୍କୁ ଟ୍ରାଇ ସାଇକଲ ଦିଆଯାଇଛି । ଏହି ଶିବିରରେ ଡ଼ାକ୍ତରଙ୍କ ବ୍ୟତୀତ ବିଡ଼ିଓ ମୋହିନୀ କୁମାର ନାୟକ, ତହସିଲଦାର ରାଧାରଞ୍ଜନ ଦାସ, ବ୍ଲକ୍ ଅଧକ୍ଷା ଅଞ୍ଜଳି ଦାସ , ଉପାଦ୍ଧକ୍ଷ ଦିଲୀପ ଦାସ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟା ଦାସଙ୍କ ସମେତ୍ ସମସ୍ତ ବିଭାଗୀୟ ଅଧକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅଧିକରୁ ଅଧିକ ଲୋକ ମତଦାନ ପ୍ରକ୍ରିୟାରେ ଭାଗ ନେବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ମାଲକାନଗିରି, ୫ ଜାନୁଆରୀ (ହି.ସ.)- ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଫାଇନାଲ ଇଲେକ୍ଟରାଲ ରୋଲକୁ ପ୍ରକାଶ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଏବଂ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ, ବେଦବର ପ୍ରଧାନ ଓ ଜିଲ୍ଲା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଡଃ. ଅକ୍ଷୟ କୁମାର ଖେମୁଣ୍ଡଙ୍କ ଉପସ୍ଥିତିରେ ସମସ୍ତ ରାଜନୈତିକ ଦଳଙ୍କୁ ଏହି ପୁସ୍ତିକାକୁ ପ୍ରଦାନ କରାଯାଇଛି । ଜିଲ୍ଲାପାଳ କହିଛନ୍ତି ଯେ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ପାଖାପାଖି ୧୫ ହଜାର ନୂତନ ଭୋଟରଙ୍କୁ ସାମିଲ କରାଯାଇଛି ଯେଉଁଥିରେ ପ୍ରାୟ ୮ ହଜାର ମହିଳା ଥିବା ବେଳେ ୭ ହଜାର ପୁରୁଷ ରହିଛନ୍ତି । ସମଗ୍ର ରାଜ୍ୟରେ ୧୮ ରୁ ୧୯ ବର୍ଷ ବୟସର ଯୁବ ଭୋଟରଙ୍କୁ ପଞ୍ଜିକରଣ କରିବାରେ ମାଲକାନଗିରି ଜିଲ୍ଲା ସବୁଠାରୁ ଆଗରେ ରହିଛି । ଆଗାମୀ ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଲୋକ ଭାଗ ନେଇ ମତଦାନ ହାରକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି । ସେହିପରି ଜିଲ୍ଲା ନିର୍ବାଚନ ପଞ୍ଜିକରଣ ଅଧିକାରୀ କହିଛନ୍ତି ଯେ, ୨୦୨୩ ମସିହାରେ ପ୍ରାୟ ୨୯ ହଜାର ନୂତନ ଭୋଟରଙ୍କୁ ସାମିଲ କରାଯାଇଛି । ମହିଳାଙ୍କ ସମେତ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ବଢ଼ିଛି । ବିଶେଷ ଭାବେ ଭିନ୍ନକ୍ଷମ ଓ ବରିଷ୍ଠଙ୍କ ନିମନ୍ତେ ରାମ୍ପ ଓ ହ୍ୱିଲ ଚେୟାର ଇତ୍ୟାଦିର ବ୍ୟବସ୍ଥାକୁ ଧ୍ୟାନ ଦିଆଯାଇଛି । ଆଗାମୀ ୮ ଜାନୁଆରୀରୁ ୨୯ ଫେବୃଆରୀ ପର୍ଯ୍ୟନ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଏବଂ ଜିଲ୍ଲାର ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟଦାନ ମେସିନ ତଥା ଇଭିଏମ ବ୍ୟବହାର ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

ସୂଚନା ଥାଉ କି, ଜିଲ୍ଲାରେ ବର୍ତମାନ ୪ ଲକ୍ଷ ୪୯ ହଜାର ୨୨୯ ଜଣ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୧୭ ହଜାର ପୁରୁଷ ଥିବା ବେଳେ ୨ ଲକ୍ଷ ୩୧ ହଜାର ୪୪୫ ଜଣ ମହିଳାଙ୍କ ସମେତ ୪୪ ଜଣ ଅନ୍ୟ ବର୍ଗର ରହିଛନ୍ତି । ଇଲେକ୍ଟରାଲ ରୋଲ ପୁସ୍ତିକାକୁ ସ୍ୱଚ୍ଛ ରଖିବା ନିମନ୍ତେ ବହୁତ ସତର୍କତା ଅବଲମ୍ବନ କରି ବିଯୋଗ କରାଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ୨୦୨୩ ରେ ଘରକୁ ଘର ବୁଲି ଏହି ପ୍ରକ୍ରିୟା ସମ୍ପାଦନ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ କଂଗ୍ରେସ ପକ୍ଷରୁ ସରୋଜ କୁମାର ପାତ୍ର, ବିଜେପି ପକ୍ଷରୁ ମାଣିକ ଲାଲ ଚକ୍ରବର୍ତ୍ତୀ, ବିଜେଡି ପକ୍ଷରୁ ଧନୁର୍ଜ୍ଜୟ ମାଡ଼କାମୀ, ସିପିଆଇ (ଏମ୍) ପକ୍ଷରୁ ବ୍ରଜ ମାଝୀ, ବିଏସପି ପକ୍ଷରୁ ଜାରାଶବର ମାଢୀ ଏବଂ ଆପ୍ ପକ୍ଷରୁ କେ ଦେଶୀ ରାଜୁ ଆଚାରୀ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଜାନୁଆରୀ ୨୦୨୪
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୩୨
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ପ୍ରଭାତ ହେବା ପୂର୍ବରୁ କମ୍ପି ଉଠିଥିଲା ଅଯୋଧ୍ୟା ନଗରୀ । ଶଙ୍ଖ ହୁଳହୁଳି ଧ୍ୱନି ସାଂଗକୁ ବେଦମନ୍ତ୍ରର ଉଚ୍ଚାରଣ ଅଯୋଧ୍ୟା ନଗରୀରେ ଅମୃତ ବୃଷ୍ଟି କରୁଥିଲା । ପ୍ରଭାତ ପକ୍ଷୀମାନଙ୍କର ସୁମଧୁର କାକଳି, ଧୀର ମନ୍ଦ ମଧୁର ମଳୟର ସଞ୍ଚାର, ଅଯୋଧ୍ୟାର ରାଜଦାଣ୍ଡରୁ ରାଜ ଅନ୍ତଃପୁର ପର୍ଯ୍ୟନ୍ତ ବିଛେଇ ହୋଇ ପଡ଼ିଥିବା ପୁଷ୍ପର ସୁଗନ୍ଧ ସାଂଗକୁ ଚନ୍ଦନ ଅଗରୁର ସୁବାସ ଅଯୋଧ୍ୟାରେ ସୃଷ୍ଟି କରୁଥାଏ ଏକ ନୈସର୍ଗିକ ପରିବେଶ । ଅଳ୍ପ ସମୟ ପରେ ପୂର୍ବଦିଗକୁ ନୂତନ ଆଲୋକରେ ଉଦ୍ଭାସିତ କରି ଉଦୟ ହେବେ ଦିନନାଥ । ଏହାପରେ ଆରମ୍ଭ ହେବ ମଂଗଳ ଅନୁଷ୍ଠାନ ।

ସହସା ଅଯୋଧ୍ୟା ନଗରୀରେ ଯେମିତି ଏକ ବିସ୍ଫୋରଣ ଘଟିଲା । କ'ଣ ହେଲା, କ'ଣ ହେଲା ବୋଲି ସମସ୍ତେ ଚିତ୍କାର କରି ଉଠିଥିଲେ । କ୍ଷଣକ ମଧ୍ୟରେ ଥମି ଯାଇଥିଲା କୋଳାହଳ । ସେହି କୋଳାହଳ ପୂର୍ଣ୍ଣ ସ୍ଥାନରେ ବିରାଜିଥିଲା ମହାଝଡ଼ ପରର ନିସ୍ତବ୍ଧତା । ଭୀତତ୍ରସ୍ତ ହରିଣୀ ତୁଲ୍ୟ ସମସ୍ତଙ୍କ ଚକ୍ଷୁ ଚଳଚଞ୍ଚଳ । ସମସ୍ତେ ସ୍ଥିର, ଚଳତ୍‌ଶକ୍ତି ହୀନ । ତୁଣ୍ଡରେ ଭାଷା ନାହିଁ । କ'ଣ ହେଲା କ'ଣ ହେଲା ଏଠାରେ ।

ମହର୍ଷି ବିଶ୍ୱାମିତ୍ର ତୁଣ୍ଡରେ ପଦଟିଏ, "ଆଜିର ଏ ଅଭିଷେକ ଉତ୍ସବକୁ ବନ୍ଦ କରାଗଲା ।" ଅଭିଷେକ ସ୍ଥଗିତ ହେବା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । କ'ଣ ପାଇଁ ଅଯୋଧ୍ୟାରେ ଏ ପ୍ରକାରର ଅଘଟଣ ? କିଏ, କ'ଣ ପାଇଁ ଏ ଅନୁଷ୍ଠାନରେ ବ୍ୟାଘାତ ଘଟାଇଲେ ମହର୍ଷି ବିଶ୍ୱାମିତ୍ର ସେକଥା ଜନସମାଜକୁ ଶୁଣାଉ ନଥିଲେ । ମହାରାଜ ଦଶରଥ କାନ୍ଦିକାନ୍ଦି ଆସି କହିଥିଲେ, ଏ ଅଭିଷେକ ଉତ୍ସବକୁ ବନ୍ଦକର । ବନ୍ଦକର ଆନନ୍ଦ ଉତ୍ସବ । ରାମ ମୋର ରାଜ ସିଂହାସନରେ ବସିବ ନାହିଁ । ଏହିକଥା କହି ସେ ମୂର୍ଚ୍ଛା ହୋଇ ଯାଇଥିଲେ । ବିଶ୍ୱାମିତ୍ର କହିଥିଲେ ମହାରାଜ ଦଶରଥଙ୍କ ଚେତା ଫେରିବା ପରେ ଅଭିଷେକ କାହିଁକି ସ୍ଥଗିତ ହେଲା ତାହା ସମସ୍ତଙ୍କୁ ଜଣାଇ ଦିଆଯିବ । ରାଜବୈଦ୍ୟଙ୍କୁ ଖବର ଦିଆଗଲା । ସେ ସଂଗେସଂଗେ ମୋ ଶଶୁରଙ୍କ ମୁଖରେ ଶୀତଳ ଜଳ ସିଞ୍ଚି ଔଷଧ ଉପଚାର କରିବା ଦ୍ୱାରା ତାଙ୍କର ସଂଜ୍ଞା ଫେରି ଆସିଥିଲା । ତାଙ୍କ ଚତୁଃପାର୍ଶ୍ୱରେ ରୁଣ୍ଡ ହୋଇ ତାଙ୍କ ମୁଖକୁ ଅନାଇ ସ୍ତବ୍ଧ ହୋଇ ଛିଡ଼ା ହୋଇଥିବା ଜନତାଙ୍କୁ ଦେଖି ଭୋ.... ଭୋ... ହୋଇ କାନ୍ଦି ଉଠି ସେ କହିଥିଲେ, "ମୋର ସର୍ବନାଶ ହୋଇଯାଇଛି । ମହାରାଜ ଦଶରଥର ଆଜି ମୃତ୍ୟୁ ହୋଇ ଯାଇଛି। ତା' ସହିତ ମୃତ୍ୟୁ ହୋଇଯାଇଛି ଅଯୋଧ୍ୟା ରାଜବାଟୀରୁ ସତ୍ୟ, ଧର୍ମ, ନୀତି, ନ୍ୟାୟ ଆଦର୍ଶର ।" ତାଙ୍କ ମୁଖକୁ ଅନାଇ ମହର୍ଷି ବିଶ୍ୱାମିତ୍ର କହିଥିଲେ, "ମହାରାଜ ଦଶରଥ, କ'ଣ ହୋଇଛି ତୁମର ? ଆଜକୁ ଏକମାସ ଧରି ଅଯୋଧ୍ୟାରେ ମହା ଉତ୍ସବ ଲାଗି ରହିଛି । ସାତଦିନର ମହାଯଜ୍ଞାନୁଷ୍ଠାନ ଶେଷ ହୋଇଛି । ଆଜି ତୁମର ଜ୍ୟେଷ୍ଠପୁତ୍ର ରାମର ଅଭିଷେକ ହେବ। ପ୍ରଭାତର ପ୍ରଥମ ମୁହୂର୍ତ୍ତରେ ତୁମେ ଶୁଣାଉଛ ଏ ଅଭିଷେକ ହେବନାହିଁ । କ'ଣ ହୋଇଛି ? ତୁମେ ଏପରି କାନ୍ଦୁଛ କାହିଁକି ?

ତାଙ୍କ ପାଦତଳେ ପଡ଼ି ମୋ ଶଶୁର କହିଥିଲେ, ମୋତେ ଆପଣ ଅଭିଶାପ ଦିଅନ୍ତୁ ମହର୍ଷି । ମୋ ବଚନ ମୁଁ ରଖିପାରୁ ନାହିଁ । ରାମ ମୋର ଅଯୋଧ୍ୟା ସିଂହାସନରେ ବସିପାରିବ ନାହିଁ।

କାହିଁକି ? କାହିଁକି ? କାହିଁକି ? ସମସ୍ତଙ୍କ ମୁଖରେ ପ୍ରଶ୍ନ ।

ସେଠାରେ ରୁଣ୍ଡ ହୋଇଥିବା ରାଜ କର୍ମଚାରୀ ଠାରୁ ଆରମ୍ଭ କରି ସାଧାରଣ ପ୍ରଜାଙ୍କ ତୁଣ୍ଡରେ ସେହି ଗୋଟାଏ ପ୍ରଶ୍ନ କାହିଁକି ? କାହିଁକି ରାଜକୁମାର ରାମଚନ୍ଦ୍ର ସିଂହାସନ ଆରୋହଣ କରିପାରିବେ ନାହିଁ ? କି ଦୋଷ ତାଙ୍କର ?

ଜନତାଙ୍କ ପ୍ରଶ୍ନର କିଛି ଉତ୍ତର ଦେବା ପୂର୍ବରୁ ମୋ ଶଶୁର ପୁଣି ସଂଜ୍ଞା ହରାଇ ବସିଥିଲେ। ଅଯୋଧ୍ୟାରେ ସାଧୁସନ୍ଥ, ମୁନିଋଷି, ନିମନ୍ତ୍ରିତ ରାଜା ପ୍ରଜା ହଜାର ହଜାର ସଂଖ୍ୟାରେ ଆସି ରାଜ ଦରବାରରେ ଠୁଳ ହୋଇଗଲେଣି । ସମସ୍ତେ ହତବାକ୍ । କାଲି ସନ୍ଧ୍ୟାରେ ସବୁ ଠିକ୍ ଥିଲା । ହଠାତ୍ ରାତି ପାହିବା ବେଳକୁ କ'ଣ ପାଇଁ ଏ ଅଘଟଣ । କାହାରି ତୁଣ୍ଡରେ ଭାଷା ନାହିଁ । ସମସ୍ତେ ନିରବ। ଅଯୋଧ୍ୟାପୁରର ସମସ୍ତ ରମଣୀ ମୋର, ଜ୍ୟେଷ୍ଠ ଶାଶୁ, କନିଷ୍ଠ ଶାଶୁଙ୍କ ସହିତ ଆମେ ଚଉରିଭଉଣୀ, ଅନ୍ୟାନ୍ୟ ଅନ୍ତେଃବାସିନୀ ସମସ୍ତେ ଆସି ଉଭା ହେଲୁଣି, ଏ କି ପ୍ରକାର ଦୁଃସମ୍ବାଦ ଅଯୋଧ୍ୟାରେ ଶୁଣାଯାଉଛି ବୋଲି ଜାଣିବା ପାଇଁ । ଏହିସମୟରେ ମୋ ସ୍ୱାମୀଙ୍କ ସହିତ ଅନ୍ୟ ଦୁଇଭାଇ ଯାଇ ସେ ସ୍ଥାନରେ ପହଞ୍ଚିଥିଲେ । ତାଙ୍କୁ ଦେଖି ବିଶ୍ୱାମିତ୍ର ପ୍ରଶ୍ନ କରିଥିଲେ, "ରାମ ତୁମେ କିଛି ଜାଣିଛ । କ'ଣ ପାଇଁ ତୁମ ପିତା ଅଭିଷେକ ହେବନାହିଁ ବୋଲି କହୁଛନ୍ତି ?

ଧୀର ତଥା ଗମ୍ଭୀର ସ୍ୱରରେ ମୋ ସ୍ୱାମୀ କହିଥିଲେ, ପିତା ଠିକ୍ କହିଛନ୍ତି ଗୁରୁଦେବ । ଏ ଅଭିଷେକ ଆଉ ହୋଇପାରିବ ନାହିଁ । ଯାହା ପାଇଁ ଅଭିଷେକ ସେ ଏ ରାଜ୍ୟ, ଏ ରାଜ ସିଂହାସନ ପରିହାର କରି ଚଉଦବର୍ଷ ପାଇଁ ବନଯାତ୍ରା କରିବ ।

ରାମ ! ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଗୁରୁ ବିଶ୍ୱାମିତ୍ର ।

କର୍କଶ କଣ୍ଠରେ କୁଳଗୁରୁ ବଶିଷ୍ଠ କହିଥିଲେ, ରାମ, ତୁମେ ଏ କ'ଣ କହୁଛ ? ତୁମେ ସଜ୍ଞାନରେ ଅଛ ତ ?

ହଁ ଗୁରୁଦେବ ମୁଁ ସଜ୍ଞାନରେ ଅଛି । ମୋ ପିତୃସତ୍ୟ ରକ୍ଷା କରିବାପାଇଁ ଅଯୋଧ୍ୟାର ରାଜପୁତ୍ର ରାମ ଏ ରାଜକୀୟ ବେଶ ପୋଷାକ ତ୍ୟାଗ କରି ସନ୍ନ୍ୟାସୀର ବେଶ ପରିଧାନ କରି ଚଉଦବର୍ଷ ପାଇଁ ଅରଣ୍ୟ ବାସରେ ଯିବ ।

ଏ କି ପ୍ରକାର ନ୍ୟାୟ କରୁଛନ୍ତି ମହାରାଜ ଦଶରଥ । ଅଭିଷେକର ଦିନ, ବାର, ତିଥି ଘୋଷଣା କରି, ଅଯୋଧ୍ୟାର ପ୍ରଜାକୁଳକୁ ଏ ସମ୍ବାଦ ଦେଇ, ଅଭିଷେକର ସମସ୍ତ ଆୟୋଜନ କରି, ଏପରି କଲେ ସେ କାହିଁକି ? ଚିତ୍କାର କରି ଉଠିଲେ ମହର୍ଷି ବଶିଷ୍ଠ ।

ତାଙ୍କ ପାଟି ଶୁଣି ମୋ ଶଶୁରଙ୍କ ଚେତା ଫେରି ଆସିଥିଲା । ସେ ଉଠିବସି ହସ୍ତଯୋଡ଼ି, ସମସ୍ତଙ୍କୁ ଅନୁନୟ କରି କହିଥିଲେ, "ଆପଣମାନେ ମୋତେ କ୍ଷମା କରି ଦିଅନ୍ତୁ । ମୋର ନିଷ୍ପତ୍ତି ଆଜି ଭୁଲ୍ ପ୍ରମାଣିତ ହୋଇଛି। ଆପଣମାନଙ୍କ ନିକଟରେ ମୁଁ ଅପରାଧୀ । ଆପଣମାନେ ଏ ଅପରାଧୀ ରାଜାକୁ ଯେଉଁ ଦଣ୍ଡ ଦେବେ ମୁଁ ତାହା ମୁଣ୍ଡପାତି ସହିନେବି।"

ତାଙ୍କ ପାଖକୁ ଲାଗିଆସି ଧୀରକଣ୍ଠରେ ମହର୍ଷି ବିଶ୍ୱାମିତ୍ର କହିଥିଲେ, "ଘଟଣା କ'ଣ ଘଟିଛି ପ୍ରକାଶ କରନ୍ତୁ ମହାରାଜ । ଉପଯୁକ୍ତ କାରଣ ଜାଣିଲେ ଆମେ ଏ ଉତ୍ସବକୁ ସ୍ଥଗିତ ରଖିବୁ । ମହର୍ଷି ବିଶ୍ୱାମିତ୍ରଙ୍କ କଥା ଶୁଣି ମହାରାଜ କହିଥିଲେ, "ଜୀବନରେ ସବୁଠୁଁ ବଡ଼ ଭୁଲ୍‌ଟାଏ ମୁଁ କରିଛି ମହର୍ଷି । ସ୍ନେହ, ପ୍ରେମରେ ବାନ୍ଧି ହୋଇ ଧର୍ମପତ୍ନୀକୁ ମୋର ବିଶ୍ୱାସ କରି ମୁଁ ଯେଉଁ ଭୁଲ୍ କରିଛି ସେ ଭୁଲ୍‌ର ପ୍ରତିକାର ନାହିଁ ମୁନିଶ୍ରେଷ୍ଠ । ଆଜି ମୋର ଶାସ୍ତ୍ରଜ୍ଞାନ ସ୍ମରଣକୁ ଆସୁଛି । ଜୀବନରେ ତିନିଜଣକୁ କେବେ ବିଶ୍ୱାସ କରିବ ନାହିଁ । ସେମାନେ ତିନି 'ନ' । ନଦୀ, ନାରୀ ଆଉ ବିଷାକ୍ତ ନଖଯୁକ୍ତ ପ୍ରାଣୀ । ଏମାନେ ଯେକୌଣସି ସମୟରେ ଜୀବନ ନେଇ ପାରନ୍ତି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ପ୍ରସଙ୍ଗ (୩) ଆଜିର ବାସ୍ତବତା

**ସୃଷ୍ଟିଧର ପରିଡା**



ବୁଝିଲ ଅବିନାଶ, ମୁଁ ତମକୁ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ କଥା କହିବି । ପ୍ରଥମଟି ହେଲା ଆମର ଅସ୍ମିତା ଓ ସ୍ୱାଭିମାନ, ଯାହାକୁ ଆମେ ଛତର ଖିଆରେ ସାମିଲ ହୋଇ ଦଳିଚକଟି ନଷ୍ଟ କରିଦେଉଛୁ। ଦ୍ୱିତୀୟଟି ହେଲା ଆମ ରାଜ୍ୟର ମେଧାମାନେ କିପରି ବାଧ୍ୟହୋଇ ଦାଦନ ଖଟିବାପାଇଁ ବାହାରକୁ ଯାଉଛନ୍ତି । ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଗୋଟେ କଥା କହିଥିଲେ । କଥାଟି ଏମିତି 'ଜନସାଧାରଣଙ୍କୁ କିଛି ମାଗଣାରେ ଦିଅନାହିଁ। କେବଳ ଶିକ୍ଷା, ନ୍ୟାୟ, ସ୍ୱାସ୍ଥ୍ୟରେ ସାଧାରଣ ଲୋକଙ୍କୁ ମାଗଣାରେ ଯାହା କିଛି ଆବଶ୍ୟକ ଯୋଗାଇ ଦିଆଯିବା ଉଚିତ୍। ଯଦି ଆମେ ମାଗଣାରେ ସବୁକିଛି ସାଧାରଣ ଜନତାଙ୍କୁ ଯୋଗାଇଦେବା ସେମାନେ ଅଳସୁଆ ହୋଇଯିବେ ଓ ରୋଗଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁବରଣ କରିବା ସହ ଆମର ମାନବ ସମ୍ବଳ ଓ ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ।' କେତେ ସୁନ୍ଦର କଥାଟିଏ କୁହତ ! ଜାଣିଲ ଅବିନାଶ, ଅଟଳବିହାରୀଙ୍କ କଥାକୁ ଯଦି ଆଜି ଆମେ ବିଚାରକୁ ନେବା ଦେଖିବା ଏଥିରେ ବିଶେଷକରି ଆମ ଯୁବଗୋଷ୍ଠୀ କ୍ଷତିଗ୍ରସ୍ତ ହେଉଛନ୍ତି । ଖାଲି ଏ ମାଟି ପ୍ରତି ନୁହଁ, ଓଡ଼ିଆ ଭାଷା ପ୍ରତି ମଧ୍ୟ ବିମୁଖ ହେବାକୁ ବାଧ ହେଉଛନ୍ତି । ଖାଲି ସେତିକି ନୁହଁ ଅବିନାଶ, ନିଜ ସ୍ୱାଭିମାନକୁ ବଳି ପକେଇ ନେତାଙ୍କର ଗୋଡ଼ାଣିଆ ସାଜୁଛନ୍ତି। ସାମାନ୍ୟ ସ୍ୱାର୍ଥ ପାଇଁ ସେମାନଙ୍କର ପଦଲେହନ କରିବାପାଇଁ ମଧ୍ୟ କୁଣ୍ଠା କରୁନାହାନ୍ତି। ଆଉ ଦ୍ୱିତୀୟ କଥା ଅର୍ଥାତ୍ ଶିକ୍ଷା କଥା ନକହିଲେ ଭଲ । ଶିକ୍ଷାକ୍ଷେତ୍ରରେ ଦାରୁଣ ବିପର୍ଯ୍ୟୟ। ଯାହାବି ସରକାରୀ ସ୍କୁଲରେ ପାଠ ପଢାଯାଉଛି, କିନ୍ତୁ ମେଧାବୀ ଛାତ୍ରମାନଙ୍କର ଭବିଷ୍ୟତ ଓ ମେଧାକୁ ଯେମିତି ଦଳିଚକଟି ଦିଆଯାଉଛି ଭବିଷ୍ୟତରେ ଯେ ଏ ରାଜ୍ୟରେ ଭଲ ଶିକ୍ଷକ, ଭଲ ଚିକିତ୍ସକ, ଭଲ ଇଂଜିନିୟର ବା ଭଲ ପ୍ରଶାସକ ମିଳିବେ ତାହା ଆଶା କରାଯାଇନପାରେ । ଚଞ୍ଚକତା କରି ନିଯୁକ୍ତି କ୍ଷେତ୍ରରେ ଯେଉଁ ପ୍ରକାର ସ୍କାମ କରାଯାଉଛି ତାହା କୁହାଯାଇନପାରେ । ସମସ୍ତେ ସବୁ ଦେଖିବେ, କିନ୍ତୁ ପାଟି ଫିଟେଇଲେ ମଲ । ରାଜ୍ୟରେ ଲକ୍ଷଲକ୍ଷ ବେକାର । ନିଯୁକ୍ତି କ୍ଷେତ୍ରରେ ଗୋଳିଆପାଣି । ସିଧାସଳଖ ଆଖିରେ ଆଂଗୁଠି ଗେଂଜି ଧର୍ବକୁ ଆଖି ଠାର ମାରି ସବୁ ହାତେଇନଉଛନ୍ତି ତେଲିଆମାନେ । ସବୁଠି ତେଲି ତେଲ ଏକ । ନିଯୁକ୍ତି ନାମରେ କୋଟି କୋଟି ଟଙ୍କାର ସ୍କାମ ହେଉଥିବା ଖବରକାଗଜରେ ତୁମେ ନିଶ୍ଚୟ ପଢୁଥିବ। ଶେଷରେ ଭଲପିଲାମାନଙ୍କ ଭବିଷ୍ୟତ କଣ ?

ତୁମେ ଜାଣ ଅବିନାଶ, ଏବେ ଜଣେ ଅଧ୍ୟାପକ କଥା ଛଳରେ କହିଲେ, ଆମେ ଦୁଇମାସ ହେଲା ଆଉ ପିଲାଙ୍କୁ ପଢ଼େଇବାପାଇଁ ବହି ଖୋଲୁନାହୁଁ। କାରଣ ଏବେ ବି କଲେଜରେ ପିଲାମାନେ ଉଦଣ୍ଡ ନାଚ ଗୀତରେ ଏତେ ମସଗୁଲ । କଣନା ବାର୍ଷିକ ଉତ୍ସବ । ତା' ପାଇଁ ଆୟୋଜନ ଓ ତାକୁ ସୂଚାରୁ ରୂପେ ସମ୍ପନ୍ନ କରିବାକୁ ବେଶ୍ କଡାକଡି ନିର୍ଦ୍ଦେଶ । ଦେଖୁନ, ରାଜ୍ୟକୁ କୋଉ ନେତା ଆସନ୍ତୁ କି ସଚିବ, ତାଙ୍କ ସମ୍ମାନାର୍ଥେ ଏବେ ସ୍କୁଲ ବନ୍ଦ ରହିବା ଗୋଟେ ଫେସନ ହେଲାଣି । ପାଠ ପଛେ ଚୂଲୀକୁ ଯାଉ । ଆଉ ଗୋଟେ କଥା କହିଲେଯେ ତାକୁ ଶୁଣି ମୋର ହୋସ୍ ଉଡିଗଲା । ଏଣିକି କୁଆଡେ ସ୍କୁଲ କଲେଜରେ ଆଡ଼ମିଶନ ହେବାବେଳେ ପିଲାଙ୍କୁ ଗୋଟେ ସ୍ୱୀକାରୋକ୍ତି ପତ୍ର ଲେଖିବାକୁ ପଡିବ । ସେଥିରେ ସେମାନେ ଲେଖିବେ ଯେ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ କୌଣସି ନିଶା ସେବନ କରିବେନାହିଁ । ଏମିତିକା ନିର୍ଦ୍ଦେଶନାମା ତମେ କାନ ଉଠିଲା ଦିନୁ ଶୁଣିଥିଲ ? ଏ ସ୍ୱୀକାରୋକ୍ତିର ପ୍ରହସନ କାହିଁକି ? ଏବେ ତ ପ୍ରତି ସ୍କୁଲ କଲେଜ ଆଗରେ ମଦ ଦୋକାନ। ପ୍ରତି ଗାଁରେ ମଦ ଦୋକାନ। ଛକରେ ଠିପିଖୋଲା ମଦ ଦୋକାନ । ପିଲାଙ୍କୁ ସତର୍କ କରି ସେଥିପ୍ରତି ପିଲାଙ୍କ ଆକର୍ଷଣ ବଢେଇବାର ଇଏ ଗୋଟେ ମସୁଧା ନୁହେଁ ? ନହେଲେ ପାଠପଢାବେଳେ ନିଶା ଖାଇବାର ପ୍ରସଙ୍ଗ ? ? ମୋତେ ଲାଗୁଛି ଅଧିକା ଟିକସ ଆଦାୟର ଇଏ ଗୋଟେ ରାସ୍ତା ଅବା ଶିକ୍ଷା ବଦଳରେ ମଦୁଆ ତିଆରି କରିବାର ଗୋଟେ ଚାଲାକୀ ଯୋଜନା ।

ଏବେ ତମେ ହାଇକେଟ ହସ୍ପିଟାଲରେ ଯାହା ଘଟିଲା ତାହା ଦେଖିଲ । ସେ ବିଷୟରେ ଅଧିକ କହିବିନାହିଁ । ଏବେ ତୁମେ ସରକାରୀ ହେଉ ବା ବେସରକାରୀ ହସ୍ପିଟାଲକୁ ଗଲାମାନେ ହସ୍ପିଟାଲରେ ପ୍ରତି ଡାକ୍ତରଙ୍କର ଦଲାଲ ଘୁରି ବୁଲୁଛନ୍ତି ଦେଖିବ । କେଉଁ ଦଲାଲ ମାଧ୍ୟମରେ ଏଠି ଡାକ୍ତରମାନଙ୍କ ସହିତ ରୋଗୀଙ୍କ ସହ ଯୋଗାଯୋଗ କରାଯାଉଛି। ଏହାଦ୍ୱାରା ରୋଗୀମାନେ ଯୋଉ ଶୋଷଣର ଶିକାର ହେଉଛନ୍ତି ତାହା ନକହିଲେ ଭଲ । ଏବେ ଯେଉଁ ସ୍ୱାସ୍ଥ୍ୟକାର୍ଡ଼ କରାଯାଇଛି ତା କଥା କହିଲେ ମୁଣ୍ଡ ଘୁରେଇବ । ତୁମର ଯେତେ ସାଧାରଣ ରୋଗ ହେଉନା କାହିଁକି, ଯଦି ତୁମ ପାଖରେ ବିଏସକେୱାଇ କାର୍ଡ଼ ଅଛି ତେବେ ତୁମେ ଜାଣିଥାଅ ରୋଗୀ ହସ୍ପିଟାଲରୁ ଡିସଚାର୍ଜ ହେବାପରେ ସେଥିରେ ଆଉ ବାଲାନ୍ସ ନଥିବ। ଏବେ ସ୍ୱାସ୍ଥ୍ୟ ନାମରେ ଶହଶହ ଯୋଜନା। କିନ୍ତୁ ନିର୍ବାଚନ ସରିଲେ ସେ ଗୁଡ଼ିକ ପ୍ରାୟ ସରିବା ନିଶ୍ଚିତ। ଏସବୁ କେବଳ ଲୋକଙ୍କୁ ଠକିବା ପାଇଁ । ଲୋକଙ୍କୁ ଠକିବାପାଇଁ, ଭୋଟ ନେବାପାଇଁ ଏମିତି ଶହ ଶହ ଯୋଜନା କରାଯାଇଛି।

ଶିକ୍ଷା, ସ୍ୱାସ୍ଥ୍ୟ ପରେ ଏବେ ଆମର ନ୍ୟାୟ ବ୍ୟବସ୍ଥା କଥା । ସାଧାରଣତଃ ଲୋକ ଅନ୍ୟାୟର ଶୀକାର ହେବାପରେ ନ୍ୟାୟ ବ୍ୟବସ୍ଥା ଉପରେ ଭରସା କରିଥାନ୍ତି। କିନ୍ତୁ ସେଠି ବି ଚଞ୍ଚକତା । ନିକଟରେ ଗୋଟେ ସରକାରୀ ଚାକିରୀ ପାଇଁ ଉଦ୍ଦିଷ୍ଟ ପରୀକ୍ଷାରେ ହୋଇଥିବା ଖୋଲାଖୋଲି ତ୍ରୁଟି ବିରୋଧରେ କିଛି ପିଲା ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନ୍ୟାୟାଳୟ ସେମାନଙ୍କୁ ସମର୍ଥନ କରି ନ୍ୟାୟ ମଧ୍ୟ ଦେଇଥିଲେ । କିନ୍ତୁ ଡବଲ ବେଞ୍ଚ ଏହାକୁ ରଦ୍ଦ କରିଦେଲେ। ଆଇନ୍ ଆଇନ୍ ଭିତରେ ବି ଛକାପଂଝା ଲଢ଼େଇ ଲାଗିଛି ଯାହାକି ରାଜନେତାଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି ଏଥିରେ ସ୍ପଷ୍ଟ ଅନୁମେୟ। ତେଣୁ ବୁଝିଲ ଅବିନାଶ ଏଥିରୁ ଗୋଟିଏ ପ୍ରସଙ୍ଗ ମନକୁ ଆସେ ନେତାମାନେ ଲୋକଙ୍କ ସୁବିଧାପାଇଁ ଆଇନ୍ ତିଆରି କରନ୍ତି ଓ ସେମାନଙ୍କର ସେବା କରିଥାନ୍ତି। ଏଠି କିନ୍ତୁ ବର୍ତ୍ତମାନ ପରିବେଶର ଅବସ୍ଥା ଏପରି ହୋଇଛି ସାଧାରଣ ଲୋକଙ୍କୁ କିଭଳି ଅସୁବିଧାରେ ପକାଇ ରାଜନୀତି କରି ଭୋଟ୍ ନେଇହେବ ଏହାହିଁ ଆଜିର ନେତାମାନଙ୍କର ପ୍ରଧାନକାର୍ଯ୍ୟ ହୋଇଛି। ସେ ଦୃଷ୍ଟିରୁ ଏବେ ସମଗ୍ର ବ୍ୟବସ୍ଥା ପ୍ରାୟତଃ କଳୁଷିତ ହୋଇଯାଇଛି। ଓଡ଼ିଆଙ୍କ ନିକଟରେ ଆଉ ଅସ୍ମିତା କି ସ୍ୱାଭିମାନ ନାହିଁ। ନିଜ ମା' ମାଟି ଭାଷାକୁ ଭଲ ପାଇବାର ସାହସ ନାହିଁ। ସେମାନେ ସମସ୍ତେ ଆଜି ନିଜର ଅସ୍ମିତାକୁ ହରାଇ ବସିଛନ୍ତି। ଗୋଟିଏ କଥା ତୁମକୁ କହିବି ଅବିନାଶ, ଯେଉଁ ଜାତି ନିଜ ମା', ମାଟି ଓ ଭାଷା ଓ ଜାତିକୁ ଭଲ ପାଏ ସେ ନିଶ୍ଚିତ ଭାବେ ଉନ୍ନତ।

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧
(ମୋ) ୯୪୩୭୦୬୩୭୦୫

## କବିତା...

### ।। ପୁନରାଗତ ।।

**ଜ୍ଞାନେନ୍ଦ୍ର କୁମାର ପଣ୍ଡା**



ମୁଁ ପୁଣି ଫେରିଆସିଛି
କାନପାତି ଶୁଣ, ତୁମ ଝର୍କାରେ
କ୍ଷୁଦ୍ର କାଠହଣା ପକ୍ଷୀର
ଥଣ୍ଟ ଆଘାତ ।

ଖୋଲି ଦେଖ ଝର୍କା
ଖୁବ ଗୋପନରେ ଆଜି ବି
ହାତରେ ମୋର ଲୁଚେଇ ଆଣିଥିଲି
ତୁମ କପାଳ ପାଇଁ ପୂର୍ବାଶାର ରଙ୍ଗ
ବିକ୍ଷିପ୍ତ ହେବା ପୂର୍ବରୁ ସାଉଁଟିନିଅ ତାକୁ
ବିନ୍ଦୁ ପରି ମଥାରେ ବୋଳିନିଅ
ତୁମ ପାଇଁ ମୋ ହୃଦୟରେ ସଞ୍ଚିତ
ଅବଶିଷ୍ଟ ସ୍ନେହ ଅନୁରାଗ ।

ତୋଳିନିଅ ବଗିଚାରୁ
ଗହଳିଆ ଗଛର ମନ୍ଦାର ଫୁଲ
ଗହ ଗହ ସବୁଜିମା ଭରା ଶାଖାଟିଏ
ନଇଁ ଆସି ଯଦି ଛୁଇଁଯାଏ ତୁମ କପାଳ
ତୁମ ଅଙ୍ଗରେ ଯଦି ଭରିଦିଏ ଶିହରଣ
ବୁଝିନେବ ମୁଁ ଫେରିଆସିଛି ପୁଣି
ପତ୍ରଟିଏ ହୋଇ ତୁମ କପାଳରେ
ଆଙ୍କିବାକୁ ସକାଳର ଚୁମ୍ବନ ।

ମୁଁ ଯେଉଁଠି ନିଜର ଠିକଣା ପାଏ
ସେ ତୁମର ଚିକିମିକି ଅଦ୍ୱିତୀୟ ଆଖି
ଯା' ପାଇଁ ରାତିରୁ ତୋଳିଆଣିଛି ମୁଁ
ମୁଣ୍ଡ ଉପର ଅନ୍ଧାରୁଆ ଆକାଶର
ସବୁଠାରୁ ଉଜ୍ଜ୍ୱଳ ଦିଶୁଥିବା
ସେ ଦୁଇଟି ସପ୍ତର୍ଷିମଣ୍ଡଳ ତାରା ।

ଚିବୁକ ପାଇଁ ତୁମ ଥାକରେ ସଜେଇ ରଖିଛି
ସାନ୍ଧ୍ୟ ଆକାଶର ରିକ୍ତ ଲାଲିମା ।

ତୁମ ଆଖିର ଚମକ ହେଉ ଶିଶୁ ସୁଲଭ
ଚିକମିକ ଉଜ୍ଜ୍ୱଳ
ଓଠ ହେଉ କାକର ସିକ୍ତ ସଦ୍ୟ ଗୋଲାପ
କଢ଼ ।

ଏ ମୋର ତୁମ ପ୍ରତି ଅନୁରକ୍ତି
ତୁମ ଗହଣରେ ରହି ସଞ୍ଚିତ କରିଥିଲି,
ଚାହିନାହିଁ ଏକା ନେଇଯିବାକୁ
ଚୋରଟିଏ ପରି
ବିଶ୍ୱାସ କର,
ତୁମକୁ ଏ ସବୁ ଫେରସ୍ତ ଦେବାକୁ
ମୁଁ ପୁଣି ଫେରିଆସିଛି ।

♥ ସଲ୍ଟରୋଡ, ସୁନ୍ଦରୀ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୧୧୬୩୮୦



### ।। ଭୟ ।।



**ରାଜେଶ ପୂଜାରୀ**

କିଏ ଅବା ଚାହିଁବ ବୁଡ଼ିବାକୁ
ଭସା ଭସା କୁହୁଡ଼ି ନଦୀରେ
ଚିରୁଡାଏ ଆଲୁଅ ତ ଦୂରୁହ ବେପାର
ବୁନ୍ଦାଏ ବି ମହୁ ନାହିଁ ଫୁଲ ବଗିଚାରେ।

ସୋରିଷଗଛ ସବୁ ଆୟୁଷ୍ମାନ ନୁହନ୍ତି ସେଠି
ମାୟା ବୋଲି ଉଲଗ୍ନ ନାରୀଟେ
କୁହୁକ ପିଆଲା ଧରି ବୁଲେ
ସେଇ ପିଆଲାରୁ ଢାଳୁଥାଏ
ନିଶୋଷ ନୀରବତା
ଶ୍ରେଣୀ ପ୍ରକୋଷ୍ଠର ଅବସ୍ଥା ଯାହା
ଅବଧାନେଙ୍କ ହଠାତ୍ ପ୍ରବେଶରେ ହୁଏ।

ସବୁକିଛି ବଦଳୁଥାଏ ସେଠି
ଦିନ ରାତି ହେଇ ଗଜରା ନାଏଁ
ରାତିମାନେ ଦିନର ପରଦା ନାଇଁ
ବୁଲେଟ୍ ଚଳାନ୍ତି ରାସ୍ତାରେ
ଦୁଃଖ, ସୁଖର ରଙ୍ଗ ମାଖି ଫୁଲିଉଠେ
ଖିଲିଖିଲି ବେଲୁନ୍ ହସରେ।

ଅକସ୍ମାତ ପୁଣି
କିଛି ବୋଲି କିଛି ଜାଣି ହୁଏନାହିଁ
ସତ୍ୟର ପଣତରେ
ଭୋକ ଶୋଷ ସବୁ ଏକାକାର ହୁଏ
ଲୁହ ମୋହ ପନିପରିବା ଭଳି ସଜା
ହେଇଥାନ୍ତି ଗୋଟିଏ ଥାଳିରେ !

ମରୁ ମରୁ ଥରେ ଅଧେ ଜୀଇଗଲା ପରେ
ଭୟ ହୁଏ ଭାରି ଭୟହୁଏ ସେଇ ଭୟ ଦିନେ
ଗଳାହାର ପ୍ରିୟବର ହେବ
ଜମାରୁ ସୂଚନା ନଥାଏ !

♥ କୁଶମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

### ।। ବଂଚିବାର ପ୍ରଣାୟାମ ।।

**ନକୁଳ ଚନ୍ଦ୍ର ସାହୁ**



ଚାଲ
ଭଲପାଇବାର
ସେଇ ଶାଢିଟିକୁ ମାପିବା
କେତେ ଲମ୍ବ ତମ ମନ !

ପ୍ରେମର ଗୁଡିଟା
ଆକାଶରେ ଆଉ ଦିଶୁନାହିଁ ତ
ସୂତାରୁ ବିଚ୍ଛିନ୍ନ ହୋଇ ନାହିଁ ହୃଦୟ
ଏବେ ବି ଜଳୁଚି ପ୍ରାଣର କାଉଁରିଆ

କେଉଁ ବଡବଡୁଆଙ୍କୁ
ବିଦାୟ କରିଦେଲା ତମ ବାହୁରେ ବନ୍ଧା
ନିଷ୍ଠା ଓ ବିଶ୍ୱାସର ଗଣ୍ଠିଦିଆ ବ୍ରତ
ଉଜେଁଇ ଦେଲ ସବୁମିଛ ?

ଡୁବି ଯାଉଛି
ଦୂରାନ୍ତ ଦିଗ୍‌ବଳୟର ଓଠ ତଳେ

ଧର୍ମର ଡଂଗାଟି; ସିଏ
ବୁଢା ସୂର୍ଯ୍ୟ, ଭାରି ତେଜ

ତା' ଲମ୍ବ ଦାଢି ବ୍ୟାପି ଆସିଚି
ଯେମିତି ତମ ଶାଢିର ରଂଗ
କିଛି ସମୟ ପରେ ଲେଉଟିବ ଅନ୍ଧାର
ପଢିବ ପତଞ୍ଜଳି ସୂତ୍ର !

ଚାରିଆଡେ ବ୍ରହ୍ମାଣ୍ଡୀୟ ଆନନ୍ଦ
ଗାଢ ଗାଢ ନୀଳ ମୃତ୍ୟୁର ମେଘ
ଧୋବା ତୁଠର
ଶୁଖା ଲୁଗାମାନଙ୍କୁ କରିଦେବ ଆର୍ଦ୍ର !

ଅସୀମ...
ତା'ପରେ ସକାଳ
ତୁମ ଠିକଣାରେ ସୂର୍ଯ୍ୟର ଚିଠି ପହଞ୍ଚିବ
ହେ ଏଇ ତ ଜୀବନ;

କେତେ ଯେ ଉତ୍କଣ୍ଠାପୂର୍ଣ୍ଣ
ବଂଚିବାର ପ୍ରାଣାୟାମ ଅସୀମ !

♥ ଶବ୍ଦଘର, ଗୋଡିସାହି, କଟକ
(ମୋ) ୯୪୩୭୭୪୦୨୬୪

### ।। ସ୍ମୃତି ତୁମେ.. ।।

**ଡ଼ ଶ୍ରୀଧର ସାମଲ**



ଶୀତର ଚାନ୍ଦୁଆ ତଳେ
ରାତି ଯେବେ ଶୋଇପଡେ,
ନିଘୋଡ଼ ନିଦରେ ମୁଁ ମୋତେ
ଖୋଜିବୁଲେ ଏଣେ ତେଣେ,
ନିର୍ଜନ ରାସ୍ତାରେ ନଇକୂଳେ
ବୁଦାମୂଳେ ପାହାଡ ଫାଂକରେ,
ଶୁନଶାନ୍ ପଠାରେ ନିବୁଜ୍
କୋଠରୀରେ ଝର୍କା ଉହାଡରେ,
କାଳେ ଭେଟଭାଟ ହେଇଯିବ
ତୁମସହ ନିରୋଳା ରାତିରେ,
ଦୋଛକି ରାସ୍ତାରେ
ନିଶୀଥ ସୂର୍ଯ୍ୟର ଦେଶରେ,
ଆକାଶ ଛାତିରେ କେଉଁ
ଅଲଗା ପୃଥ୍ୱୀରେ।

ତୁମେ ତ ସ୍ମୃତି ନୁହଁ !
ଏକ ସିକ୍ତ ଅବସୋସ,
ନସର ପସର ହେଉଥାଅ
ନେସି ହେଇଯାଅ ଦେହସାରା,
ମେହେନ୍ଦି ହେଇ ଚହଟୁଥାଅ

ପାପୁଲିରେ ଭେଦିଯାଅ,
ଅତୀତ ପୃଷ୍ଠାରେ ବେଳ ଅବେଳରେ
କୁହୁଡି ଉଡେଇ ଆସ,
ଛୁଇଁଯାଅ ଅପାଦ ମସ୍ତକ
ବିନ୍ଦୁ ବିନ୍ଦୁ ସ୍ଫଟିକ ରୂପରେ,
ଭେଦିଯାଅ ପ୍ରତିଟି ରକ୍ତ କଣିକାରେ
ସଂଚରିଯାଅ ଜୀବନରେଖା ହେଇ।

ଫି ଥର ତୁମେ ଆସିଲେ
ଏମିତି ହୁଏ ବଜ୍ରପାତ,
ତରଙ୍ଗାୟିତ ହୁଏ ଅତୀତ
କେବେ ଶବ୍ଦରେ କେବେ ନିଃଶବ୍ଦରେ
ଥରେ ପୃଥ୍ୱୀ ଘୂରିଗଲେ
ବଦଳିଯାଏ ଚିତ୍ର
ନା ଥାଏ ଶୀତ,

ନା ଆସେ ବସନ୍ତ
ଧୂମ୍ରାଭ ହୁଏ ଦିଗନ୍ତ
ନୀରବ ଘାତକ ସାଜି,
ଇତଃସ୍ତତ କରୁଥାଏ
ପ୍ରତିଶ୍ରୁତି ଓ ପ୍ରତାରଣାର କୁହୁଡ଼ିରେ,
ପହଁରି ପହଁରି ପାଏନାହିଁ କାତ
ସବୁଲାଗେ ସ୍ୱପ୍ନାତୀତ
କିଛି ମିଛ, କିଛି କିଛି ସତ..।

♥ ସମ୍ପାଦକ : ମୌସୁମୀ, କଜଳା
କେନ୍ଦ୍ରାପଡ଼ା
ମୋ: ୯୪୩୭୬୦୭୯୯୭

# ଆମେ ସଭିଏଁ ଗୋଟେ କାଳ ନଈର ମିଛ ଆନନ୍ଦ ସ୍ରୋତରେ ଭାସିଚାଲିଛେ : ଦୁର୍ଗାଚରଣ

ଦୁର୍ଗାଚରଣ ଷଡଙ୍ଗୀ, ଓଡିଆ କବିତା ଜଗତରେ ଗୋଟେ ଉଦାତ୍ତ ସ୍ୱର । ତାଙ୍କ କାବ୍ୟ-ମାନସ ସମ୍ବେଦନଶୀଳତାର ଖୋଳାଲୋଡ଼ାରେ ବେଶ୍ ପ୍ରଖର । ତାଙ୍କ କବିତାରେ ଧାଡ଼ିକି ଧାଡ଼ି ଠିଆ ହୋଇଥାନ୍ତି ତାଙ୍କର ସଶକ୍ତ ଶବ୍ଦମାନେ । ଭୂମିରୁ ବିତାଡ଼ିତ 'ଦୁଃଖ'ଟି ସହ ବରାବର ଥାଏ ତାଙ୍କ 'ପ୍ରତିବଦ୍ଧତା' । କବିତା ଗଢଣରେ ତାଙ୍କର ଅନ୍ତରଙ୍ଗତା ତାଙ୍କୁ ଦେଇଥାଏ ନିଆରା ପରିଚୟ । ତାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସୃଜନର ଆଦ୍ୟସ୍ଫୁରଣ ହୋଇଥିଲା ମୋ ଗାଁ ବାରଙ୍ଗ ଦେଇ ବହିଯାଇଥିବା ସୁନାବ୍ୟା ତଥା ପ୍ରାଚୀନ ଇତିହାସର ମୂକ ସାକ୍ଷୀ 'ପ୍ରାଚୀନଈ' କୂଳରେ । ସେତେବେଳେ ବୋଧହୁଏ ମୁଁ ୭ମ କି ଅଷ୍ଟମ ଶ୍ରେଣୀରେ ପଢୁଥାଏ । ୧୯୬୮ ମସିହାର ସେଇ ନଈକୂଳେ ଏକ ମୁହଁ ସଞ୍ଜବେଳେ, ହଠାତ୍ ପାଟିରୁ ବାହାରି ଆସିଥିଲା କଥା ପଦେ- 'ପ୍ରାଚୀ ବୋଲି ଏକ ନଈ/କୁଳୁକୁଳୁ ଯାଏ ବହି/କି ଗୀତ ଯାଏ ସେ ଗାଇ !' ପିଲାକାଳେ ଦେଖି ଆସିଥିବା ସେଇ ନଈ ଯାହା ଏବେ 'ପ୍ରାଚୀ ହାଇଲେଭଲ' ନାମରେ କେବଳ ଫଳକ ଲେଖାରେ ଶୋଭାପାଉଛି । ଅତୀତର ଅସ୍ତିତ୍ୱ ଲୋପପାଇଯାଇ କେତୋଟି ଦୀର୍ଘ 'କେନାଲ'ରେ ତା'ର କାୟା ଏବେ ସୀମିତ ହୋଇଯାଇଛି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ଦିବଂଗତ ବାପା, ୧୯୮୦ ଦଶକର ପ୍ରଚଣ୍ଡ ପ୍ରତିଭାଧାରୀ ପାଲାଗାୟକ- ପଣ୍ଡିତ, ଗାୟକ ଭୂଷଣ- ଗାୟକ ଚୂଡ଼ାମଣି ଧ୍ରୁବଚରଣ ଷଡ଼ଙ୍ଗୀ, ଯାହାଙ୍କ ଧୀଶକ୍ତି-ରକ୍ତରେ ମୁଁ ପରିପାଳିତ । ସାହିତ୍ୟ-ସଂସ୍କୃତର ଗନ୍ତାଘର ସେ... ଦିଗ୍‌ଗଜ ପାଲାଗାୟକ, ଯାହାଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ମହାନ କବି, ପ୍ରଥିତଯଶା ସାହିତ୍ୟିକ ଡ. ମାୟାଧର ମାନସିଂଙ୍କ ସଂସ୍ପର୍ଶରେ ମୁଁ ଆସିଥିଲି । ଧୂପ-ହେମପୁଷ୍ପ-ମାଟି ବାଣୀ ଓ ରାଧାମୋହନ ଗଡ଼ନାୟକଙ୍କ ଅନୁଦିତ ଚମତ୍କାର କାବ୍ୟ ମେଘଦୂତ-ରତିବିଳାପ ଆଦି କାବ୍ୟଧାରାର ମୋହମୟତା ମତେ ସେ ଆଡ଼କୁ ଭସେଇ ନେଇଗଲା । ଆହାଃ ! ମୋ ଆଦ୍ୟ ଗୁରୁଭାବେ ମୁଁ ମାନସିଂହଙ୍କୁ ନିଶ୍ଚୟ ସ୍ୱୀକାର କରେ, ଯାହାଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଆଶୀର୍ବାଦ ମୋତେ ଓ ମୋ ଜୀବନକୁ କବିତାମୟ କରି ଗଢ଼ିତୋଳିଛି ।

■ କେମିତି ଥିଲା ସାହିତ୍ୟରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ କହିଛିନା, ମୁଁ ଶୈଶବରୁ କବି । ଆଖିରେ-ରକ୍ତରେ-ଚେତନାରେ ମୋର କେବଳ ହିଁ କବିତା । କବିତା ବ୍ୟତିରେକ ବଞ୍ଚିବା ଅସମ୍ଭବ ମୋର । ନଈର କୁଳୁ ଛଳ, ଦକ୍ଷିଣା ପବନର ଉଲ୍ଲସିତ ରୋମାଞ୍ଚ, ପକ୍ଷୀର ଉଡ଼ାଣ ସମସ୍ତଙ୍କୁ ଆପଣା କରିବାର କଳା ଓ ଅଧିକ କିଛି ଜାଣିବାର ବ୍ୟାକୁଳତା ହିଁ ମୋତେ ଓ ମୋ ଜୀବନ ଜୀଇଁବାର ସାରାକାଳକୁ ପ୍ରଚୋଦିତ କରିଚାଲିଛି । ୧୯୬୭ ମସିହାରୁ ହାତୀମାର୍କା ଚଟି ଖାତାରେ କେତେ କ'ଣ ନ ଲେଖିଛି ! ଗାନ୍ଧୀ- ନେହେରୁ-ଭାରତବର୍ଷ-ବୋଉ, ସାରଳା ଠାକୁରାଣୀ, ଚଢ଼େଇବସା, ପଲ୍ଲୀଗୀତ, ପଦ୍ମଫୁଲ ଇତ୍ୟାଦି ଇତ୍ୟାଦି । ସେ ସବୁର ପ୍ରାୟ ଅର୍ଦ୍ଧାଧିକ କବିତା କଟକ ସହରରେ ମୋ ବାପା ରହୁଥିବାବେଳେ ତାଙ୍କ ସୁପାରିଶରେ ପ୍ରଜାତନ୍ତ୍ରର ଜହ୍ନରୀଭାଇଙ୍କ ଦ୍ୱାରା ଶିଶୁ ବିଭାଗରେ ତାହା ପ୍ରକାଶିତ ହୋଇଛି । ସେଥିରୁ ପ୍ରେରଣା ପାଇଛି । ଆଗକୁ ଆହୁରି ଲେଖିବି ବୋଲି କେତେ କ'ଣ ଭାବିଛି । ସେଇ ଅନୁଭବକୁ ନେଇ ଏଯାଏଁ ବି ବଞ୍ଚିଛି ତ !! କବିତାରେ ପୁଲକ ପାଇଛି, ପାଇଛି ଅନିର୍ବଚନୀୟ ଆନନ୍ଦ-ରୋମାଞ୍ଚ ବି । ଅଥଚ ଲକ୍ଷ୍ମୀଙ୍କ ଠୁଁ ଦୂରେଇ ଯାଇଛି । ମା ସରସ୍ୱତୀ ହିଁ ମୋର ଆରାଧ୍ୟା-ବାପାଙ୍କର-ମୋ ବଂଶଜଙ୍କ ମଧ୍ୟ । ଏବେ ୨୦୨୩ ସୁଦ୍ଧା ମୋର କବିତା ପୁସ୍ତକ ୧୧ ଖଣ୍ଡ ଓ ପ୍ରବନ୍ଧ ସଂକଳନ ୬ ଖଣ୍ଡ ପ୍ରକାଶିତ । ସବୁଗୁଡ଼ିକ ମୋ ପାଇଁ ପ୍ରିୟ ଅଥଚ ବାପା ଏକାଏକା-ସହଚରୀ-ପ୍ରଣୟ ନିଧୁବନ ଓ ଦୁଃଖନାଚ କବିତା ବହିଟିମାନ ମୋତେ ବହୁତ ଆନନ୍ଦ ଦେଇଛି । ଏଥିରେ ମୁଁ ମଣିଷ ମନର ଗୋପନ ରହସ୍ୟକୁ ବଖାଣିବାରେ ଚେଷ୍ଟା କରିଛି । ଯାହାର ଫଳସ୍ୱରୂପ 'ବାପା ଏକା ଏକା' କବିତା ସଂକଳନଟି ୨ ଗୋଟି ସଂସ୍କରଣକୁ ପାରିହୋଇଗଲାଣି । ଭାବେ ମୋ ଭାଷାର ବିଦଗ୍ଧ ପାଠକେ ବୋଧହୁଏ ମୋ କବିତାକୁ ପଢ଼ି ବୁଝନ୍ତି ଓ ମତେ ଆଦର କରନ୍ତି ।

■ ଓଡ଼ିଆ କବିତାର ସ୍ଥିତିକୁ ନେଇ ପାଠକ ଦ୍ୱନ୍ଦ୍ୱରେ ଥିବାବେଳେ କ'ଣ କଲେ କବିତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ବିଶ୍ୱାସ କରନ୍ତି ।

■■ 'ଯୁଗକୁ ଯୁଗ ଏହି ମତେ / ପରମାନନ୍ଦ ଏ ଜଗତେ' ଏହି ପ୍ରସଙ୍ଗଟି ଯଥାର୍ଥ । ଯୁଗାବଧି- କେଉଁ ଆଦିମ ଅତୀତରୁ ସାହିତ୍ୟ-ଭାଷା ସଂରଚନା, ତା'ର ଭାବ ଓ ପ୍ରତିବେଦନକୁ ନୂଆ ଲୁଗା ପିନ୍ଧାଇଛି । ଅଥଚ ପ୍ରକୃତି ସେପରି ଅଛି- ଜୀବନ ସେଇ ପରମେଶ୍ୱରଙ୍କ ସତ୍ୟ ସନାତନକୁ ଅଙ୍ଗେ ଲିଭୋଉଛି, ଯୁଗ ସନ୍ଧିରେ ସମୟର ବଦଳି ଯାଉଥିବା ସୁଅରେ କବିତା ତା'ର ଭାବକୁ କେବଳ ବଦଳାଇ ଚାଲିଛି ଯାହା । ସାହିତ୍ୟର ସ୍ଥିତି ଖରାପ ହୋଇଗଲାଣି ବୋଲି ଆମେ ଭାବୁ !" ଭାରତର ବାଙ୍ମୟ ଯଶସ୍ୱୀ କାବ୍ୟ ସମ୍ରାଟ କାଳିଦାସ, ଉପେନ୍ଦ୍ର ଭଞ୍ଜ, ମାନସିଂ, ଗଡ଼ନାୟକ କ'ଣ ଅଛନ୍ତି କି ? କାବ୍ୟ ଅଛି ଆମ ପାଇଁ ବେଦ ହୋଇ ଅଥଚ କେବଳ ସମୟକୁ ନେଇ ପ୍ରକାଶଭଙ୍ଗୀ-ଭାବନାମାନ ଆମର ବଦଳିଛି । ପାରିପାର୍ଶ୍ୱିକ ବ୍ୟବସ୍ଥାକୁ ଅଣଦେଖା କରି ଅନ୍ୟ କିଛି କବିତା କ'ଣ ଲେଖାଯାଇ ପାରିବକି ? ଅବଶ୍ୟ ଆମ ଏବର ପାଠକଙ୍କ ପାଇଁ ସାହିତ୍ୟ ଦ୍ୱନ୍ଦ୍ୱରେ ନିଶ୍ଚିତ ଅଛି । କାରଣ ଆମେ ଆଉ ସମାଜ ପାଇଁ ଲେଖୁନୁ କି ସମାଜ ଆନନ୍ଦ ପାଇଁ ଲେଖୁନୁ । ଏବେ ଆମ ଲେଖାରେ ସ୍ପର୍ଦ୍ଧା-ମୁଁତ୍ୱ-ବିଫଳ ପାଣ୍ଡିତ୍ୟ-ନିଜର ଅସନ୍ତୁଷ୍ଟି- ବିଳାପ- ବିଫଳତା- ନଗ୍ନତା ହିଁ କେବଳ ପ୍ରତିଭାତ । ମୋ ବିଷୟରେ ମୁଁ କବିତା ଲେଖିଲେ ତାକୁ କିଏ କାହିଁକି ପଢ଼ିବେ ? ଏବେ କାବ୍ୟ କବିତା 'ମୁଁ ସର୍ବସ୍ୱ'- ପାଠକ ପାଇଁ ଓ ତାର ଅନ୍ତର୍ବେଦନାର ପ୍ରଶମନ ପାଇଁ ସେଥିରେ କିଛି ହିଁ ଆନନ୍ଦ ନାହିଁ । ବରଂ ଗଳ୍ପ ଏବର କବିତା ଠାରୁ ବେଶ୍ ଆଗରେ- ପାଠକ ଗ୍ରାହ୍ୟ ଓ ଆଧୁନିକ । କବିତାରେ କେବଳ ପାଣି ଗୋଳିପରି ଅନେକ ତାମସା- ହଟ୍ଟଗୋଳ-ମାଙ୍କଡ଼ଢ଼ିଆଁ ଚାଲିଛି । ନକଲ ଆମ ଅକଲ ବିଗାଡ଼ି ଦେଲାଣି । କେବଳ ବୃଥାଯଶ-ଅର୍ଥ ଆହରଣ ଓ ପ୍ରତିଷ୍ଠା ପାଇଁ ଏବର କବି ନିନ୍ଦିତ ହେଉଛି ଯାହା !! କବିତା ଆଉ ବିଶେଷ ଭାବେ ଏବେ ପାଠକୀୟ ଅବବୋଧରେ ହୁଏତ ନାହିଁ କହିଲେ ଚଳେ !

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷାର ସ୍ଥିତି ପାଇଁ ଏବର କବି ହିଁ ଦାୟୀ ! ସାଧାରଣଙ୍କ ପାଇଁ ତା'ର ଗୀତ-କବିତା କାହିଁ ? ଛୋଟ ମୋର ଗାଁଟି'- 'ଆହେ ଦୟାମୟ ବିଶ୍ୱବିହାରୀ', 'ରେ ଆତ୍ମନ' ଭଳି ଆମ ମଧ୍ୟପିଢ଼ିର ଯେଉଁସବୁ ସମୁଜ୍ଜ୍ୱଳ କବିତା/ପ୍ରାର୍ଥନା ଏବର କବି ଲେଖିଲାକି ? ତେବେ ପାଠକୀୟତା କବିତାରେ ଆସିବ ବା କେଉଁଠୁ ? ପୂର୍ବରୁ କହିଛି ଆମେ ସଭିଏଁ ଗୋଟେ କାଳ ନଈର ମିଛ ଆନନ୍ଦ ସ୍ରୋତରେ ଭାସିଚାଲିଛେ । ସମୟକୁ ନେଇ ସାହିତ୍ୟ । ଆଧୁନିକ ଜାମା-ଯୋତା ପିନ୍ଧି ସହର ବୁଲିବା ଓ ଘରକୁ ଫେରି ସେସବୁ ଫୋପାଡ଼ି ଗାମୁଛା ପିନ୍ଧିବା ଭଳି ଆମ ଆଧୁନିକ ଜୀବନ । ସବୁ ବଦଳୁଛି ଓ କାଳକ୍ରମେ ବଦଳିବ, ଏଥିରେ ବ୍ୟସ୍ତତା ନାହିଁ । ଏତିକି କହିବି ଯେ ସାହିତ୍ୟ ସାଧକଟିଏ ସମାଜର ଦୂରାବସ୍ଥାକୁ ନିରେଖି- ଆତ୍ମମଗ୍ନ ହେଉ-ଚିନ୍ତକ ହେଉ, ତା'ପରେ ସେ ଯାହା ଲେଖିବ ତାହା ଗ୍ରାହ୍ୟ ହେବ, ଠିକ୍ ପ୍ରଖ୍ୟାତ ସ୍ରଷ୍ଟା ମନୋଜ ଦାସ-ଚନ୍ଦ୍ରଶେଖର ରଥ- ମହାପାତ୍ର ନୀଳମଣି, ସାତକଡ଼ି ହୋତା କି ବନଜ ଦେବୀଙ୍କ ଭଳି । ମୋ କବିତାର ଭାବ-ଭାଷା-ଲାଳିତ୍ୟ ଯଦି ଲୋକର ମନ ନ ଛୁଇଁଲା ତେବେ ମୁଁ କି ପ୍ରମୁଖ କବିତା ଲେଖୁଛି ? ଆମେ ଏଠୁ ଚାଲିଯିବା ମରିଯିବା ଅଥଚ କବିତାର ଭାବ-ଭାଷା-ଅନ୍ତରଙ୍ଗ ପଣ ସେପରି ଥିବ ଠିକ୍ ଅତୀତରୁ ଗଡ଼ି ଆସିଥିବା ଆମ ଗରିମାମୟ ସାହିତ୍ୟ ପରି । ସାହିତ୍ୟ ଯେ ମରିଯିବ ଏ ପ୍ରକାର ଅସୁସ୍ଥ ଆଶଙ୍କା ଅମୂଳକ କାରଣ ଆମ ସାହିତ୍ୟ ପାଇଁ ଆମେ ହିଁ ଦ୍ରୋହୀ ! ଆମ ରଚନା କେତେଦିନ ବଞ୍ଚିବ ତାହା ଆମକୁ ହିଁ ପାଲଟା ପ୍ରଶ୍ନ ଯାହାର ଉତ୍ତର ହିଁ ଆମପାଖେ ନାହିଁ ।

■ ଭଲ କବିତାର ସଂଜ୍ଞା କ'ଣ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ ଆପଣଙ୍କର ଅଛିକି ? ଓଡ଼ିଆ ଭାଷା ସାହିତ୍ୟ ବିଶେଷକରି ଓଡ଼ିଆ କବିତାର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଆମେ ପିଲାକାଳୁ ପ୍ରକୃତି, ବୈଚାରିକ ବିଚାରଧାରା, ଗୋଟେ ସମ୍ପୂର୍ଣ୍ଣ ସାଂସ୍କୃତିକ ଜାଗରଣକୁ ଦେଖି ଆସିଲୁ ଅଥଚ ଏବର ସ୍ରଷ୍ଟା ଆଗରେ ଦୁନିଆ ଯାକର ସମସ୍ୟା ଥୁଆ । ସମୁଦ୍ର ମନ୍ଥନର ସ୍ଥିତି ସେ ଭୋଗୁଛି । ଯୁଦ୍ଧ-ବିସ୍ତାରବାଦ- ସାମନ୍ତବାଦ-ପ୍ରଭୁତ୍ୱବାଦ- କପଟ- ଉଗ୍ରବାଦ ଭଳି ଦୁନିଆ ଯାକର ଅପବାଦ ତା ମାନସକୁ ମନ୍ଥନ କରୁଛି । ତେଣୁ ଏବର ସ୍ରଷ୍ଟାମାନେ ଭଲ କବିତା ଲେଖିପାରିବେ ! ଦେଖୁଛି ବି ସେମାନଙ୍କର କେତେକ ଲେଖାରେ ପ୍ରତିବଦ୍ଧତା ଅଛି- ସିଧାସିଧା କଥା- ଛାତି ଥରା ସାମାଜିକ ଅପନୋଦନର ବକ୍ତବ୍ୟ ଅଛି । ସେମାନେ ଲେଖିବେ- ଭଲ ଲେଖିବେ ଅବଶ୍ୟ, କିନ୍ତୁ ଏବେ, କାବ୍ୟ ସମାଲୋଚକଟି ହାତ ବାନ୍ଧି ବସିଛି, ସାମୁହିକ ଭାବେ ସେ କବିତାକୁ ବ୍ୟବଚ୍ଛେଦ କରି ପାଠକକୁ - ସ୍ରଷ୍ଟାକୁ ଜଣାଉନାହିଁ, ଯେପରି ପୂର୍ବେ ଶଶିଭୂଷଣ ରଥ, ବିଚିତ୍ରାନନ୍ଦ ମହାନ୍ତି, ମାୟାଧର ମାନସିଂ, ରତ୍ନାକର ଚଇନି ପ୍ରଭୃତି ଥିଲେ । ଫଳରେ ଅନେକ ଏଣୁ ତେଣୁ କବିତା ମଧ୍ୟ ସମାଲୋଚନା ଅଭାବରୁ ଲେଖାଚାଲିଛି । ସେପରି ହିଁ ହେବ । ଧାନ ବିଲରେ ଧାନ ଗଛ ସହ ଅନେକ ଅନାବନା ଗଛ ଉଠିବେ ଓ ସେମାନେ ଓପଡ଼ା ମଧ୍ୟ ହେବେ ! ଏହା କାଳର ଗତି । 'ମୁଁ' ସର୍ବସ୍ୱ ହେବା ଧନୀକ-ବାହୁବଳୀ ପାଖେ ସମ୍ଭବ ମାତ୍ର ସାରସ୍ୱତ ସାଧନାରେ ଏହା ବିରଳ । ଦିନେ ସବୁ ଛାଣି ହୋଇଯିବେ ! ଦେଖନ୍ତୁ ଆଗାମୀ ପିଢ଼ି ଆମର ଅନେକ ନୂଆ ଓ ଭଲ କବିତା ଲେଖିବେ ବୋଲି ମୋର ବିଶ୍ୱାସ ଅଛି । ତାଙ୍କୁ ଅପେକ୍ଷା ରଖିବା ଓ ସହଯୋଗ ଦେବା ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ପାଇଁ 'ପୁରସ୍କାର'ଟି ନଗଣ୍ୟ ମନେହୁଏ ସାଧନାର ପୂର୍ତ୍ତିରେ । ଅଥଚ ସଂସାରୀ ପଣରେ 'ପୁରସ୍କାର' ପ୍ରାପ୍ତି ଓ ପ୍ରସିଦ୍ଧିକୁ ଅଣଦେଖା କରାଯାଇ ପାରିବ ନାହିଁ । ଜୀବନ ସଂକୁଚିତ-ବିଶ୍ୱବୈଷୟିକ, ଦ୍ରୁତଗତିଶୀଳ ସମୟ, ସଂସାରୀଟିଏ ପାଇଁ ଦୁଃଖ ନିଶ୍ଚୟ । ପୂର୍ବେ ଲେଖକ- କାବ୍ୟକାରମାନେ ଯୋଗୀ ଥିଲେ- ଭୋଗୀ ନଥିଲେ ଅଥଚ ସୁଦାମା ପରି ସେ ସଂସାର ଦାୟରେ ବନ୍ଧା ଥିବା ବଳି ପଶୁଟିଏ ପରି ଅବଶ୍ୟ ଥିଲେ ଏବଂ ନିଜ କାବ୍ୟକୃତିକୁ ରାଜା-ସମ୍ରାଟ-ମହାଜନମାନଙ୍କୁ ପ୍ରଦାନ- ଅବା ଭଣିତା କରି ତାଙ୍କଠାରୁ ଭୂମି-ଶସ୍ୟ- ବାସ-ବେଶ ପ୍ରାପ୍ତ ହେଉଥିଲେ । ଅଥଚ ସେମାନଙ୍କର କାବ୍ୟକୃତିମାନ ରାଜା- ସମ୍ରାଟ-ପଣ୍ଡିତ-ପାଠକମାନଙ୍କ ଦ୍ୱାରା ଅବଶ୍ୟ ଚିରାଦୃତ ଥିଲା । ଛଳନା- ଆଟୋପ କି ଏବର ପୁରସ୍କାର ଚୟନ ପରି ବାଘ ବଜାରି ଖେଳ ନଥିଲା, ଯାହା ସମସ୍ତଙ୍କ ପାଇଁ ଆଦରଣୀୟ ଥିଲା । ରାଜା ମଧ୍ୟ ସେ କୃତିକୁ ଆଦର କରୁଥିଲେ ଓ ସଂସାଧନ ଯୋଗାଇ ଦେଉଥିଲେ । ଯେପରି କାଳିଦାସ-ଭବଭୂତି-ବାଣ କି ଆମ ସନ୍ଥ ପଞ୍ଚସଖା । ଏବେ ମଧ୍ୟ ସେପରି ସରକାରୀ ଅନୁଦାନରେ ପୁରସ୍କାରମାନ ଦିଆଯାଉଛି । ଭଲ କଥା ମାତ୍ର ନ୍ୟାୟିକ ଭାବେ ବ୍ୟକ୍ତିର ସାଧନା-ଭାବ-ଅନୁଭବ- ଉପାଦେୟତା ଓ ତା ଲେଖାର ସାମାଜିକ ପ୍ରଭାବ ବିସ୍ତାରତା ଦେଖି ଦିଆଯାଉ । କିଛି ଲୋକଙ୍କର ମୌରସି ସମ୍ପତ୍ତି ପରି ଯାହି ତାହି ବ୍ୟକ୍ତିଙ୍କୁ ଏହା ଦିଆନଯାଉ । ପୁରସ୍କାର ଚୟନ ପ୍ରକ୍ରିୟାଟି ବିଧିବଦ୍ଧତାର ସହ ଉତ୍ତର ଦାୟିତ୍ୱ ବହନ କରୁ ଓ ଯୋଗ୍ୟତା ଭିତ୍ତିରେ ସ୍ରଷ୍ଟାମାନଙ୍କୁ ଚୟନ କରାଯାଉ । ଏଠି କହିରଖେ ଯେ ପୁରସ୍କାରଟି ସାଧକ ପାଇଁ ପ୍ରୋତ୍ସାହନ ଯୋଗାଏ । ସାଧକର ସର୍ଜନାକୁ ଦୃଢ଼ କରି ସଂସାରୀ ପଣରେ ବା ତାକୁ କିଛି ପ୍ରାପ୍ତିର ଆଶା ଦେଇ ମୂର୍ତ୍ତିମନ୍ତ କରିଦିଏ ଓ ସେ ଅତିନ୍ଦ୍ରିୟ ଚେତନାବୋଧକୁ ଛୁଇଁବାର ଅଭିଳାଷ ରଖି ସାଧନା ନିମଗ୍ନ ରହେ । ପୂର୍ବ ପ୍ରଥିତଯଶା ସାହିତ୍ୟିକଙ୍କ ଅବବୋଧ ସବୁକୁ ବିଚାରକୁ ନେଇ ଏକ ସୁନ୍ଦର ପୃଥିବୀର ସଂରଚନା ଲେଖକଟିଏର ମଗଜରେ ରହୁ । ସେ ଭାବ-ଭାଷା- ସାମ୍ପ୍ରତିକ ସ୍ଥିତିକୁ ନିରେଖୁ । ଏଣୁ ତେଣୁ ନଲେଖି ନିଜକୁ ସମାଜର ଜଣେ ଉତ୍ତମ ମାର୍ଗଦର୍ଶକ ଭାବି ନିଜକୁ ପରଖୁ । ସାହିତ୍ୟ ଆପେ ଆପେ ପୂର୍ବବତ୍ ପାଠକଙ୍କ ପାଇଁ ଓ ସମାଜ ପାଇଁ ଗ୍ରାହ୍ୟ ଯେ ହେବ ଏ ବିଶ୍ୱାସ ମୋର ଅନ୍ତତଃ ଅଛି । ❤

■ **ଅକ୍ଷରେ ଦୁର୍ଗାଚରଣ ଷଡଙ୍ଗୀ**

ଜନ୍ମ ତାରିଖ : ୨୬/୧୧/୧୯୫୫
ପିତା : ଗାୟକ ଭୂଷଣ ଗାୟକ ଚୂଡାମଣି ଧ୍ରୁବଚରଣ ଷଡଙ୍ଗୀ
ମାତା : କମଳା ଦେବୀ
ଜନ୍ମସ୍ଥାନ : ପଞ୍ଚୁପାଳ, ପୋ : ବାରଙ୍ଗ, ଜି: କଟକ



**ପ୍ରକାଶିତ ପୁସ୍ତକ**

କବିତା
(୧) ପ୍ରୀତିର କଦମ୍ବ
(୨) ଆଉ କେତେ କାଳ
(୩) କେତେ ନିଜର
(୪) କେହିଜଣେ
(୫) ବାପା ଏକାଏକା
(୬) ବହୁବର୍ଣ୍ଣା
(୭) ସହଚରୀ
(୮) ଦର୍ପିତ ଧୂଳିଖେଳ
(୯) ମିଛଖେଳ
(୧୦) ପ୍ରଣୟ ନିଧୁବନ
(୧୧) ଦୁଃଖନାଚ

ଗଦ୍ୟ/ ପ୍ରବନ୍ଧ ସଂକଳନ
(୧) ନୂଆ ସକାଳ
(୨) ପଥହୁଡାର ବାଟ
(୩) ସାମଗାନ
(୪) ଦ୍ରେହକାଳରେ ନାରୀ
(୫) ଅନ୍ତରାଳେ
(୬) ଅମୃତ କଥା ଭାଗବତ

**ସଂପାଦନା :**
କାର୍ଯ୍ୟନିର୍ବାହୀ ସମ୍ପାଦକ କଥାକଳିକା, ନବଦିଗନ୍ତ, ଦିଗ୍‌ଦର୍ଶକ, ସାହିତ୍ୟ ସମାଚାର, ବିଧାନସଭାରେ ଭାଷା ଆଇନ ଓ କାଳଜୟୀ ଓଡିଆ କବିତା ସମ୍ପାଦନା


ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ଦୁର୍ଗାଚରଣ ।


ନିଜ ପରିବାର ସହ କବି ଦୁର୍ଗାଚରଣ ଷଡଙ୍ଗୀ...

ପଢିବା ପରେ

# ପ୍ରଭାତ ନଳିନୀଙ୍କ 'ମାଟିରୁ ଆକାଶ' : ଘନଘୋର ଅନ୍ଧାର ଭିତରେ ଆଲୋକର ବିନ୍ଦୁ




ପ୍ରଭାତ ନଳିନୀ ମହାପାତ୍ର ଆମ ସମୟର ଜଣେ ବିଶିଷ୍ଟ କବି ଭାବରେ ପରିଚିତ । ତାଙ୍କ କବିତା 'ମାଟିରୁ ଆକାଶ' ଯାଏ ପରିବ୍ୟାପ୍ତ । ନିଜ ମନତଳେ ଉଙ୍କି ମାରୁଥିବା କଥା ସବୁକୁ କବିତାର ରୂପ ଦେବାରେ ସେ ଜଣେ ସିଦ୍ଧହସ୍ତ କବୀ ।

କବି ଚିରକାଳ ସ୍ୱପ୍ନଦ୍ରଷ୍ଟା । ଘନଘୋର ଅନ୍ଧାର ଭିତରୁ କବି ହିଁ ଆବିଷ୍କାର କରିପାରେ ଆଲୋକର ବିନ୍ଦୁ । କବି ହିଁ ସେତୁଟିଏ ବାନ୍ଧିପାରେ ମାଟିରୁ ଆକାଶ ଯାଏ । କବିଟିଏ ହିଁ ଲେଖିପାରେ ଲୁହବୁନ୍ଦାରେ ନିଟୋଳ ଇତିହାସ । ଲୁହ ଲହୁକୁ ପୁଟୁଳି କରି ପିଠିରେ ପକେଇ ଏକା ଏକା ଚାଲିପାରେ ବାଟ । ଆକାଶ ପାଇଁ ସ୍ୱପ୍ନରେ ଡେଣା ଖଂଜେ, ମାଟି ପାଇଁ ବାସ୍ତବତାର ତାଟି ବାନ୍ଧେ । ଜୀବନ ସରିଯାଏ କିନ୍ତୁ ଶବ୍ଦ ଖୋଜା ସରେନା, ଶବ୍ଦ ଖଂଜା ସରେନା । 'ଚାଲିଥାଏ ଭଂଗାଗଢ଼ା' ଠୁ ଆରମ୍ଭ କରି 'ଦୀର୍ଘ ଶ୍ୱାସର ଶବ୍ଦ', 'କିଛି ସ୍ୱପ୍ନ', 'ଫେରନ୍ତା କି', 'ଲେଖା ହେବ ନାଁ', 'ଭଂଗା ଗଢ଼ା' ଦେଇ 'ଆଉଥରେ ଜୀବନ' ଓ ଶବ୍ଦ ମେଳରେ' ଯାଏ ସମୁଦାୟ ୫୮ଟି କବିତାର ଯାତ୍ରା ଭିତରେ କବୀ ସତରେ ତିଆରି କରି ଦେଇଛନ୍ତି ମାଟିରୁ ଆକାଶ ଯାଏ ପ୍ରଲମ୍ବିତ ଗୋଟେ ସୁନେଲୀ ଝାଲର । ପ୍ରତିପାଦିତ କରିଛନ୍ତି କବିଟିଏ ଚାହିଁଲେ ସେଇ ମାଟିରୁ ଆକାଶ ଯାଏ ସେତୁଟିଏ ଗଢୁ ଗଢୁ ସାରି ଦେଇପାରେ ସାରା ଆୟୁଷ ।

ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି କବି ପ୍ରଭାତ ନଳିନୀ ମହାପାତ୍ରଙ୍କର ଦ୍ୱାଦଶତମ କବିତା ସଂକଳନ । କବିତାରେ ବଂଚିଥିବା, କବିତାକୁ ନିଜର ସବୁ ଦୁଃଖର ସଂଜୀବନି, ସବୁ କ୍ଷତର ମଲମ କରିଥିବା କବି ପ୍ରଭାତ ନଳିନୀ ନିଜ ସଂସାର, ସାହିତ୍ୟ ଓ ବୃତ୍ତି ମଧ୍ୟରେ ସୁସମନ୍ୱୟ ଆଣି ମାଟିରୁ ଆକାଶ ଯାଏ ଗଢ଼ିଛନ୍ତି ଯେଉଁ କବିତାର ମହଲ ତାହା ନିଶ୍ଚୟ ପାଠକଙ୍କୁ ଅଭିଭୂତ କରିବ ।

*କେବେ ପିନ୍ଧିବାକୁ ହୁଏ ରାଜାର ପୋଷାକ ତ*
*କେବେ ମନ୍ତ୍ରୀ, କଟୁଆଳ*
*କେବେ କେବେ ନାୟକ ହେବାକୁ ପଡ଼େ ତ*
*କେବେ ପୁଣି ଖଳ ନାୟକ*
*ତେବେ ସବୁ ଭୂମିକାରେ*
*କରିବାକୁ ହୁଏ ନିଖୁଣ ଅଭିନୟ ।*
*-ଚାଲିଥାଏ ଭଂଗା ଗଢ଼ା*

ଜୀବନ ଗୋଟେ ଯାତ୍ରା, ଆମେ ସମସ୍ତେ ଜଣେ ଜଣେ କାଳକାର । ଭଂଗାଗଢ଼ାର ସଂସାରରେ କିଛି ସବୁଦିନ ପାଇଁ ନୁହେଁ । ଆସିବା ଯିବା ଭିତରେ ଦେହ ଭାଂଗେ, ବୟସ ବଢ଼େ, ମନ ଥକିଥାଏ କିନ୍ତୁ ତାକୁ ଅଭିନୟ କରିବାକୁ ପଡ଼େ କେତେ କେତେ ଭୂମିକାରେ । ଅମଡ଼ାବାଟରେ ଯାଉ ଯାଉ କେତେବେଳେ ସାପ ଗିଳେ ତ କେତେବେଳେ ସିଡ଼ି ମିଳେ, ସେକଥା କବିଙ୍କ କବିତାରେ ସ୍ପଷ୍ଟ ଦୃଶ୍ୟମାନ ହୁଏ ।

କବି ଲେଖନ୍ତି-
*ସୁନାହରିଣୀର ମୋହ*
*ଭୁଲାଇଦିଏ ଆପଣାର ଦେଶ*
*କୋଉଠୁ ଦୂରରୁ କିଏ ଡାକୁଥାଏ*
*ବାରମ୍ବାର ହାତ ଠାରି ଫେରି ଆସିବାକୁ*
*ଅଥଚ କାହିଁକି କେଜାଣି*
*ଫେରି ପାରିନ୍ତିନି କିଛି*
*ଲମ୍ବି ଯାଇଥାଏ,*
*ଏକ ମୁଖୀ ଅଫେରା ରାସ୍ତାଟିଏ ।*
*- (ଅଫେରା)*

ଜଗତୀକରଣ ଯୁଗରେ ମଣିଷ ସାଂପ୍ରତିକ ସମସ୍ୟାରେ ଘାଂଟି ଚକଟି ହେଲାବେଳେ କବିଙ୍କୁ ଶୁଭେ ଦୀର୍ଘଶ୍ୱାସର ଶବ୍ଦ । ସେଥିରେ ମିଶିଥାଏ କେତେଯୁଗର କେତେ ବ୍ୟଥାର ଇତିହାସ ତା କେବଳ ଜାଣେ କବି । କାରଣ ଭୋଗିଥିବା ମଣିଷଟି ହିଁ ଜାଣିଥାଏ କେତେ କଷ୍ଟ ସ୍ମୃତିରେ ବଂଚିବା ଆଉ ସ୍ମୃତିରେ ମରିବା । ସେଇ ଦୀର୍ଘଶ୍ୱାସ ହିଁ ସାହାରା ହୋଇଥାଏ ଅବଶିଷ୍ଟ ଜୀବନର । ଦ୍ୱନ୍ଦ୍ୱର ଦୋଛକିରେ ସେଇ ଦୀର୍ଘଶ୍ୱାସ ଶବ୍‌ଦରେ ଲୁଚିଥାଏ କିଏ ଦେଇଥିବା କିଛି ପ୍ରତିଶ୍ରୁତି । ଏକାଠି ହାତଧରି ଚାଲିବାର ସ୍ୱପ୍ନ ।

କବି ଲେଖନ୍ତି-
*ଜଣେ ଛାଡ଼ିଗଲା ଅଧାବାଟରେ ତ*
*ଆଉ ଜଣେ ଜଳିବ*
*ଦୀପର ସଳିତା ପରି ଅବଶିଷ୍ଟ ଦିନ*
*+ + + +*
*କିଏ ବୁଝେ ଝରାପତ୍ରର ଦୁଃଖ ।*
*- (ଦୀର୍ଘଶ୍ୱାସର ଶବ୍‌ଦ)*

'ଜେଜେମାଆର ପୃଥିବୀ', 'ସୁରଞ୍ଜନର ଗାଁ', 'ସରିଯାଏ ଚଲାବାଟ', 'କିଛି ସ୍ୱପ୍ନ' ପରି ସାଧାରଣ କଥା ସବୁ ଅସାଧାରଣ ରୂପ ନେଇଛି କବି ପ୍ରଭାତ ନଳିନୀଙ୍କ କବିତାରେ । ସେଇ ବର୍ଷା ପାଗରେ, ବର୍ଷା ପାଇଁ ଗୋଟେ କବିତା, ଶୀତ ଆସିଲେ, ଫେରେନା ବସନ୍ତ, ଶୀତ ପାଇଁ ଗୋଟେ ସନେଟ୍ ଆଦି କବିତାରେ କବି ପ୍ରକୃତି ସହିତ ମନନଶୀଳତାର କରିଛନ୍ତି ଅପୂର୍ବ ସମନ୍ୱୟ ।

*"ଫୁଲମାନେ ଟୋପା ଟୋପା ଲୁହର ଜର୍ଜର*
*ପତ୍ରମାନଙ୍କରୁ ଶୁଭେ ମୃତ ହାହାକାର*
*ଧୂସର କରୁଣ କଳା ପୃଥିବୀର ଛାଇ*
*ଶୀତରାତି ଛିଡ଼ାହୁଏ ଏକୁଟିଆ ହୋଇ*
*ଦୁଃଖ ପରେ ସୁଖ ଆଉ ସୁଖ ପରେ ଦୁଃଖ*
*ଶୀତ ଋତୁ ବସନ୍ତର ସ୍ୱାଗତ ସଂଗୀତ ।"*
*( - ଶୀତପାଇଁ ଗୋଟେ ସନେଟ୍)*

ନିମଗ୍ନ ବିବଶତା ଭିତରେ କବିତା ଏକ ଆକାଂକ୍ଷିତ ସକାଳ । ସ୍ୱପ୍ନର ଆକାଶରେ ଉଡି ବୁଲୁଥିବା ଗୋଟେ ସୁନ୍ଦର ଚଢ଼େଇ । ଯିଏ ଡେଣା ଝାଡ଼ି ଦେଲେ ଖସି ପଡ଼େ କିଛି ରଂଗୀନ ପର । ଅବିଶ୍ୱାସନୀୟ ଭାବେ ମଧୁର ସଂଗୀତର ମୂର୍ଚ୍ଛନା ତୋଳିପାରେ ସେ ଚଢ଼େଇ । ନିତ୍ୟ ନୈମିତିକ ଜୀବନଚର୍ଯ୍ୟା ଭିତରେ ଜୀବନାନୁଭୂତିକୁ ମାଳିକରି ମାଳାଟିଏ ଗଢ଼ିପାରେ ଗୋଟେ କବି ସେମିତି ନିଜର ପ୍ରଜ୍ଞା ଓ ତାର ଉଚ୍ଚାରଣରେ ପାଠକୀୟ ଚିତ୍ତବୃତ୍ତିକୁ ନିଆରା ଅନୁଭବର ସ୍ୱାଦ ବାଣ୍ଟିପାରୁଥିବା ଜଣେ କବି ହେଲେ କବି ପ୍ରଭାତନଳିନୀ ମହାପାତ୍ର । ସେ ତାଙ୍କର ସଦ୍ୟ ପ୍ରକାଶିତ କବିତା ପୁସ୍ତକ 'ମାଟିରୁ ଆକାଶ'ରେ ପ୍ରତିପାଦିତ କରିଛନ୍ତି ।

ବାରମ୍ବାର ଭାଂଗେଗଢ଼େ, ଫେରନ୍ତା କି, ଇତିହାସ, କବିତାର ଭାଗ୍ୟ, କିଛି ଖାଲିପଣ, ଆଖି ଅଛି ବୋଲି, ସିଡ଼ି ଚଢ଼ିବା ନିଶାରେ, କବିତା ଲେଖୁଛି ଝିଅ, ଚାଲିଥାଏ ଯୁଦ୍ଧ ଆଦି କବିତାରେ କବି ପ୍ରଭାତ ନଳିନୀଙ୍କ ଆତ୍ମନିଷ୍ଠତା ଦୃଶ୍ୟମାନ ହୁଏ । ତାଙ୍କ କବିତାରେ ଘୋଘୋରାଣୀ ଗୀତର ସ୍ୱର ଭିତରେ ଝର୍କା ସେପାଖ ବର୍ଷା ନାଚ ଆଉ ଝର୍କା ଏପାଖେ 'ଫେରନ୍ତା କି' ପରି ଭାବମୟ ଶବ୍ଦ ଉଚ୍ଚାଟ କରିଛି କବିଙ୍କୁ । ଭଂଗା ଗଢ଼ାର ଜୀବନରେ ଦୁଃଖ, ଯନ୍ତ୍ରଣା, ବିଷାଦ ଓ ବିଷର୍ଣ୍ଣର ଆଚ୍ଛନ୍ନ ଅଂଧାକାର ଭିତରେ କବିଙ୍କ ଆତ୍ମନିଷ୍ଠତାକୁ ନେଇ ତାଙ୍କର କବିତା ଓ କବିତା ପରିଧି ଭୁକ୍ତ ଜୀବନ ପାଇଁ କେବେ ଅଭିନୟ କରିବାକୁ ହୁଏତ କେବେ ଗୋଲକ ଧନ୍ଦାରେ ଘୁରିବାକୁ ହୁଏ ସାରା ଜୀବନ, ଏ କଥା କହିଛନ୍ତି ତାଙ୍କ କବିତାରେ ।

ପହଁରାର ଜାଣିନଥିବା ଲୋକ ବେଳେବେଳେ ଡେଇଁ ପଡ଼ନ୍ତି ନଦୀକୁ, କିଛି ଦେଖଣାହାରୀ ଉଠାନ୍ତି ଫଟୋ କିଛି ଲୋକ ତାଙ୍କୁ ଉଦ୍ଧାର କରିବା ପାଇଁ ଜୀବନକୁ ଲଗେଇ ଦିଅନ୍ତି ବାଜି । କିନ୍ତୁ ତାଙ୍କୁ କେହି ମନେ ରଖେନା । ଯାହା କାନ୍ଧରେ ପାଦରଖି ଚଢ଼ିଥାନ୍ତି ତାକୁ ହିଁ ଠେଲି ଦେବାକୁ କୁଣ୍ଠା କରେନା କେହି । କବି ଲେଖନ୍ତି -

ଅଥଚ ବୁଡୁଥିବା ଲୋକଟି
ସାରା ଜୀବନ ରହେ ବି କୃତଜ୍ଞ
ବେଳେ ବେଳେ ଭୁଲିଯାଏ
ସିଡ଼ି ଚଢ଼ିବାର ନିଶାରେ ।
(- ସିଡ଼ି ଚଢ଼ିବା ନିଶାରେ)
\+ + + + +
ଏମିତି ଧ୍ୱଂସ ଓ ସୃଷ୍ଟି
ଚାଲିଥାନ୍ତି ହାତ ଧରାଧରି
ଈଶ୍ୱରଙ୍କ ସୁନ୍ଦର ଧରାକୁ,
ଧ୍ୱଂସ କରେ ମଣିଷର ଗର୍ବ ଓ ଅହଂକାର..
( - ଚାଲିଥାଏ ଯୁଦ୍ଧ)
\+ + + +
ବେଳେବେଳେ ଲାଗେ
ଏ ପୃଥିବୀ ଭାରି ଭଲ
ସବୁ ଏଠି ସ୍ୱର୍ଗଠୁ ସୁନ୍ଦର ।
କାହାଠାରୁ ମିଳିଗଲେ
ସ୍ନେହ, ଶ୍ରଦ୍ଧା, ଆପଣାର ପଣ
ନିଃସର୍ତ୍ତ ଭଲ ପାଇବା
ମରୁଭୂମି ଦିଶିଯାଏ ମରୁଦ୍ୟାନ ପରି ।
(- ଏ ପୃଥିବୀ)

ସଂକଳନରେ ସ୍ଥାନ ପାଇଛି ସମୁଦାୟ ୫୮ଟି ପ୍ରଭାବଶାଳୀ କବିତା । 'ଚାଲିଥାଏ ଭଂଗାଗଢ଼ା' ଠୁ ଆରମ୍ଭ ହୋଇ 'ଶବ୍ଦ ମେଳରେ' ଯାଏ ୧୧୦ ପୃଷ୍ଠାର ଯାତ୍ରା ଭିତରେ କବି କୋଉଠି ଭିଜିଛନ୍ତି ବର୍ଷାରେ ତ କେବେ ହଜିଛନ୍ତି ସୁରଞ୍ଜନ ଗାଁର ପ୍ରେମରେ । କୋଉଠି ଚାଲିଥାଏ ଭଂଗାଗଢ଼ା ତ କୋଉଠୁ ପ୍ରତିଧ୍ୱନି ହୋଇ ଫେରିଆସେ ଦୀର୍ଘଶ୍ୱାସର ଶବ୍‌ଦ । କୋଉଠି ଲେଖା ହେଉଥାଏ ଇତିହାସ ତ କୋଉଠି ଉର୍ଦ୍ଧ୍ୱ ଉଡ଼ାଣର ନିଶାରେ କବି କାଟି ଦିଅନ୍ତି ସ୍ୱପ୍ନହୀନ ବିନିଦ୍ର ରଜନୀ । କୋଉଠି ବୋଉର ଶାଢ଼ି ରହିଯାଏ ପ୍ରଶ୍ନବାଚୀ ହୋଇ ତ ଶବ୍ଦ ମେଳରେ ଥାଇ ବି କବି କାନଡେରନ୍ତି ଶବ୍ଦର ଡାକକୁ ଯୋଉଠି ଶିଳ୍ପୀ ତାକୁ ରୂପ ଦେଉଥାଏ ଲୁହ ଓ ଲହୁରେ ।

କାଳକୁ ମହାକାଳ କରି ଏବଂ ମହାକାଳକୁ ସମକାଳ ସହ ଯୋଡ଼ି ପାରିବା ପରି କ୍ଷମତା ରଖୁଥିବା କବିଟିଏ କବିତାର ଅର୍ନ୍ତବାଣୀକୁ ବୁଝିପାରେ । କବି ପ୍ରଭାତ ନଳିନୀ ମହାପାତ୍ର ଜଣେ ସଚେତନ କାବ୍ୟଶିଳ୍ପୀ । ତାଙ୍କର 'ମାଟିରୁ ଆକାଶ' ସଂକଳନରେ ଥିବା ପ୍ରତ୍ୟେକ କବିତା ପାଠକ ହୃଦୟରେ ଅନୁରଣିତ ହେବାର କ୍ଷମତା ରଖିଛି । ତାଙ୍କର ଏହି ସଂକଳନଟି ପାଠକ ଓ ସମାଲୋଚକଙ୍କ ପାଖରେ ଆଦର ଲାଭ କରିବ ଏହା ନିଃସନ୍ଦେହ ।

♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩



ପଢିବା ପରେ

**ଏଯାବତ୍**
ସମ୍ପାଦକ :
**ମାନସ ରଂଜନ ପଣ୍ଡା**
ଠିକଣା : ସତ୍ୟଶିବ ନିଳୟ (ପାନ୍ଥଶାଳା ସାମ୍ନା)
ଆରଡି, ଭଦ୍ରକ-୭୫୬୧୩୮
(ମୋ) ୯୮୨୭୬୩୧୫୩୪
ମୂଲ୍ୟ : ୧୫୦/-




ଚଳିତ ବର୍ଷ ଦୁର୍ଗାପୂଜା ସମୟରେ ପ୍ରାୟ ଷାଠିଏରୁ ଉର୍ଦ୍ଧ୍ୱ ପତ୍ରିକାର ପୂଜା ବିଶେଷାଙ୍କ ପାଠକଙ୍କଠାରେ ପହଞ୍ଚି ପାରିଛି । ତେବେ ପାଠକାଦୃତି ଦୃଷ୍ଟିରୁ ଯେଉଁ କେତୋଟି ଉଲ୍ଲେଖନୀୟ, ସେଗୁଡିକ ମଧ୍ୟରୁ ଭଦ୍ରକରୁ ପ୍ରକାଶିତ ସର୍ଜନାର ଯୋଗଯାତ୍ରା, ଏଯାବତ୍ ଏ ବର୍ଷ ବହୁ ପାଠକଙ୍କ ପାଖରେ ପହଞ୍ଚି ଓଡ଼ିଆ ପାଠକ ମହଲରେ ସ୍ୱତନ୍ତ୍ର ଚର୍ଚ୍ଚାର ବିଷୟ ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଶାର ଜଣାଶୁଣା ଚିତ୍ରଶିଳ୍ପୀ ଡ଼ା ଦୀନବନ୍ଧୁ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଏହି ପତ୍ରିକାଟିର ଆକର୍ଷଣୀୟ ପ୍ରଚ୍ଛଦ ସହ ସୁନିର୍ବାଚିତ ଲେଖା ପାଇଁ ଏହା ପାଠକଙ୍କଠାରେ ପ୍ରଥମରୁ ହିଁ ଆଦୃତି ଲାଭ କରି ଏ ବର୍ଷ ପାଠକାଦୃତିର ଶୀର୍ଷକୁ ଯାଇ ପାରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୂଜା ସମୟରେ ପ୍ରକାଶ ପାଉଥିବା ବୃହତ୍ କଳେବରର ବହୁ ପତ୍ରିକା ଠାରୁ ଅଧିକ ପାଠକୀୟତା ହାସଲ କରିଥିବା ଏ ପତ୍ରିକାଟିର ପ୍ରକାଶିତ ସଂଖ୍ୟାଟି ପୂଜା ସଂଖ୍ୟା ନୁହେଁ, ପ୍ରାକ୍ ପୂଜାସଂଖ୍ୟା । ପତ୍ରିକାଟିର ପରିକ୍ରମଣୀୟ ଅବଧି ପ୍ରାକ୍ ପୂଜା ଠାରୁ ଆଉ ଏକ ପ୍ରାକ୍ ପୂଜା ଯାହା ଏ ପତ୍ରିକାର ନିଆରାଦିଗ । ଦ୍ୱିତୀୟତଃ, ଏ ବର୍ଷ ଏଯାବତ୍ ପତ୍ରିକାଟି ଓଡ଼ିଶାର କୌଣସି ପୁସ୍ତକ ଦୋକାନରେ ଉପଲବ୍ଧ ନହୋଇ ଅନଲାଇନରେ ବିକ୍ରୟ ପାଇଁ ଉପଲବ୍ଧ ହେବା । ଉପଯୁକ୍ତ ଶୈଳୀରେ ପତ୍ରିକାର ପ୍ରସାରଣ ଦ୍ୱାରା ଏହା ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଓଡିଆ ପାଠକଙ୍କ ପାଖରେ ପହଞ୍ଚି ପାରିଛି ବୋଲି ଏହାର ପ୍ରକାଶକ ଦୃଢୋକ୍ତି ବାଢିଛନ୍ତି । ପତ୍ରିକାଟିର ମୂଲ୍ୟ ୧୫୦ ରହିଥିଲାବେଳେ ଅଫ୍ ହ୍ୱାଇଟ୍ ୧୬୦ ପୃଷ୍ଠା ବିଶିଷ୍ଟ ଏହି ପତ୍ରିକାରେ ସ୍ଥାନ ପାଇଛି ବହୁ ବିଖ୍ୟାତ ଏବଂ ଚର୍ଚ୍ଚିତ ଲେଖକ ଲେଖିକାଙ୍କର ସୁଚୟିତ ସୃଷ୍ଟିସବୁ ।

ବିଭିନ୍ନ ବିଭାଗ ମଧ୍ୟରୁ 'ବିଶ୍ୱାୟନ' ବିଭାଗରେ ବିଶ୍ୱବିଖ୍ୟାତ ସାହିତ୍ୟିକ ଅକ୍ଟାଭିଓ ପାଜ୍‌ଙ୍କ ଉପରେ ଏକ ବୌଦ୍ଧିକ ଆଲୋଚନା ସହ ଚଳିତବର୍ଷ ନୋବେଲ ପୁରସ୍କାର ପାଇଥିବା ଜନ୍ ଫୌସେଙ୍କ ସଂକ୍ଷିପ୍ତ ଜୀବନୀ ଚର୍ଚ୍ଚା ଓଡ଼ିଶାରେ ବିଶ୍ୱ ସାହିତ୍ୟର ଆଦୃତି ଓ ଆଲୋଚନାକୁ ପ୍ରମାଣିତ କରେ । ସେହିପରି ପ୍ରବନ୍ଧ ବିଭାଗରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ନକୁଳ ଚନ୍ଦ୍ର ସାହୁ, ସୌଭାଗ୍ୟବନ୍ତ ମହାରଣା, ଡ. ନୃସିଂହ ଷଡ଼ଙ୍ଗୀ, ଡ. ବିରଞ୍ଚି କୁମାର ସାହୁ ପ୍ରମୁଖଙ୍କର ଆଲୋଚନା ସ୍ଥାନ ପାଇଥିଲା ବେଳେ କବିତା ବିଭାଗରେ ସ୍ଥାନ ପାଇଛି ଜେ ପି ଦାସ, ବଂଶୀଧର ଷଡ଼ଙ୍ଗୀ, ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ଇପ୍ସିତା ଷଡଙ୍ଗୀ, ସୈରିନ୍ଧ୍ରୀ ସାହୁ, ହିମାଂଶୁ ପଟ୍ଟନାୟକ ପ୍ରମୁଖ ୩୦ ଜଣ କବିଙ୍କର ମୂଲ୍ୟବାନ କବିତା । ଏହା ସହ ଗୀତି କବିତା ସ୍ତମ୍ଭରେ ମୋଟ୍ ୧୫ ଜଣ କବିଙ୍କର କବିତା ସ୍ଥାନ ପାଇଥିଲା ବେଳେ କବି ସତ୍ୟ ସାହୁଙ୍କ ସଂଯୋଜନାରେ ପ୍ରସ୍ତୁତ 'ଜହ୍ନରାତି' ଥିମ୍ କବିତାରେ ଅଛନ୍ତି ଶ୍ୟାମଳୀ ସେନଗୁପ୍ତ, ରାମକୃଷ୍ଣ, ଚିତ୍ତରଂଜନ ନାୟକ, ବାଦଲ ମହାନ୍ତି, ମମତା ଦାଶ, ପ୍ରତୀକ୍ଷା ଜେନା ଓ ପଦ୍ମଜା ଶରଣଙ୍କ ଭଳି ୧୫ ଜଣ କବି । ଏହା ସହ ପତ୍ରିକାଟିର ଅନୁବାଦ କବିତା ସ୍ତମ୍ଭରେ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର୍ ଏବଂ ଅମ୍ରିତା ପ୍ରୀତମଙ୍କର କବିତାର ଓଡିଆ ରୂପାନ୍ତର ପାଠକଙ୍କୁ ଏଯାବତ୍ ପତ୍ରିକା ସଂଗ୍ରହର ସ୍ୱତନ୍ତ୍ର ଆନନ୍ଦ ପ୍ରଦାନ କରିଥିବ ନିଶ୍ଚୟ । ପତ୍ରିକାଟିର ଗଳ୍ପ ବିଭାଗରେ ଏଥର ଅଛନ୍ତି କୃପାସାଗର ସାହୁ, ସଦାନନ୍ଦ ତ୍ରିପାଠୀ, ସୀତେଶ ତ୍ରିପାଠୀ, ଅଞ୍ଜନ ଚାନ୍ଦ, ଶୈବାଳିନୀ ସାହୁ, ଶୁଭ୍ରାଂଶୁ ପଣ୍ଡା, ରବି ନାରାୟଣ ଦାଶ, ସନ୍ତୋଷ ବାରିକ ଓ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ ପରି ମୋଟ ୧୬ ଜଣ ଗାଳ୍ପିକ ଓ ଗାଳ୍ପିକା । ଏହା ସହ ଅମୃତା ପ୍ରୀତମ୍ ଏବଂ ଖଲିଲ ଜିବ୍ରାନ୍‌ଙ୍କର ଅନୁବାଦ ଗଳ୍ପ ପତ୍ରିକାଟିର ସ୍ୱତନ୍ତ୍ର ଆକର୍ଷଣ ।

ଏଯାବତ୍, ପ୍ରାକ୍ ପୂଜା ସଂଖ୍ୟା - ୨୦୨୩ର ଗଳ୍ପ ବ୍ୟକ୍ତିତ୍ୱରେ ବରିଷ୍ଠ ଗାଳ୍ପିକ ଗିରି ଦଣ୍ଡସେନା ରହିଥିଲା ବେଳେ କାବ୍ୟ ବ୍ୟକ୍ତିତ୍ୱ ସ୍ତମ୍ଭରେ ଏଥର ରହିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଗୀତିକବି ମନୋଜ ପଟ୍ଟନାୟକ । ସେହିପରି ସୃଜନ ଦାମ୍ପତ୍ୟ ସ୍ତମ୍ଭରେ ଏଥର ଡ. ମମତାମୟୀ ଚୌଧୁରୀ ଏବଂ ଅନୀଲ କୁମାର ପାଢ଼ୀଙ୍କର ସ୍ୱତନ୍ତ୍ର ସାକ୍ଷାତକାର ସହ ବିସ୍ତୃତ ସାହିତ୍ୟ ବିବରଣୀ ଏବଂ ସାହିତ୍ୟକୁ ନେଇ ଦାମ୍ପତ୍ୟ ଜୀବନର ବିଭିନ୍ନ ପ୍ରଶ୍ନୋତ୍ତର ପାଠକଙ୍କୁ ସ୍ୱତନ୍ତ୍ର ଆନନ୍ଦ ପ୍ରଦାନ କରିଥିବ ନିଶ୍ଚୟ । ପତ୍ରିକାଟିର ପୁସ୍ତକ ଚର୍ଚ୍ଚା ବିଭାଗରେ 'ଦ୍ୱାଦଶୀ ଜହ୍ନର ଫଟୋଗ୍ରାଫ୍,' (ଗଳ୍ପ ସଂକଳନ) ଏବଂ 'ଅନେକ ନିଦ୍ରିତ ଛାଇ' (କବିତା ସଙ୍କଳନ)ର ଶେଷ ଦୁଇଟି ମନୋଜ୍ଞ ଆଲୋଚନା ପତ୍ରିକାକୁ ଦେଇଛି ପୂର୍ଣ୍ଣତା ।

ପ୍ରାରମ୍ଭରେ ଏହି ପତ୍ରିକାକୁ ସମ୍ପାଦନା କରୁଥିବା ମାନସ ରଞ୍ଜନ ପଣ୍ଡାଙ୍କର ସଂପାଦକୀୟ କଲମର ପରିଭାଷାରେ ମିତ୍ରମୟ ବିଶ୍ୱର ପରିକଳ୍ପନା ଅତ୍ୟନ୍ତ ସୁଖଦ । ଶ୍ରୀଯୁକ୍ତ ପଣ୍ଡାଙ୍କ ଭାଷାରେ,- 'ସର୍ଜନାର ଯୋଗଯାତ୍ରା, ଏଯାବତ୍ ର ଆଭିମୁଖ୍ୟ ଦୁଇଟି । ପ୍ରଥମତଃ, କାଳର ପ୍ରବାହରେ ଗତି କରି ଆସିଥିବା ଆମ ଓଡ଼ିଆ ସାହିତ୍ୟର ଆସନ୍ତା କାଲି ପାଇଁ ସମମନସ୍କ ସାହିତ୍ୟପ୍ରାଣଙ୍କୁ ନେଇ ନୂଆ ନକ୍ସାର ପ୍ରସ୍ତୁତିକରଣ । କାରଣ, କେବଳ ଲେଖି ଚାଲିବାର ଅନ୍ଧ ଟାଣପଣକୁ ନେଇ ସାହିତ୍ୟ ହୁଏ ନାହିଁ । ଏଥିପାଇଁ ଲୋଡ଼ା ଯୋଗଯାତ୍ରା, ଅର୍ଥାତ୍ ସମୂହଯାତ୍ରା । ଏ ସବୁ ଦିଗରେ ଆମେ ଏଯାବତ୍ ଲୋଡ଼ି ଆସିଛୁ ଓ ଲୋଡ଼ି ଚାଲିଥିବୁ ଆପଣମାନଙ୍କର ସମୋୟାଚିତ ପ୍ରେରଣା ଓ ଦିଗ୍ ଦର୍ଶନ । ବିବାଦର ବ୍ୟୁହରୁ ମୁକୁଳି ଭାଷାର ଭାଗିଦାରୀ ସହ ବୃହତ୍ତର ବିଶ୍ୱ ଆଭିମୁଖ୍ୟ ନେଇ ଆମେ ପାହୁଣ୍ଡ ବଢାଇ ଆଗେଇ ଚାଲିଛୁ ଆପଣମାନଙ୍କର ଦୃଷ୍ଟି ଓ ସୃଷ୍ଟିର ଅଗ୍ରଗାମୀତାକୁ ନେଇ । ଏ ସଂପର୍କ ସ୍ୱାକ୍ଷରିତ ହେଉ ପ୍ରତିଟି ପ୍ରାଣରେ ।' ପ୍ରିୟ ସଂପାଦକଙ୍କ ସଂପାଦକୀୟର ଭାଷା ଶୋଭନୀୟ ଏବଂ ଗ୍ରହଣୀୟ । ପ୍ରାରମ୍ଭରୁ ହିଁ ପତ୍ରିକା ଭିତରେ ପ୍ରବେଶ କରି କ୍ରମେ କ୍ରମେ ନିଜକୁ ହଜେଇ ଦେଇଥିବା ଏ ପତ୍ରିକାର ପାଠକ ନିଶ୍ଚୟ ଉପଲବ୍ଧି କରି ପାରିଥିବେ ମହାପୂଜା କାଳରେ ପତ୍ର ପତ୍ରିକା ମାନଙ୍କର ମହାସଙ୍ଗମ ଭିତରେ ଏଯାବତ୍ ପତ୍ରିକା ଗୁଣବତ୍ତା ଓ ମାନବତ୍ତା ଦୃଷ୍ଟିରୁ କାହିଁକି ବହୁଳ ପାଠକଙ୍କର ପ୍ରଥମ ପସନ୍ଦ ପାଲଟି ପାରିଛି !



ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରାମାଣିକ
♥ ଉଦଳା, ମୟୂରଭଞ୍ଜ
ମୋ : ୯୪୩୮୪୫୫୬୬୦

# ଗୋ ସେବା

ସିଦ୍ଧେଶ୍ୱର ତ୍ରିପାଠୀ




ସାହୁ ବାବୁ ବୁଢା ହୋଇଗଲେଣି ଯେତେବେଳେ ଦେହରେ ଶକ୍ତି ଥିଲା କେତେ କାମ କରୁଥିଲେ । ଜମି ବାଡ଼ି ଶଗଡ଼ ବଳଦ ଗାଈ ଗୋରୁ ସବୁ କଥା ବୁଝୁଥିଲେ । ପିଲାମାନେ ପାଠ ଶାଠ ପଢି ଚାକିରୀ କଲେ ଏ ମାଟି ଘର, ଧାନ କୋଠି ତାଙ୍କୁ ଭଲ ଲାଗିଲାନି । ଆଉ ବିଲ ବାଡ଼ି କିଏ କରିବ । ସବୁ ବିକାଭଙ୍ଗା କରାଗଲା ପୁରୁଣା ଘର ଧାନ କୋଠି ଭାଙ୍ଗି ନୂଆ ଘର ହେଲା ଶଗଡ଼ ବଳଦ ବିକାହେଲା ହେଲେ ଜଟି ଗାଇକୁ ବିକିବାକୁ ସାହୁ ବାବୁ ରାଜି ହେଲେନି । ଯାହାକୁ ସେ କାହାଠୁ କିଣି ନଥିଲେ ଛୋଟ ବାଛୁରୀଟିଏ କୁଆଡୁ ଆସି ଭାଗ୍ୟକୁ ଜୁଟିଲା । ବାରିଆଡ଼େ ଶୋଇଲା କୁଆଡେ ଗଲାନି ମନ ବୁଝିଲାନି କୁଣ୍ଡା ତୋରାଣି ଦେଲେ । ଦି'ଚାରି ଦିନ ଗଲା କେହି ଖୋଜିଲେନି କି ସେ ଆଉ କୁଆଡେ ଗଲାନି । ସେ ଏବେ ବୁଢ଼ୀ ହେଲାଣି । ସେବେଠୁ କେଇବର୍ଷ ଭିତରେ ସେ ଛୁଆ ଚାରିଟା ଜନ୍ମ କଲାଣି ।

ସିଏ ଠାକୁରଙ୍କ ଦାନ ତେଣୁ ନିଇତି ତା ପହିଲି କ୍ଷୀର ଟିକିଏ ଦୁହାଁ ହେଲେ ନୀଳକଣ୍ଠେଶ୍ୱରଙ୍କୁ ଦିଆହୁଏ ।ଏବେ ଗାଈ ଗୋରୁ କାମ କିଏ କରିବାକୁ ଭଲ ପାଉଛି ତାକୁ କଂସେଇକୁ ଦେଇଦବା ବୋଲି ବଡ଼ ପୁଅ କହିଲା । ସାହୁ ବାବୁ କାନ୍ଦି ପକେଇଲେ । ସାନ ପୁଅ କହିଲା ବାପା ତମେତ ଠିକ୍‌ରେ ଚାଲି ପାରୁନ ଗାଈ ସେବା କିଏ କରିବ । ଘାସ ଆଣ, ଚୁନି ଚୋକଡ଼ ଗୁହାଳ ଗୋବର ଛାଡ଼ମ ।

ହଉ, ବାପା ଯଦି ରାଜି ହେଉ ନାହାନ୍ତି ଆମେ ମାଗି ଗଉଡକୁ ଦେଇଦେବା । ତାର ତ ଗୋଟେ ଗାଈ ଅଛନ୍ତି ସେ ତାର ଯତ୍ନ ନେବ । ସାହୁ ବାବୁ ପୁଅମାନଙ୍କ କଥା ମାନିବାକୁ ବାଧ ହେଲେ ।

ମାଗି ଗଉଡ଼ ଗାଈ ନେଲା । ସାହୁ ବାବୁ କିଛି ପଇସା ରଖିଲେନି । ସେ ଦାନ କାହିଁକି ନେବ ଟଙ୍କା କିଛି ନିଅ ନହେଲେ ମୁଁ ନେବନି କହିବାରୁ ଟଙ୍କାଟିଏ ରଖି ଗାଈ ବାଛୁରୀ ଦୁଇଟିକୁ ଦେଇଦେଲେ । ଆଉ ତିନୋଟି ଅଣ୍ଡିରା ବାଛୁରୀ ଆଗରୁ ବିକା ସରିଥିଲା ।

ନୂଆ ଘର ହେଲା ଘରକୁ ବୋହୂ ନାତି ନାତୁଣୀ ଆସିଲେ ହେଲେ ସାହୁ ବାବୁଙ୍କ ମନ ଦୁଃଖ, କୁଆଡେ ଗଲା ନିଜ ହାତରେ ଗଢିଥିବା ଧାନ କୋଠି ଆଟୁ ଘର ବିଲ ବାଡ଼ି ଗାଈ ଗୋରୁ ।

ଏବେବି ଗାଈ ଗୋଠ ଫିଟିଲେ ସାହୁ ବାବୁ ଧିରେ ଧିରେ ଚାଲି ଆସନ୍ତି ଦାଣ୍ଡ ପିଣ୍ଡାକୁ । ନାତି ଟୋକାକୁ ଡାକି ତୋରାଣି ବାଲ୍ଟି ରେ କୋବି ଡାଙ୍ଗ ଦିଇଟା ପକେଇ ଥୋଇ ଦିଅନ୍ତି ଜଟି ପାଇଁ । ଜଟି ତାକୁ ସବୁ ପିଇଦିଏ କୋବି ଡାଙ୍ଗ ଚୋବେଇ ଆଗକୁ ଯାଏ । ତାକୁ ଟିକେ ଦେଖିଦେଲେ ସାହୁ ବାବୁ ଭାରି ଖୁସି ।

ଏବେ ସାହୁ ବାବୁଙ୍କୁ ଭୀଷଣ ଜର । ସାତ ଦିନ ପରେ ସେ ଦାଣ୍ଡକୁ ଆସିଛନ୍ତି । ଗାଈ ଗୋଠ ଗଲାଣି କାଇଁ ଜଟି ତ ଦିଶୁନି । ହଁ ଆଗରେ ପଳେଇଥିବ । ଏମିତି ତିନିଦିନ ବିତିଗଲା ଜଟି ଟିକେ ହାବୁଡ଼େ ପଡୁନି ତାକୁ ସାହୁ ବାବୁ ବହୁତ ଖୋଜୁଛନ୍ତି ।

ଆଜି ନାତି ଟୋକା ହାତରେ ମାଗି ଗଉଡକୁ ଡାକି ପଠେଇଲେ ଆରେ ମାଗି ମୋତେ ଜର ହେଇଗଲା ଆଠ ଦିନି ଉଠି ବସି ପାରିଲିନି କାଇଁ ଦି'ଚାରି ଦିନ ହେଲା ତାକୁ ଗୋଠରେ ଦେଖୁନି । ତୁ ଜଟିକୁ ଗୋଠକୁ ଛାଡୁନୁ କିରେ ।

ମାଗି ହସି ହସି କହିଲା ସିଏ ଆଉ କୋଉ ଅଛି ଯେ ଆସିବ । ସିଏ ପରା ସାତ ଦିନ ହେଲା ମଲାଣି । ରାତିରେ ଖାଇକି ଶୋଇଥିଲା କଣ ହେଲା କେଜାଣି ପାଟିରୁ ଗୁଡାଏ ଫେଣ ବାହାର କଲା । ପଶୁ ଡାକ୍ତର ଆସିଲେ, ସେ ଦେଖିଲା ବେଳକୁ ସେ ମରିଗଲାଣି । ମାଧିଆକୁ ଡାକି ତାକୁ ବାଉଁଶ ବାନ୍ଧି କାନ୍ଧେଇ ପୋତା ବଣିଆ ଆଡେ ଫିଙ୍ଗି ଦେଇ ଆସିଲି ତାକୁ କୁଆ ଶାଗୁଣା ଖାଇ ସାରିବେଣି ।

ଏମିତି କହି ସେ ତା ଘରକୁ ଚାଲିଗଲା । ସେ ଗାଈଟାକୁ ଖାଇବାକୁ ନଦେଇ ମାରିଦେଲା ବୋଲି କିଛି ଲୋକ ଟୁପୁରୁ ଟାପର ହେଉଥିଲେ ।

ସାହୁବାବୁ ମୁହଁମାଡି ତଳେ ବସି ରହିଲେ । ତାଙ୍କ ଆଖିରୁ ଧାର ଧାର ଲୁହ ଝରି ଯାଉଥାଏ । ତାଙ୍କ ଆଖି ଆଗରେ ନାଚି ଯାଉଥାଏ ଜଟିର ସବୁ ସ୍ମୃତି । ଅଜଣା ଅଶୁଣା ହୋଇ ଘରକୁ ଆସିବା ରହିବା ବଢିବା । ବାଛୁରୀ ଜନ୍ମ , କ୍ଷୀର ଦହି ଲହୁଣୀ ଛେନା ଘିଅର ସ୍ୱାଦ । କେତେ ଆଦର ଯତ୍ନ ଭଲପାଇବା ସେ ପଶୁଟି ପ୍ରତି ! ଏ ଘରର କେତେ ଭଲ ମନ୍ଦ ସେ ଦେଖିନି ସତରେ ସେ କୁଆଡେ ଦୁନିଆରୁ ହଜି ଗଲାଣି ।

ନାତି ଟୋକାଟା କହିଲା, ଜେଜେ ତମେ କାନ୍ଦୁଛ ? ଶୀତ ହେଉଛି ବୋଧେ । ଦେଖୁନ ଦିନ ନଅଟା ହେଲାଣି, ଏ କୁହୁଡି ଭାଙ୍ଗୁନି କି ଶୀତ ଛାଡୁନି । ହଉ ମୁଁ ଚାହା ଟିକେ ଆଣୁଛି ପିଇବ । ନାତି ଘରକୁ ଗଲା, ଚାହା ଆଣି ଜେଜେଙ୍କୁ ଯେତେ ଡାକିଲେ ବି ସେ ଆଉ ଉଠିଲେନି । ବାପା ଆସି ଜେଜେଙ୍କ ଛାତିରେ ମଥା ରଖି କହିଲେ, ପାପୁନରେ ! ତୋ ଜେଜେ ଚାଲିଗଲେ । ସମସ୍ତେ କାନ୍ଦିବାକୁ ଲାଗିଲେ ଗାଁ ଲୋକ ଆସି ବାଉଁଶ ହାଣି ପାଳ ଦଉଡି ବୋଳିବାରେ ବ୍ୟସ୍ତ ଥିଲେ ।

+କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୭ ଜାନୁଆରୀ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ - ୧୨

# ସର୍ବବ୍ୟାପୀ ଭଗବାନ



♥ ଲଳିତ ମୋହନ ମିଶ୍ର

ଭଗବାନ ସର୍ବଜ୍ଞ ସର୍ବବ୍ୟାପୀ । ସେ ତ୍ରିକାଳଦର୍ଶୀ : ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ । କିଛି ଘଣ୍ଟା ପୂର୍ବରୁ ଆମେ କ'ଣ ଚିନ୍ତା କରୁଥିଲୁ, ତାହା ଆମେ ଭୁଲିଯାଉ । କିନ୍ତୁ ଭଗବାନ ବ୍ରହ୍ମାଣ୍ଡର ପ୍ରତ୍ୟେକ ଜୀବର, ଅନନ୍ତ ଜନ୍ମର ପ୍ରତିକ୍ଷଣ ବିଚାର, ବଚନ ଓ କର୍ମକୁ ମନେ ରଖନ୍ତି । ଏସବୁ ପ୍ରତ୍ୟେକ ଜୀବର ସଞ୍ଚେତୀତ କର୍ମ ବା ଅନନ୍ତ ଜନ୍ମର କର୍ମ ଭଣ୍ଡାର । ଭଗବାନଙ୍କୁ ଏହି ହିସାବ ରଖିବାକୁ ପଡ଼ିଥାଏ, ଯଦ୍ୱାରା କର୍ମର ନିୟମ ଅନୁସାରେ ସେ ନ୍ୟାୟ ପ୍ରଦାନ କରିପାରିବେ । ମୁଣ୍ଡକୋ ଉପନିଷଦ କହେ - ଯଃ ସର୍ବଜ୍ଞଃ ସର୍ବବିଦ୍ୟସ୍ୟ ଜ୍ଞାନମୟଂ ତପଃ (୧.୧.୯) ଭଗବାନଙ୍କ ପ୍ରତି ଥିବା ବିଶ୍ୱାସ ଯୁଗଯୁଗ ଧରି ପ୍ରତିଫଳିତ ହୋଇ ଆସୁଛି । ଭଗବାନଙ୍କର କୌଣସି ସ୍ୱତନ୍ତ୍ର ରୂପ ନାହିଁ, କୌଣସି ରଙ୍ଗ ନାହିଁ, କୌଣସି ସାଥୀ ନାହିଁ । ମାୟା ରୂପରେ ଭଗବାନ ସବୁସ୍ଥାନରେ ଉପସ୍ଥିତ ଅଛନ୍ତି । କେହି ଚାହୁଁଛନ୍ତି କି ନ ଚାହୁଁଛନ୍ତି କିନ୍ତୁ ଭଗବାନ ଉପସ୍ଥିତ ଅଛନ୍ତି। ଉପଲବ୍ଧ ଅଛନ୍ତି ଏବଂ ସମସ୍ତଙ୍କ ପାଇଁ ଅଛନ୍ତି। ସମସ୍ତ ଜଗତ ଭଗବାନଙ୍କ ଅଧୀନରେ ଅଛି । ସୃଷ୍ଟି ଓ ବିନାଶ ତାଙ୍କ ଇଚ୍ଛାରେ ହୋଇଥାଏ । ଅର୍ଥାତ୍ ମାୟାର ବିଭିନ୍ନ ରୂପ ଭଗବାନଙ୍କ ଉଦ୍ଦେଶ୍ୟରେ ହୋଇଥାଏ। ତେଣୁ ଦୁନିଆ ଭିତରେ ଓ ବାହାରେ ସବୁଠି ଅଛନ୍ତି । ଅସୀମର ପ୍ରଭୁ, ବିନା ଯୋଗ୍ୟତା ଏବଂ ଦୋଷରେ, କଲ୍ୟାଣ ପାଇଁ ମଧ୍ୟ ଆବିର୍ଭାବ ହୁଅନ୍ତି । ମୁକ୍ତି ଉଦ୍ଦେଶ୍ୟରେ ସେ ସଂସାରରେ ନିରାକାରରୁ ସାକାର ହୋଇଥାନ୍ତି । ପ୍ରତ୍ୟେକ କଣିକାରେ ବସିବା ଦ୍ୱାରା ସେ ଅନ୍ତରଙ୍ଗ ହୋଇଥାନ୍ତି । ସେ ସର୍ବଶକ୍ତିମାନ ଓ ସର୍ବବ୍ୟାପୀ । କଣିକା ନିଜେ ପରମାଣୁ ଉପରେ ନିର୍ଭରଶୀଳ । ଭଗବାନଙ୍କ ଭିତରେ ସମଗ୍ର ସୃଷ୍ଟି ଅନ୍ତର୍ନିହିତ । ସବୁକିଛି ତାଙ୍କଠାରୁ ଅଛି ଏବଂ ସବୁକିଛି ତାଙ୍କ ଭିତରେ ଅଛି । କେବଳ ଭଗବାନ ହିଁ ଏହି ଚମତ୍କାର ନାଟକ କରିପାରିବେ, କିନ୍ତୁ ତାଙ୍କଠାରୁ ଜନ୍ମିତ କିଛି ପ୍ରାଣୀ ତାଙ୍କର ଅସ୍ତିତ୍ୱକୁ ବିଶ୍ୱାସ କରନ୍ତି ନାହିଁ, ଯେହେତୁ ସେମାନେ ଅଜ୍ଞ। ଅଜ୍ଞତା ମଧ୍ୟ ଜ୍ଞାନର ଅଭାବ, ଏଥିରେ ବିରୋଧାଭାସର କୌଣସି ସ୍ଥାନ ନାହିଁ । ଯଦି କିଛି ଗୁଣ ଅଛି, ତେବେ ଦୋଷ ମଧ୍ୟ ରହିଛି । ଯଦି ଆଲୋକ ଅଛି, ତେବେ ଅନ୍ଧାର ବି ଅଛି । ଗରମ ହିଁ ଥଣ୍ଡା ଅନୁଭବ କରାଏ । ତେଣୁ ଯେଉଁ ମାନେ ଭଗବାନଙ୍କୁ ବିଶ୍ୱାସ କରନ୍ତି ନାହିଁ, ସେମାନେ ଅବୁଝା ଶିଶୁପରି । ନିଷ୍ଠାର ସହ ଭଗବାନଙ୍କୁ ଆରାଧନା କରୁଥିବା ଭକ୍ତ ସବୁ କିଛି ବୁଝିଯାଏ ଏବଂ ତାକୁ ସହଜ ସରଳ ଲାଗେ । ତେଣୁ ଭକ୍ତ ମଧ୍ୟ ପଥରରେ ଭଗବାନଙ୍କୁ ଦର୍ଶନ କରେ । ପ୍ରତ୍ୟେକ କଣିକାରେ ବସିଥିବା ଭଗବାନଙ୍କୁ ହିଁ ଭକ୍ତ ଚିହ୍ନିପାରେ ତେଣୁ ସେ ଭାବପ୍ରବଣ ହୁଏ । ଭଗବାନ ମଧ୍ୟ ତାକୁ ପ୍ରଜ୍ଞା ରୂପରେ ବାନ୍ଧି ରଖିଥାନ୍ତି। ଏହି ପ୍ରକୃତି ଦିବ୍ୟ ତତ୍ତ୍ୱକୁ ନେଇ ଗଠିତ । ତେଣୁ ପ୍ରକୃତି ଭିତରେ ଓ ବାହାରେ ଭଗବାନଙ୍କ ଉପସ୍ଥିତି ମାୟା ସ୍ୱରୂପ । ମାୟା ହେଉଛି ତାଙ୍କ ଶକ୍ତିର ଆଶ୍ରୟସ୍ଥଳୀ। ବ୍ରହ୍ମାଣ୍ଡ ସୃଷ୍ଟିରେ ଭଗବତ୍ ତତ୍ତ୍ୱ ଆଧାର । ଯେମିତି ଆତ୍ମାର ଆଧାର ପରମାତ୍ମା । ସେହିପରି ଏହି ମାୟାମୟ ଭୌତିକ ବସ୍ତୁରେ ଆଧାତ୍ମିକ ଶକ୍ତି ପ୍ରବାହିତ ।

♥ କୁରାଳ, ନୟାଗଡ,
(ମୋ) ୯୪୩୭୯୮୫୮୬୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ( ୧୧ )
### ନଈକି ନିକଟ ପାଣିକି ଦୂର 'ଆ' ସାଙ୍ଗ, ଖେଳିବା ଖେଳ'

**ଆଉ ଗୋଟିଏ ଆକର୍ଷଣୀୟ ଦୃଶ୍ୟ ମୁଁ ଅନେକଥର ଉପରଓଳି ଦେଖିଛି, ନଈକୁଳ ଗାଆଁମାନଙ୍କର ବିଭିନ୍ନ ବୟସର ପିଲାଠୁ ଯୁବକଯାଏ ଦଳଦଳହୋଇ ସେଇ ଶୁଖିଲା ବାଲିରେ ବାଗୁଡି, ଡୁ ଡୁ, ସୀତାଚୋରୀ, ଗିଲା କାଠି ଓ ଅନ୍ୟ ଅନେକ ପ୍ରକାରର ଖେଳ ଖେଳନ୍ତି । ମୋଭଳି ଆହୁରି ଅନେକ ପଥଚାରୀ ଘଡିଏ ଛିଡାହୋଇ ସେମାନଙ୍କ ଖେଳ ଦେଖନ୍ତି । ଉଲ୍ଲସିତ ହୁଅନ୍ତି,ଚିତ୍କାର କରନ୍ତି କାହାର ସଫଳତାରେ, ନହେଲେ ହାୟ ହାୟ କରନ୍ତି କାହାରି ବିଫଳତାରେ । ମନେମନେ ନିଜକୁ ଜଣେଜଣେ ଖେଳାଳୀ ବା ସମର୍ଥକ ଭାବନ୍ତି ପ୍ରତି ଦର୍ଶକ । ସମୟ ଗଡିଗଲେ ପୁଣି ଯିଏ ଯାହା ବାଟରେ ଆଗେଇ ଯାଆନ୍ତି ।**

ଶୀତ ଋତୁର ଆରମ୍ଭରୁ ଗ୍ରୀଷ୍ମ ଋତୁର ଶେଷଯାଏଁ ନଦୀରେ ପାଣି ବହୁତ କମ୍ ରହେ। ଆକାର କ୍ଷୀଣ ହୁଏ ଓ ଅନେକ ସ୍ଥାନରେ ବିସ୍ତୀର୍ଣ୍ଣ ନଦୀବକ୍ଷ ଜଳଶୂନ୍ୟ କେବଳ ହୁଏନି, ଅନେକତ୍ର ଶୁଖିଲା ପଡିରହେ। ସେହି ସମୟରେ ଶୁଖିଲା ବାଲିରେ ଠାଏଠାଏ ଚିକିଣା,ଗିହ୍ମା ଉଠେ। ଏଥିରୁ ଜଳଖିଆ ଓ ଭାତରେ ଖାଇବାପାଇଁ ପତ୍ରପୋଡା ତିଆରି କରାଯାଉଥାଏ । ଏ ସବୁ ସ୍ୱାଦିଷ୍ଟ।

ପୁଣି, କଣ୍ଟା ବାଇଗଣ ଗଛ ଜନ୍ମହୁଏ, ସେଥିରେ ବାଇଗଣବି ଫଳେ । ଆଉ ଟିକିଏ ଉଚ୍ଚଜାଗା ବା 'ବାଲିକୁଦ'ରେ (ଯେମିତି ଭାନୁପୁର ଓ ମହୁଲିଆ କୁଦ) ଅଙ୍କରାତି ଓ ଗୁଖୁରା ଗଛ ଉଠେ । ଆୟୁର୍ବେଦୀୟ ଓଷଧ ପ୍ରସ୍ତୁତି ପାଇଁ ସେ ସବୁର ଆବଶ୍ୟକତା ରହିଛି। କିଛି ଉଚ୍ଚାଜାଗାରେ ଛୋଟ ଛୋଟ ଓ ଲମ୍ବାଲମ୍ବା ଘାସବି ଜନ୍ମନିଏ । ନଈକୁଳିଆ ଗାଆଁମାନଙ୍କର ଲୋକମାନେ ଗୋରୁଗାଈ, ଛେଳି ଓ ମେଣ୍ଢା ଚରିବାପାଇଁ ସେଠାରେ ଛାଡି ଦିଅନ୍ତି। ଭାନୁପୁର ଗାଆଁ ପାଖ କୁଦରେ ଉଠୁଥିବା ଖଡି ଆମ ସମୟରେ ଜାଳ ଓ ଘର ଛପର କାମରେ ଲାଗୁଥିଲା। ଏବେ ଆଉ ନଡାଛପର ଘର ବା ମାଟିଘର ନାହିଁ । ତେଣୁ ଖଡି କେବଳ ଜାଳ ଭାବରେ ବ୍ୟବହାର କରାଯାଉଛି ।

ଖୁବ୍ ଭୋରରୁ ମୁଁ କେବେକେବେ ବିଭିନ୍ନ କାମରେ ପୀରଘାଟ, ମଥୁରାନାଥ, ବଜାରଶୋଳ ବା ଶିଖରପୁର ପାଖରେ ନଦୀପାରିହୋଇ ଜଳେଶ୍ୱର ବା ଆଉ କୁଆଡେ ଯାଉଥିଲେ, ନଦୀ ଭିତରେ ନଈକୂଳିଆ ଗାଁମାନଙ୍କର ସ୍ତ୍ରୀଲୋକ ଓ ମନ୍ଦିର, ମଠର ପୂଜକ, ସାଧୁମାନେ ନଦୀରେ ସ୍ନାନ କରୁଥାନ୍ତି ବା ସ୍ନାନସାରି ଫେରୁଥାନ୍ତି। ନଈ ଜଳରେ ପୂଜାଫୁଲ ଭାସୁଥାଏ। ମଥୁରାନାଥ ଓ ବଜାରଶୋଳ ଗୌଡୀୟ ବୈଷ୍ଣବ ମଠରୁ ଶ୍ରୀଶ୍ରୀ ରାଧାଗୋବିନ୍ଦଙ୍କର ମଙ୍ଗଳ ଆଳତୀ କାଳୀନ ସଂକୀର୍ତ୍ତନ ଓ ବୈଷ୍ଣବମାନଙ୍କର ମହାମନ୍ତ୍ର ଉଚ୍ଚରଣ ଶୁଭୁଥାଏ।

ପୁଣି, କଳସୀରେ ପିଇବାପାଣି ଆଣନ୍ତି ସ୍ତ୍ରୀଲୋକମାନେ । ଆଜି ସମୟ ବଦଳିଗଲାଣି। ପ୍ରତି ଗୃହସ୍ଥ ପାଣିପାଇଁ ନିଜନିଜର ଟିଉବ୍‌ୱେଲ ବସାଇଲେଣି, ସରକାରବି ପିଇବା ପାଣି ପ୍ରତିଘରକୁ ଯୋଗାଇ ଦେଲେଣି । ପୁଣି, ଆଜିକାଲି, ନଦୀପାଣି କେବଳ ଅପରିଷ୍କାର ହୋଇନି, ଦୂଷିତ ବି ହୋଇଗଲାଣି । ତେଣୁ, ବ୍ୟବହାରରେ ଲାଗେନି ।

ମୋ ପିଲାଦିନେ ଦେଖିଛି, ଭୋରରୁ ନାନା ରକମର ପକ୍ଷୀ ଅଲଗା ଅଲଗା ରାବଦେଇ ବିଭିନ୍ନ ଦିଗରୁ ଉଡିଉଡି ଆସି ପାଣିରେ ପଡନ୍ତି ମାଛ ଖାଇବା ପାଇଁ । ପୁଣି ସଞ୍ଜ ନଇଁ ଆସିଲେ ନାନା ରକମର ଶବ୍ଦକରି ନିଜନିଜ ବସାକୁ ଉଡି ଯାଆନ୍ତି ।

ଏହି ସମୟରେ ବିଶେଷତଃ ଖରାଦିନେ ସକାଳ, ସନ୍ଧ୍ୟାରେ ବୟସ୍କଲୋକମାନେ ପାଣି ପାଖେପାଖେ ବୁଲନ୍ତି। ଚଢେଇ ମାନଙ୍କର କିଚିରି ମିଚିରି ଶବ୍ଦ, ନଦୀପାଣି ଉପରଦେଇ ବହିଆସୁଥିବା ଶୀତଳ ପବନ ଦେହ ଓ ମନକୁ ଆରାମ ଦିଏ, ଶାନ୍ତିବି । ଆଉ 'ସକାଳ ବୁଲା ଦେହକୁ ହିତ' କଥାଟା ସତ ବୋଲି ଜଣାଯାଏ। ଶୀତଦିନେ ଦେହରେ ଚାଦର ଘୋଡାଇ , ମଥାରେ ମଫଲର ଗୁଡାଇ ବୟସ୍କ ଲୋକମାନେ ପାଣି ପାଖେପାଖେ ବୁଲୁଥିଲେ। କାହାରି କାହାରି ହାତରେ ବାଡିବି ଥାଏ, ଦେହର ଭାରା ସମ୍ଭାଳିବା ପାଇଁ ।

ସକାଳ, ସନ୍ଧ୍ୟାର ଉଦୟ କାଳୀନ ଅରୁଣ ଓ ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ, ବହନ୍ତା ନଦୀପାଣି ଉପରେ ପଡି ଅପୂର୍ବ ମନଲୋଭା ଦୃଶ୍ୟ ସୃଷ୍ଟିକରେ, ପଥିକର ମନକୁ ଆମୋଦିତ, ଚିତ୍ତକୁ ପୁଲକିତ, ପୁଣି ପ୍ରାଣକୁ ଶାନ୍ତି ପ୍ରଦାନ କରେ । ଆଜିର ବୟସ୍କ ଲୋକମାନେ ନଦୀକୂଳରେ ବୁଲାବୁଲି କରୁଛନ୍ତିକିନା, ମୁଁ ଜାଣେନି । ତେବେ, ଉତ୍ତରରେ ମାକିଡିଆ ଠାରୁ ଦକ୍ଷିଣରେ ଶିଖରପୁର ଯାଏ ନଦୀ କୂଳେକୂଳେ ଉଚ୍ଚ ବନ୍ଧ ଓ ତା'ଉପରେ ତିଆରି ହୋଇଥିବା କଂକ୍ରିଣ୍ଟ ରାସ୍ତା ବୁଲିବା



ପାଇଁ ବେଶ୍ ପ୍ରଶସ୍ତ ?

ଆଉ ଗୋଟିଏ ଆକର୍ଷଣୀୟ ଦୃଶ୍ୟ ମୁଁ ଅନେକଥର ଉପରଓଳି ଦେଖିଛି, ନଈକୁଳ ଗାଆଁମାନଙ୍କର ବିଭିନ୍ନ ବୟସର ପିଲାଠୁ ଯୁବକଯାଏ ଦଳଦଳହୋଇ ସେଇ ଶୁଖିଲା ବାଲିରେ ବାଗୁଡି, ଡୁ ଡୁ, ସୀତାଚୋରୀ, ଗିଲା କାଠି ଓ ଅନ୍ୟ ଅନେକ ପ୍ରକାରର ଖେଳ ଖେଳନ୍ତି । ମୋଭଳି ଆହୁରି ଅନେକ ପଥଚାରୀ ଘଡିଏ ଛିଡାହୋଇ ସେମାନଙ୍କ ଖେଳ ଦେଖନ୍ତି । ଉଲ୍ଲସିତ ହୁଅନ୍ତି,ଚିତ୍କାର କରନ୍ତି କାହାର ସଫଳତାରେ, ନହେଲେ ହାୟ ହାୟ କରନ୍ତି କାହାରି ବିଫଳତାରେ । ମନେମନେ ନିଜକୁ ଜଣେଜଣେ ଖେଳାଳୀ ବା ସମର୍ଥକ ଭାବନ୍ତି ପ୍ରତି ଦର୍ଶକ । ସମୟ ଗଡିଗଲେ ପୁଣି ଯିଏ ଯାହା ବାଟରେ ଆଗେଇ ଯାଆନ୍ତି ।

ରାଜନଗର , ଶିଖରପୁର, ବେଲବାରିଆ ପ୍ରଭୃତି ଗାଆଁମାନଙ୍କ ପାଖରେ ନଦୀରେ ଶୀତ ଓ ଖରାଦିନେ ପାଣି ରହେନି, ଶୁଖିଲା ରହେ ନଈ। ପୋଖରୀ ବି ଶୁଖିଯାଏ । ତେଣୁ, ସେଇସବୁ ଗାଆଁରେ ପ୍ରାୟ ପୋଖରୀ କେହି ଖୋଳନ୍ତିନି ବା ଖୋଳିଲେବି ମାଛ ଛାଡନ୍ତିନି। ସେତେବେଳେ ନଦୀର ପାଣି ବୋହିଯାଏ ଏଇସବୁ ଗାଁଠୁ ଦୂରରେ ଆରପାଖ ଗାଆଁମାନଙ୍କ ପାଖଦେଇ ।

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଭୋଟ ଯାହାର ଶାସନ ତାହାର



ଅଧ୍ୟାପକ ଗୋପବନ୍ଧୁ

'ଭୋଟ ଆମର ଶାସନ ତୁମର, ଚଳିବ ନାହିଁ ! ଚଳିବ ନାହିଁ !' ଏହା ଭାରତୀୟ ରାଜନୀତିରେ କ୍ରମେ ଅଧିକରୁ ଅଧିକ ବ୍ୟବହୃତ ହେଉଥିବା ସ୍ଲୋଗାନ। ଏହି ସ୍ଲୋଗାନର ଜନକ ପ୍ରବୀଣ ରାଜନୈତିକ ଦିଗଦର୍ଶକ ମାନ୍ୟବର କାଂଶୀରାମ। ଏହି ସ୍ଲୋଗାନ ମାଧ୍ୟମରେ ସେ ଉତ୍ତରଭାରତରେ ନିଜ ରାଜନୀତିର ସଫଳ ପ୍ରୟୋଗ କରିଥିଲେ ଓ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବାକୁ ସକ୍ଷମ ହୋଇଥିଲେ। ତେବେ ଏହି ସ୍ଲୋଗାନକୁ ନେଇ ଉଭୟ ସପକ୍ଷ ଓ ବିପକ୍ଷ ପ୍ରତିକ୍ରିୟା ରହିଛି। ବିପକ୍ଷବାଦୀଙ୍କ ମତରେ ଏହା ଏକ ଜାତିବାଦୀ ସ୍ଲୋଗାନ। ଜାତିକୁ ନେଇ ରାଜନୀତି କରିବାର ଏହା ଏକ ପ୍ରୟାସ। ବିଶେଷକରି ଅନୁସୂଚୀତ ଜାତିମାନେ ଏହାରି ମାଧ୍ୟମରେ ସଂଗଠିତ ହୋଇ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିଥିଲେ। ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ଦେଖିଲେ ଏହା ଏକ ଉପାଦେୟ ସ୍ଲୋଗାନ। ତେଣୁ ଏମାନେ ମଧ ଏ ସ୍ଲୋଗାନ ଦେଲେ ଏବଂ ଉତ୍ତରପ୍ରଦେଶ ଓ ବିହାର ପରି ରାଜ୍ୟରେ କ୍ଷମତାକୁ ଆସିଲେ। ଝାଡ଼ଖଣ୍ଡରେ ଆଦିବାସୀମାନେ ସମାନ ଢଙ୍ଗରେ କ୍ଷମତାକୁ ଆସିଛନ୍ତି। ଏବେ ପ୍ରାୟ ସମସ୍ତ ରାଜ୍ୟରେ ଏ ସ୍ଲୋଗାନ ଶୁଣିବାକୁ ମିଳୁଛି। ଏହା ଜାତି ଅସ୍ଥିରତା ସୃଷ୍ଟିପାଇଁ ଉଦ୍ଦିଷ୍ଟ ବୋଲି ବିପକ୍ଷବାଦୀଙ୍କ ମତ।

ଅନ୍ୟ ପକ୍ଷରେ ଏହି ସ୍ଲୋଗାନର ସପକ୍ଷବାଦୀ କହନ୍ତି ଏହା ଏକ ପ୍ରଗତିଶୀଳ ସ୍ଲୋଗାନ, ଗଣତନ୍ତ୍ରକୁ ସୁଦୃଢ଼ କରିବାର ସ୍ଲୋଗାନ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମାଜିକ ସନ୍ତୁଳନ ଅପରିହାର୍ଯ୍ୟ। ଭାରତବର୍ଷ ପରି ବହୁଧର୍ମ, ବହୁଜାତି ଓ ବହୁ ସମ୍ପ୍ରଦାୟ ସମ୍ବଳିତ ଦେଶରେ ଏହାର ଆବଶ୍ୟକତା ଆହୁରି ବେଶୀ। ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂଖ୍ୟାଧିକ ଲୋକ କ୍ଷମତା ବଳୟର ବାହାରେ ରହନ୍ତି, ତାହା ଠିକ୍ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ସମସ୍ତେ ସମାନଭାବେ ଶାସନ ବ୍ୟବସ୍ଥାର ଭାଗୀଦାରୀ ହେବା ହିଁ ଗଣତନ୍ତ୍ର। ଅଳ୍ପ ସଂଖ୍ୟକ ଲୋକ ଜାତି ନାମରେ, ଧର୍ମ ନାମରେ, ସମ୍ପ୍ରଦାୟ ନାମରେ ଅଥବା ଅଞ୍ଚଳ ନାମରେ ସଂଖ୍ୟାଧିକଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ଗଣତନ୍ତ୍ର ନୁହେଁ। ସମାନ ଭାଗିଦାରୀତା ହିଁ ପ୍ରକୃତ ଗଣତାନ୍ତ୍ର। ଯେତେବେଳେ ଗୋଟିଏ ଦୁଇଟି ଜାତି କଳେବଳେ କୌଶଳେ ସଂଖ୍ୟାଧିକ ସୁବିଧା ସୁଯୋଗ ମାରିନିଅନ୍ତି, ଶାସନ ଓ ପ୍ରଶାସନିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିନିଅନ୍ତୁ, ସେତେବେଳେ ଏହି ସ୍ଲୋଗାନ ଅମୋଘ ଅସ୍ତ୍ରର କାମ ଦିଏ। ଏହା ନିଜ ଅଧିକାର ସମ୍ବନ୍ଧରେ ସଚେତନ କରାଏ।

ଭରତବର୍ଷରେ କେବଳ ଜାତିବ୍ୟବସ୍ଥା ରହିଛି ତାହା ନୁହେଁ, ଏହାକୁ ନେଇ କ୍ଷମତାର ଅସନ୍ତୁଳନ ମଧ୍ୟ ରହିଛି। ସମଗ୍ର ଦେଶରେ ଦିନେ ତଥାକଥିତ ଉଚ୍ଚଜାତିମାନେ ବା ଅଗ୍ରସରବର୍ଗ ତାଙ୍କର ଆଧିପତ୍ୟ ଜାହିର କରି ଆସିଥିଲେ। ରାଜନୈତିକ କ୍ଷମତା, ପ୍ରାଶାସନିକ କ୍ଷମତା ଓ ନ୍ୟାୟିକ କ୍ଷମତା ପୂର୍ଣ୍ଣମାତ୍ରାରେ ଏମାନଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଥିଲା ଏବଂ ଏବେ ମଧ୍ୟ ଅନେକ ମାତ୍ରାରେ ରହିଛି। ଦେଶରେ ଅନଗ୍ରସର ଜାତି ସମୂହ ଏହି କ୍ଷମତା ବଳୟ ବାହାରେ ଥିଲା ଏବଂ ଏବେ ମଧ୍ୟ ରହିଛି। ଦେଶରେ କ୍ଷମତାର ସୁସମ ବଣ୍ଟନ ହୋଇନାହିଁ। ଆମ ସମ୍ବିଧାନ ସମସ୍ତ ବର୍ଗର ଲୋକଙ୍କ ପାଇଁ ଆନୁପାତିକ ପ୍ରତିନିଧିତ୍ୱ କଥା କହେ। ଏଇଥି ପାଇଁ ତ ଅନୁସୂଚୀତ ବର୍ଗଙ୍କ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏବେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଜରିଆରେ ଓବିସି ମାନେ ସମାନୁପାତିକ ନହେଲେ ବି କେତେକ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଇବା ଆରମ୍ଭ କରିଛନ୍ତି। ସୁସ୍ଥ ଗଣତନ୍ତ୍ରରେ ସାମାଜିକ ସନ୍ତୁଳନ ଅତ୍ୟନ୍ତ ଜରୁରୀ।

ଯେଉଁ ସମୟରେ ଏ ସ୍ଲୋଗାନ ରାଜନୀତିରେ ଦାନା ବାନ୍ଧିଥିଲା ବିଶେଷକରି ଉତ୍ତରପ୍ରଦେଶରେ ସେ ସମୟରେ ରାଜନୈତିକ କ୍ଷମତା ଗୋଟିଏ ଦୁଇଟି ଜାତି ହାତରେ ସୀମିତ ଥିଲା। ପ୍ରକୃତ ପକ୍ଷେ ଏମାନେ ଥିଲେ ଶାସକ ଯଦିଓ ଏମାନଙ୍କ ସଂଖ୍ୟା ଅତ୍ୟନ୍ତ ନ୍ୟୁନ। ଅନ୍ୟପକ୍ଷରେ ପାଖାପାଖି ଶତକଡା ୯୦ ଭାଗ ଲୋକ ଶାସନ କ୍ଷମତାରୁ ବହୁଦୂରରେ ଥିଲେ। ତାଙ୍କ ଗଣତାନ୍ତ୍ରିକ ଅଧିକାର କେବଳ ଭୋଟ ଦେବାରେ ସୀମିତ ଥିଲା। ଯେଉଁମାନେ ସଂରକ୍ଷିତ ବର୍ଗରୁ ସଂରକ୍ଷିତ ଆସନରୁ ପ୍ରତିନିଧିତ୍ୱ କରୁଥିଲେ ସେମାନଙ୍କ କ୍ଷମତା କେବଳ ହାତ ଟେକିବାରେ ସୀମିତ ଥିଲା। ଏମାନେ ସେହି ଗୋଟିଏ ଦୁଇଟି ଜାତିରୁ ଆସୁଥିବା ନେତାଙ୍କ ସ୍ତାବକ ଥିଲେ। ଏବେ ମଧ୍ୟ ତାହାହିଁ ଚାଲିଛି। ଗଣତନ୍ତ୍ରର ନିୟମ ଅନୁସାରେ ସଂଖ୍ୟାଧିକ ସମର୍ଥନ ବା ଭୋଟ ଯାହା ସପକ୍ଷରେ ପଡେ ସେ ଶାସକ ହୁଏ। ଅର୍ଥାତ୍ ଯେଉଁମାନଙ୍କ ନିକଟରେ ଭୋଟ ଅଧିକ ଅଛି ସେମାନେ ଶାସକ ହେବା କଥା। କିନ୍ତୁ ଆମ ଦେଶରେ ଓଲଟା ହେଉଥିଲା ଓ ହେଉଛି ମଧ୍ୟ। ଯେଉଁମାନଙ୍କ ନିକଟରେ ଭୋଟ ବେଶୀ ଅଛି ସେମାନେ ଶାସକ ନୁହଁନ୍ତି। ଯେଉଁମାନଙ୍କ ଭୋଟ କମ୍ ଅଛି ସେମାନେ ଶାସକ। ଅବଶ୍ୟ ଏମାନେ ସଂଖ୍ୟାଧିକ ଭୋଟ ପାଇ ଜିତି ଥାଆନ୍ତି। ଅନେକ୍ ସମୟରେ ଏ ଭୋଟ ସଚେତନ ଭୋଟ ନଥାଏ। ବିଭିନ୍ନ ପ୍ରକାର ପ୍ରଲୋଭନ, ଧାର୍ମିକ ଉନ୍ମାଦନା ଓ ସାମାଜିକଭାବେ ନିଜକୁ ନିମ୍ନ ଭାବିବା ଯୋଗୁଁ ଭୋଟ ଦେଇ ତାଙ୍କୁ ଜିତାଇଥାନ୍ତି। ଏହା ପଛରେ ଥାଏ ଦୀର୍ଘ ସାମାଜିକ ତାଡନାର ମାନସିକ ପ୍ରଭାବ ଓ ଆତ୍ମ ବିଶ୍ୱାସର ଅଭାବ।

ଶିକ୍ଷାର ବିକାଶ ସହିତ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧିପାଏ। ତାହାହିଁ ଏବେ ହେଉଛି। ତେଣୁ ଅଧିକ ମାତ୍ରାରେ ଏହି ସ୍ଲୋଗାନ୍ ଶୁଣିବାକୁ ମିଳୁଛି। ଏହି ସ୍ଲୋଗାନକୁ କେବଳ ଜାତିବାଦୀ ସ୍ଲୋଗାନ କହିଦେଲେ ହେବନାହିଁ। ଏହା ଏକ ଗଣତାନ୍ତ୍ରିକ ସ୍ଲୋଗାନ, ସମାନତା ପ୍ରାପ୍ତିର ସ୍ଲୋଗାନ, ଗଣତନ୍ତ୍ରକୁ ଆଗକୁ ଆଗେଇ ନେବାର ସ୍ଲୋଗାନ, ସୁପ୍ତ ଜନତାଙ୍କୁ ଜଗାଇବାର ସ୍ଲୋଗାନ, ବ୍ୟବସ୍ଥା ପରିବର୍ତ୍ତନର ସ୍ଲୋଗାନ। ଏହା ଯେଉଁମାନଙ୍କର ସଂଖ୍ୟା ବେଶି ତାଙ୍କୁ ଶାସକ ବନାଇବାର ସ୍ଲୋଗାନ। ଜଣେ ନାଗରୀକ ଯେତେ ପର୍ଯ୍ୟନ୍ତ ନିଜ ଅଧିକାର ଓ ରାଷ୍ଟ୍ରୀୟ ଭାଗୀଦାରୀ ସମ୍ବନ୍ଧରେ ସଚେତନ ନହୋଇଛି, ସେତେଯାଏ ତାକୁ ଜଣେ ଉତ୍ତମ ନାଗରୀକଭାବେ ବିବେଚନା କରାଯାଇ ପାରିବ ନାହିଁ। କେବଳ ଭୋଟଦେବା ଭିତରେ ଉତ୍ତମ ନାଗରିକତ୍ୱ ସୀମିତ ନୁହେଁ। ରାଷ୍ଟ୍ରର ଶାସନ ବ୍ୟବସ୍ଥା ଉତ୍ତମ ବିଚାରଧାରା ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ତେବେ କେବଳ ଗୋଟିଏ ଦୁଇଟି ଜାତି ଉତ୍ତମ ବିଚାରଧାରାର ଅଧିକାରୀ ଅଟନ୍ତି ଏବଂ ଅନ୍ୟମାନେ ଅଯୋଗ୍ୟ ଓ ନିମ୍ନ ବିଚାରଧାରାର ବୋଲି ଭାବିବା ସମ୍ପୂର୍ଣ୍ଣରୂପେ ଅଗଣତାନ୍ତ୍ରିକ। ଏପରି ଭାବନା ହିଁ ପ୍ରକୃତରେ ଜତିବାଦୀ ଭାବନା ଅଟେ।

ଯେଉଁଦିନ ଏହି ସ୍ଲୋଗାନ ସଫଳଭାବେ କାର୍ଯ୍ୟକାରୀ ହେବ ସେହିଦିନ ଦେଶରେ କ୍ରାନ୍ତି ଆସିବ। ଦେଶ ସାମାଜିକ ସମାନତା ଆଡକୁ ବଢିବ ଓ ଜାତିବାଦର ପଂଝା କ୍ରମେ ଦୁର୍ବଳ ହେବ। ଦେଶରେ ଉତ୍କୃଷ୍ଟ ଗଣତାନ୍ତ୍ରିକ ବ୍ୟବସ୍ଥାର ଆରମ୍ଭ ହେବ। ତେଣୁ ଏ ସ୍ଲୋଗାନର ସାକାରାତ୍ମକ ଦିଗ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ ହେଉ। ଜାତି ଥିବା ପର୍ଯ୍ୟନ୍ତ ଏମାନଙ୍କୁ ନେଇ ଗଠିତ ହୋଇଥିବା ସମସ୍ତ ସାମ୍ବିଧାନିକ ବର୍ଗ ମଧ୍ୟରେ କ୍ଷମତାର ସୁସମ ବଣ୍ଟନ ହେଉ। ଏହା ଆମ ଗଣତନ୍ତ୍ରକୁ ଆହୁରି ମଜଭୁତ କରିବ ଓ ଗଣତନ୍ତ୍ରର ମୂଳମନ୍ତ୍ର ସମତା, ମମତା ଓ ସ୍ୱତନ୍ତ୍ରତାକୁ ଆହୁରି ଉଦଭାସିତ କରିବ।

♥ ବାରିପଦା, ମୟୂରଭଞ୍ଜ,
(ମୋ) ୭୦୦୮୯୭୬୧୮୦

# ରାମ ନାମରେ ରହିଛି ସାମ୍ପ୍ରଦାୟିକତା ଦୂର କରିବାର ତତ୍ତ୍ୱ



ଗୋପାଳ ମହାପାତ୍ର

ସିୟ ରାମ ମୟ ସର୍ବ ଜଗଜାନି ..... । ଏବେ ଦେଶର କୋଣ ଅନୁକୋଣରେ ରହୁଥିବା ହିନ୍ଦୁଙ୍କ ମଧ୍ୟରେ ଉତ୍ସାହ ଜାଗିଉଠିଛି । ଚାରିଆଡ଼େ ରାମମୟ ହୋଇଯାଇଛି । ୨୦୨୪ ବର୍ଷ ଭଗବାନ ରାମଙ୍କ ପାଇଁ ବୋଲି କୁହାଯାଉଛି । ଏମିତି ଦେଖିବାକୁ ଗଲେ ଭଗବାନ ଶ୍ରୀରାମ କୋଣ ଅନୁକୋଣରେ ଜନ ମନରେ ରହିଛନ୍ତି ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ରହିବେ। କିନ୍ତୁ ୨୦୨୪ କେବଳ ହିଁ କେବଳ ଶ୍ରୀରାମଙ୍କର । ୨୦୧୪ ମଧ ବେଶ୍ କିଛି ଖାସହେବ ବୋଲି ଆଶା କରାଯାଉଛି । ଆସନ୍ତା ୨୨ ତାରିଖରେ ଅଯୋଧାରେ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବ । ଏବେଠାରୁ ପରିବେଷ ରାମମୟ ହୋଇ ଗଲାଣି। ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ଖୁସି ବା ଉତ୍ସବ କେବଳ ଅଯୋଧା ଅଥବା ଆମ ଦେଶରେ ପାଳନ କରାଯାଉନାହିଁ ଆମେରିକାରେ ମଧ ଏଥିପାଇଁ ଉତ୍ସବ ପାଳନ ହେବ। ଅନେକ ବର୍ଷର ସଂଘର୍ଷ ଓ ସୁପ୍ରିମ୍ କୋର୍ଟଙ୍କ ଆଦେଶ ପରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ହୋଇଛି । ୨୨ ତାରିଖରେ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଘଟଣା ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ଭାବେ ଲିପିବଦ୍ଧ ହୋଇ ରହିବ। ଏଣୁ ଏଭଳି ସମୟରେ ରାମଙ୍କ ବିଷୟରେ ଆମେ ଜାଣିବାର ଆବଶ୍ୟକତା ରହିଛି ।

ଅଖଣ୍ଡ ବ୍ରହ୍ମାଣ୍ଡର ନାୟକ ହେଉଛନ୍ତି ରାମ। ସେ ମଙ୍ଗଳ ଭବନ ଅଟନ୍ତି, ସବୁ ପ୍ରକାରର ଅମଙ୍ଗଳକୁ ଦୂର କରି ପାରନ୍ତି । ମଙ୍ଗଳ ଭବନ ଅମଙ୍ଗଳ ହାରି। ପୃଥିବୀ ଏବଂ ଆକାଶ ଯାହାଙ୍କର ସୃଷ୍ଟି, ଯାହାଙ୍କ ଆଜ୍ଞାରେ ସଂସାର ଚାଲେ ସେ ହେଉଛନ୍ତି ରାମ । ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି - 'ଉମା ଦାରୁ ଦୋଷିତ କି ନାଇ, ସବହିଁ ନଚାବତ୍ ରାମ ଗୁସାଇଁ ।' ସେ ତାଙ୍କ ଇଶାରାରେ ସାରା ବିଶ୍ୱକୁ ନଚାଉଛନ୍ତି । ରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ । ତାଙ୍କ ସ୍ୱରୂପ ଏବଂ ଚରିତ୍ର ସଦା ମନମୁଗ୍ଧକର । ସେ ହେଉଛନ୍ତି ସମଦର୍ଶୀ । 'ଭାବ- କୁଭାବ ଆଳସ ହୁଁ - ନାମ ଜନତ ମଙ୍ଗଳ ଦିସି ଦଶହୁଁ । ଯେଭଳି ଲଡୁର ଆକାର ଗୋଲ ହେଲେ ମଧ ତାର ସ୍ୱାଦ ପ୍ରଭାବିତ ହୋଇନଥାଏ ସେପରି ରାମଙ୍କ ନାମ ଯେକୌଣସି ଅବସ୍ଥାରେ ନେଲେ ମଧ ତାହା ମଙ୍ଗଳକାରୀ ହୋଇଥାଏ । ସନ୍ଥ କବୀର ମାଙ୍କ ସହ ରାମଙ୍କର ତୁଳନା କରିଛନ୍ତି । କବୀରଙ୍କ ମତରେ ମା ପୁଅର ସବୁ ଅଳି ଅର୍ଦଳ ଏପରିକି ପୁଅର ନିର୍ଯ୍ୟାତନା ସହି ମଧ ପୁଅର ଅପକାର କଥା ଚିନ୍ତା କରିନଥାଏ । ପୁଅ ଦୁଃଖୀ ହେଲେ ମା ବି ଦୁଃଖୀ ହୋଇଥାଏ । ସେହିଭଳି ପ୍ରଭୁ ଶ୍ରୀରାମ କାହାରି ଅପକାର ବା ମଙ୍ଗଳ କରିନଥାନ୍ତି । ବରଂ ଅମଙ୍ଗଳକାରୀଙ୍କ ବିନାଶ କରିଥାନ୍ତି । ସେଇଥିପାଇଁ ଅନ୍ତିମ କ୍ଷଣରେ ରାବଣଭଳି ଅହଂକାରୀ ବିଦ୍ୱାନ ଅତ୍ୟନ୍ତ ସହଜତାର ସହ ରାମକୁ କହିଥିଲା ଯେ 'ତମେ ନିଜକୁ ବଜେତା ବୋଲି ଭାବ ନାହିଁ, ବିଜୟ ତ ମୋର ହୋଇଛି ।' ପ୍ରଭୁ ଶ୍ରୀରାମ ରାବଣ କଥା ଶୁଣି ହସିଦେଇଥିଲେ। ରାବଣ ଜାଣିଥିଲା ଯେ ପ୍ରଭୁ ତାଙ୍କ ଭକ୍ତର ସବୁଇଚ୍ଛା ପୁରଣ କରିଥାନ୍ତି । ଭକ୍ତଙ୍କଠାରୁ ହାରିବାରେ ଭଗବାନଙ୍କୁ ମଜା ଆସିଥାଏ । ଯିଏ ଏହି ସାଧାରଣ କଥାକୁ ବୁଝିପାରିବ ଯେ ଭଗବାନଙ୍କର କାହା ପ୍ରତି ବିଦ୍ୱେଷ ଭାବ ନଥାଏ ତାର ଜୀବନ ଧନ୍ୟ ହୋଇଯାଏ । ପ୍ରଭୁ ଶ୍ରୀରାମଙ୍କର ସଂସାରର ପ୍ରତ୍ୟେକ ଜୀବ ସହ ଏକମାତ୍ର ସମ୍ପର୍କ ରହିଛି ତାହା ହେଉଛି ପ୍ରେମ ଭାବର ସମ୍ପର୍କ ଓ ସମ୍ପର୍କ ହେଉଛି ଭକ୍ତିର । ରାମଙ୍କୁ ଅନୁସରଣ କରୁଥିବା ଲୋକ ପ୍ରେମ ଏବଂ ଭକ୍ତିର ରାସ୍ତାରେ ଚାଲିବାକୁ ପସନ୍ଦ କରିଥାନ୍ତି ।

ମାତା ଶବରୀ ରାମଙ୍କୁ କହିଥିଲା - କେହି ବିଧି ଅସ୍ତୁତି କରୋ ତୁହ୍ମାରି, ଅଧମ ଜାତି ମେଁ ଜଡ଼ମତିମାରି । ଅଧମସେ ଅଧମ ଅଧମ ଖତି ନାରୀ, ତିହ୍ନ ମହଁ ମେ ମତିମନ୍ଦ ଅଧାରିନ୍ତ । ଅର୍ଥାତ୍ 'ମୁଁ ଛୋଟ ଜାତିରେ ଜନ୍ମ ହୋଇଛି, ଅଧମରୁ ଅଧମ ଏବଂ ମନ୍ଦ ମତି ଅଟେ । ଆପଣ ମୋତେ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି,' ଶବରୀ କଥା ଶୁଣି ରାମ ଭାବବିହ୍ୱଳ ହୋଇ ପଡିଥିଲେ ଏବଂ ଶବରୀର କଥା ତାକୁ ଦୁଃଖ ଦେଇଥିଲା । ସାଧାରଣ ଭାବେ ଏକଥା ବୁଝିବେ ନାହିଁ । ଏହା ହେଉଛି ଭାରତୀୟ ତତ୍ତ୍ୱ ଦର୍ଶନର ସାରକଥା । ଛୁଆଁ ଅଛୁଆଁ ଏବଂ ଜାତିକୁ ନେଇ ରାଜନୀତି କରୁଥିବା ଲୋକେ ଏଥିରୁ ଶିକ୍ଷା ଲାଭ କରିବା କଥା । ରାମଙ୍କ କଥା କହୁଥିବା ଲୋକେ ଶବରୀଠାରୁ ଅଇଁଠା କୋଳି ପ୍ରଭୁ ଶ୍ରୀରାମ ଖାଇବା ଘଟଣାରୁ ଅନେକ କଥା ବୁଝିବା ଦରକାର । ପ୍ରଭୁ ଶ୍ରୀରାମ କହିଥିଲେ ତ୍ତକହ ରଘୁପତି ସୁନୁ ଭମିନି ବାତା; ମାନଉଁ ଏକ ଭଗତ କରି ନାତା, 'ସେ ଶବରୀକୁ କହିଥିଏ ତ୍ତମୁଁ କେବଳ ଭକ୍ତିର ସମ୍ପର୍କକୁ ମାନିଥାଏ, ସଂସାରର ଅନ୍ୟ କୌଣସି ସମ୍ପର୍କର ମାନେ ମୋ ପାଇଁ କିଛି ନାହିଁ ।' ପ୍ରଭୁ ଶ୍ରୀରାମ ଶବରୀକୁ ନବଧା ଭକ୍ତିର ଜ୍ଞାନ ଦେଇଥିଲେ ଓ କହିଥିଲେ 'ଜାତି ପାତି କୂଳଧର୍ମ ବଡ଼ାଇ, ଧନବଳ ପରିଜନ ଗୁନ ଚତୁରାଇ । ଭଗତି ହୀନ ନର ସୋହଇ କେସା- ବିନ ଜଳ ବାରିଦ ଦେଖଇ ଜେସା।' ଯଦି ପ୍ରଭୁ ଶ୍ରୀରାମ ଶବରୀର ଅଇଁଠା କୋଳି ଖାଇପାରିଲେ ତେବେ ରାମଭକ୍ତ ବୋଲି କହୁଥିବା ଲୋକ ଛୁଆଁ ଅଛୁଆଁ ଭେଦଭାବ କଥା କହୁଛନ୍ତି କାହିଁକି ବା କହିବେ କାହିଁକି ? ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି ସଂସାରର ମାର୍ଗଦର୍ଶକ। ତାଙ୍କର ତୁଳନା ନାହିଁ । ଶବରୀ ଏବଂ ରାମଙ୍କ ଏହି ପ୍ରସଙ୍ଗ ସୂଚାଇ ଦେଉଥାଏ ଯେ ଭଗବାନଙ୍କ ସୃଷ୍ଟିରେ କେହି ଛୋଟ ନୁହଁନ୍ତି କି କେହି ବଡ଼ ନୁହଁନ୍ତି । ବ୍ୟକ୍ତି ନିଜର କର୍ମ, ସ୍ୱଭାବ ଏବଂ ଆଚରଣ ପାଇଁ ଗ୍ରହଣୀୟ ହୋଇଥାଏ ଅଥବା ତିରସ୍କୃତ ହୋଇଥାଏ । ଭକ୍ତିର ଏହି ରହସ୍ୟକୁ ଯିଏ ବୁଝିପାରେ ସେ ସନ୍ଥ ପାଲଟି ଯାଇଥାଏ । ବଡ଼ ହେବା ପାଇଁ ଛୋଟ ହେବା ମଧ ଜରୁରୀ । ମିଛୋଟ କିନ୍ତୁ ଅଙ୍କୁରିତ ହୋଇ ମହାଦ୍ରୁମରେ ପରିଣତ ହୋଇଥାଏ । ମିରୁ ବୃକ୍ଷ ଓ ବୃକ୍ଷରୁ ମହାବୃକ୍ଷ ହେବା ପାଇଁ ସମୟ ଲାଗିଥାଏ ସେହିପରି ରାମ ହେବା ସହଜ ନୁହେଁ । ରାମ କେବଳ ଦୁଇଟି ଅକ୍ଷରର ନାମ କିନ୍ତୁ ଏହା ଅଧାତ୍ମ୍ୟ ଏବଂ ଜ୍ଞାନ ବିଜ୍ଞାନର ବୀଜତତ୍ତ୍ୱ । ଏ ଦୁଇ ଅକ୍ଷରକୁ ହାଲୁକାରେ ନିଆଯାଇନ ପାରେ, ଏହା ସାମାନ୍ୟ ନାମ ନୁହେଁ, ଯିଏ ରମିଥାଏ ସେ ହେଉଛି ରାମ, ରମନ୍ତୋତି ରାମ । ରାମ ପ୍ରତ୍ୟେକ ଘଟରେ ବ୍ୟାପ୍ତ, ରାମଙ୍କୁ ବୁଝିବାକୁ ହେଲେ ଲଘୁତାକୁ ଗୁରୁତ୍ୱ ହେବାକୁ ପଡିବ । ଏହି ଲଘୁତା ଯାହା ପ୍ରମୁଖତା ଆଡ଼କୁ ନେଇଯାଇ ପାରିବ।

ଭାରତରେ ରାମ ରାଜ୍ୟର କଳ୍ପନା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ କରିଥିଲେ । ରାମ ରାଜ୍ୟରେ ଦୀନ ଦୁଃଖୀ ନଥିଲେ ଓ ସେଠାରେ ଉଚ୍ଚନୀଚର ଭେଦଭାବ ନଥିଲା। ପରସ୍ପର ସ୍ନେହ ସୌହାର୍ଦ୍ଦ୍ୟ ସୂତ୍ରରେ ବାନ୍ଧି ହୋଇଥିଲେ । ଏଣୁ ସେଇ ରାମଙ୍କୁ ସାମ୍ପ୍ରଦାୟିକତାର ଦୃଷ୍ଟିରେ ଦେଖିବା ଉଚିତ୍ ନୁହେଁ। ଏ ପ୍ରସଙ୍ଗରେ ଅଧିକ ବିଚାର ବିମର୍ଷ କରିବାକୁ ପଡିବ ଅନ୍ୟଥା ଆମେ ରାମଙ୍କୁ ବୁଝିପାରିବା ନାହିଁ । ରାମ ନାମରେ ହିଁ ସାମ୍ପ୍ରଦାୟିକତାକୁ ଦୂର କରିବାର ତତ୍ତ୍ୱରହିଛି।

♥ ରାମଚନ୍ଦ୍ରପୁର, ରଣପୁର
(ମୋ) ୯୪୩୮୪୮୫୦୯୪

# ବାଲେଶ୍ୱରରେ ଉଦ୍‌ଯାପିତ ହେଲା ଜିଲ୍ଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ

## କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ: ୫ଟି ଅଧ୍ୟକ୍ଷ



ବାଲେଶ୍ୱର, ୬/୧ (ନି.ପ୍ର): ରାଜ୍ୟରେ ଯୁବ ଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାରଙ୍କର ଅନ୍ୟତମ ପ୍ରୟାସ ନୂଆ-ଓ। ଏହି ପରିପ୍ରେକ୍ଷୀରେ ଶନିବାର ଦିନ ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ପୋଲିସ ଲାଇନ ପଡ଼ିଆରେ ଉଦଯାପିତ ହୋଇଯାଇଛି ଏହି କାର୍ଯ୍ୟକ୍ରମ। ସମଗ୍ର ଜିଲ୍ଲାରୁ ଆସିଥିବା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ପାଣ୍ଡିଆନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅଧିନସ୍ଥ ସମ୍ପଦ ଯୋଜନା ଅନ୍ତର୍ଗତ ଦିବ୍ୟାଙ୍ଗଙ୍କ ନିମନ୍ତେ ୮୪ଟି ବ୍ୟାଟେରୀ ଚାଳିତ ଗାଡ଼ି ଉପସ୍ଥିତ ଦିବ୍ୟାଙ୍ଗଙ୍କୁ ଏହା ହସ୍ତାନ୍ତର କରି ତାଙ୍କ ଶୁଭ ମନାସୀ ଥିଲେ ଓ ଏହା ପରେ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରି ୫ଟ ତଥା ନବୀନ ଓଡିଶା ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନ ନୂଆ ଓଡିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ପ୍ରେରଣା ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଥିଲେ ଯେ ଏହା ଯୁବକଯୁବତୀମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନେ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବା ସହିତ ସେମାନଙ୍କର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶରେ ମଧ୍ୟ ଏହା ସହାୟକ ହେବ। କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ । ଏହା ଦ୍ୱାରା ପାଠପଢାରେ ମଧ୍ୟ ସେମାନେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉଚ୍ଚକାଂକ୍ଷୀ ସ୍ୱପ୍ନ ଅନ୍ତର୍ଗତ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ୧୩୬ ଗୋଟି କଲେଜରେ ୫ଟି ଅଧୀନରେ ୬୦ କୋଟି ଟଙ୍କା ବ୍ୟୟରେ ରୂପାନ୍ତରୀକରଣ ପ୍ରକ୍ରିୟା ଜାରି ରହିଛି ଯାହା ଖୁବ ଶୀଘ୍ର ସମାପ୍ତ ହେବାକୁ ଯାଉଛି ଓ ପରିବର୍ତ୍ତୀ ସମୟରେ ବାଲେଶ୍ୱରର ଯୁବପିଢ଼ି ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଉପଭୋଗ କରି ନୂତନ ପିଢ଼ି ସହ ସମକକ୍ଷ ହୋଇ ବିଶ୍ୱଦରବାରରେ ରାଷ୍ଟ୍ରର ମାନ ଓ ସମ୍ମାନ ବଢ଼ାଇବେ ବୋଲି ଆଶା ରଖିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ଉପରେ ସହ-ପାଠ୍ୟକ୍ରମର ପରିବର୍ତ୍ତନଶୀଳ ପ୍ରଭାବକୁ ସ୍ୱୀକୃତି ଦେଇ ଶ୍ରୀ ପାଣ୍ଡିଆନ ମତ ପ୍ରକାଶ କରିଥିଲେ ଯେ, ସେମାନଙ୍କର ଦକ୍ଷତା ବୃଦ୍ଧି, ସୃଜନଶୀଳତା ବୃଦ୍ଧି ଏବଂ ଅତ୍ୟାବଶ୍ୟକ ଜୀବନ ଗୁଣ ଗଠନ ପାଇଁ ସହ-ପାଠ୍ୟକ୍ରମ ସୁଯୋଗ ପ୍ରଦାନ କରିଥାଏ ଓ ସହ-ପାଠ୍ୟକ୍ରମରେ ନିୟୋଜିତ ହେବା ଛାତ୍ରମାନଙ୍କୁ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ କ୍ଷେତ୍ରରେ ସଫଳତା ପାଇଁ ଅତ୍ୟାବଶ୍ୟକ ଯୋଗାଯୋଗ, ଦଳଗତ କାର୍ଯ୍ୟ ଏବଂ ନେତୃତ୍ୱ ଭଳି କୌଶଳ ବୃଦ୍ଧି କରିବାରେ ସକ୍ଷମ କରେ ଓ ଏହି କାର୍ଯ୍ୟକଳାପଗୁଡ଼ିକ ଏକାଡେମିକ୍ ଏବଂ ବାସ୍ତବ ଦୁନିଆ ପରିସ୍ଥିତି ମଧ୍ୟରେ ବ୍ୟବଧାନକୁ ଦୂର କରି ତତ୍ତ୍ୱଗତ ଜ୍ଞାନର ବ୍ୟବହାରିକ ପ୍ରୟୋଗ ପାଇଁ ଲାଭଦାୟକ ହୁଏ ଓ ଏଥି ସହିତ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ତଥା ମାନସିକ ସୁସ୍ଥତା ଓ ଆବଶ୍ୟକତାର ଗୁରୁତ୍ୱ ଉପରେ ସୁଚାରୁ ରୂପେ ବୁଝାଇ ଥିଲେ । ପରିଶେଷରେ ଶ୍ରୀ ପାଣ୍ଡିଆନ କଠିନ ପରିଶ୍ରମ ଓ ନିଷ୍ଠାକୁ ନିଜ ଜୀବନର ମୂଳମନ୍ତ୍ର ବନେଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ଦିବସବ୍ୟାପି କାର୍ଯ୍ୟକ୍ରମରେ ଅନେକ ସୁନାମଧନ୍ୟ ନୃତ୍ୟ ଦଳ ପ୍ରମୁଖ ନିଜ କଳାର ପ୍ରଦର୍ଶନ କରି ଉଚ୍ଚ ପ୍ରସଂଶିତ ହୋଇଥିଲେ ଏବଂ ଉପସ୍ଥିତ ଛାତ୍ରଛାତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଭରପୁର ଉପଭୋଗ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜିଲ୍ଲାସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବରେ ଏହାର ତଦାରଖ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନିଜର ଯୋଗଦାନ କରି ଏହାକୁ ସଫଳ କରାଇଥିଲେ।

## ଦୁଇରୁ ତିନି ଲକ୍ଷ ଟଙ୍କା ଭଡାରେ ମିଳିବ ନମୋ ଭାରତ ରାପିଡିଏକ୍ସ ଟ୍ରେନ

ନୂଆଦିଲ୍ଲୀ, ୬/୧ : ନମୋ ଭାରତ ରାପିଡଏକ୍ସ ଟ୍ରେନ ଏବେ ଭଡାରେ ବି ମିଳିବ । ଫିଲ୍ମ ଶୁଟିଂ, ଡକ୍ୟୁମେଣ୍ଟାରି ଓ ଟିଭି ବିଜ୍ଞାପନ ଆଦି ପାଇଁ ସ୍ୱଳ୍ପକାଳୀନ ଅବଧି ପାଇଁ ଭଡାରେ ଟ୍ରେନର ବୁକିଂ ମାତ୍ର ତିନି ଲକ୍ଷ ଟଙ୍କାରେ କରିହେବ । ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ପରିବହନ ନିଗମ ଏଥିପାଇଁ ନୀତି ପ୍ରସ୍ତୁତ କରିଛି । ଏହି ନୀତି ଆଧାରରେ ଆରଆରଟିଏସ ଷ୍ଟେସନ ଓ ନମୋ ଭାରତ ଟ୍ରେନ ଏବେ ଫିଲ୍ମ ଶୁଟିଂ, ଡକ୍ୟୁମେଣ୍ଟାରୀ ଓ ଟିଭି ବିଜ୍ଞାପନ ଆଦି ପାଇଁ ସ୍ୱଳ୍ପକାଳୀନ ଅବଧି ପାଇଁ ଭଡାରେ ଉପଲବ୍ଧ ।

# ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୬/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରେ ୭୫ ତମ ସାଧାରଣତନ୍ତ୍ର ଦିବସ -୨୦୨୪ ମହାସମାରୋହରେ ପାଳନ କରାଯିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ଘ. ୫.୩୦ ମି. ସମୟରେ ସଦଭାବନା ସଭା ଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବାଲେଶ୍ୱର ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ଦୁଲାଳସେନ ଜଗଦେବ, ଡି.ଏସ.ପି. ଡି.ଆଇ.ବି ଶ୍ରୀମତୀ ବ୍ରଜେଶ୍ୱରୀ ବଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଅନ୍ୟାନ୍ୟ ସଦସ୍ୟଗଣ ଯୋଗ ଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ମାଧ୍ୟମରେ ଏବର୍ଷ ସାଧାରଣତନ୍ତ୍ର ଦିବସକୁ ଆଡ଼ମ୍ବରରେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଉକ୍ତ ବୈଠକରେ ସାଧାରଣତନ୍ତ୍ର ଦିବସ -୨୦୨୪ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯିବା ସହ ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟାଦାର ସହିତ ଜାତୀୟତାବୋଧ ବଜାୟ ରଖି ଜିଲ୍ଲାସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବି ସଂଗଠନ, ଗଣମାଧ୍ୟମ ଏବଂ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ ଓ ସବିଶେଷ ଆଲୋଚନା ପରେ, ପୂର୍ବବର୍ଷର ସମସ୍ତ କାର୍ଯ୍ୟ ବିବରଣୀ ଦ୍ୱାରା ଏ ବର୍ଷର କାର୍ଯ୍ୟକ୍ରମ ମାନ ସ୍ଥିରୀକୃତ ହୋଇ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା । ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ରାମଧୂନ, ପ୍ରଭାତଫେରୀ ଜାତୀୟ ପତାକା ଉତ୍ତୋଳନ ଓ ମୁଖ୍ୟ ଅତିଥିଙ୍କ ଅଭିବାଦନ ଗ୍ରହଣ, ଅନୁଷ୍ଠାନ ମାନଙ୍କରେ ଫଳ-ବିସ୍କୁଟ /ମିଷ୍ଟାନ୍ନ ବଣ୍ଟନ, ରକ୍ତଦାନ ଶିବିର, ପୁଷ୍ପପ୍ରଦର୍ଶନୀ, ପ୍ରତିମୂର୍ତ୍ତି ମାଲ୍ୟାର୍ପଣ, ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ଚିତ୍ରକଳା ପ୍ରଦର୍ଶନୀ, ପୁରସ୍କାର ବିତରଣୀ ଉତ୍ସବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଆଲୋଚନା କରି ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଯଥାରୀତି ଦାୟିତ୍ୱ ନେବା ବିଷୟରେ ଅବଗତ କରାଇଥିଲେ । ସାଧାରଣ କ୍ରୀଡା, ସ୍କୁଲ ସ୍ତରୀୟ କ୍ରୀଡା ଆଦିରେ ବାଲେଶ୍ୱର ପାଇଁ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବ। ସାମ୍ବାଦିକତା କ୍ଷେତ୍ରରେ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ବିଶେଷ ଅବଦାନ ରଖିଥିବା ସାମ୍ବାଦିକଙ୍କୁ ପୁରସ୍କୃତ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ସର୍ବସମ୍ମତି ନାମ ସୁପାରିଶ କରିବା ପାଇଁ ପ୍ରେସ ସଂଘକୁ ଅନୁରୋଧ କରାଯିବ। ପ୍ୟାରେଡ ଅଭ୍ୟାସ ଆସନ୍ତା ଜାନୁଆରୀ ୨୨,୨୩ ଓ ୨୪ତାରିଖରେ କରାଯିବ। ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ପୁରସ୍କାର ବିତରଣ କରାଯିବ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ସଦସ୍ୟମାନେ ଉତ୍ସାହିତ ଭାବେ ଆଲୋଚନା କରି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରିଥିଲେ। ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରିବାକୁ ଘୋଷଣା କରିଥିଲେ।

## ଘୋଷଣାନାମା

ମୁଁ ନୀଳକଣ୍ଠ ମିଶ୍ର (୬୩), ପିତା- ସ୍ୱର୍ଗତ ଗୋପୀନାଥ ମିଶ୍ର, ସା/ପୋ- ଶ୍ରୀରାମଚନ୍ଦ୍ରପୁର, ଥାନା- ସତ୍ୟବାଦୀ, ଜି-ପୁରୀ ମୋର ମାତାଙ୍କ ନାମ ଶକୁନ୍ତଳା ମିଶ୍ର ସ୍ୱାମୀ ଗୋପୀନାଥ ମିଶ୍ର ଅଟେ। ମୋର ମାତା ତାଙ୍କ ଜୀବିତା ବସ୍ଥାରେ ଶ୍ରୀରାମଚନ୍ଦ୍ରପୁର ସବପୋଷ୍ଟ ଅଫିସରେ ଏକ ଆକାଉଣ୍ଟ ନଂ ୨୮୯୭୪୭ ଏବଂ ଅନ୍ୟଏକ ଆକାଉଣ୍ଟ ୯୧୪୪୦୩୯୫୬୧ ଖୋଲିଥିଲେ । ସେହି ଆକାଉଣ୍ଟ ଦ୍ୱୟର ପାସବୁକରେ ଶକୁନ୍ତଳା ଦେବୀ ସ୍ୱାମୀ ଗୋପୀନାଥ ମିଶ୍ର ସା -ଶ୍ରୀରାମଚନ୍ଦ୍ରପୁର ଉଲ୍ଲେଖ ଥିଲା। ସେହି ଆକାଉଣ୍ଟ ଦ୍ୱୟରେ ମୁଁ ନୋମିନି ରହିଛି । କିନ୍ତୁ ମୋ ମାତାଙ୍କ ଆଧାର କାର୍ଡ ନମ୍ବର ୨୪୬୯୮୭୯୭୦୮ ୨୨ରେ ଓ ତାଙ୍କର ଡେଥ ସାର୍ଟିଫିକେଟରେ ଶକୁନ୍ତଳା ମିଶ୍ର ସ୍ୱାମୀ ଗୋପୀନାଥ ମିଶ୍ର ଉଲ୍ଲେଖ ରହିଛି । ସତ୍ୟପାଠ କରିଆରେ ମୁଁ ସ୍ପଷ୍ଟ କରିଦେଉଛି ଯେ ମୋର ମାତା ସ୍ୱର୍ଗତ ଶକୁନ୍ତଳା ମିଶ୍ର ଓ ଶକୁନ୍ତଳା ଦେବୀ ଜଣେ ବ୍ୟକ୍ତି ଅଟନ୍ତି ।

ସ୍ୱା-
ନୀଳକଣ୍ଠ ମିଶ୍ର

# ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ଭୂମିହୀନ ଆଦିବାସୀଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ ପାଇଁ ଦାବି



ବସ୍ତା, ୬/୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ଭୂମିହୀନ ଆଦିବାସୀ ହିତାଧିକାରୀଙ୍କୁ ଜମି ମାଲିକାନା ଦିଆଯିବା ପାଇଁ କେନ୍ଦ୍ର ମୋଦୀ ସରକାରଙ୍କ ନିର୍ଦ୍ଦେଶ ପରେ ବସ୍ତା ତହସିଲ ଅଞ୍ଚଳରେ ବହୁ ଦିନରୁ ମାଟି କଚ୍ଚା ଘରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟ ରେ ଆଶା ର ଝଲକ ଦେଖାଦେଇଛି। ଆଜି ବରିଷ୍ଠ ବିଜେପି ନେତା ଶ୍ୟାମାପ୍ରସାଦ ବେହେରା, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା,ଧ୍ରୁବ ଚରଣ ନାୟକ,ଭାସ୍କର ଘୋଷ ପ୍ରଭୃତିଙ୍କ ନେତୃତ୍ୱ ରେ ରଘୁନାଥପୁର ପଞ୍ଚାୟତ ର ଗିଲାକୋଡି ଓ କାଣ୍ଡ ଗାଁ ପ୍ରଭୃତି ଅଞ୍ଚଳ ର ଆଦିବାସୀ ବଞ୍ଚିତ ଲାଭାର୍ଥୀମାନେ ବସ୍ତା ତହସିଲଦାର ରାଧାରଞ୍ଜନ ଦାସଙ୍କୁ ଭେଟି ଆଲୋଚନା କରିଥିଲେ। ଅନ୍ ଲାଇନ ରେ ଆବେଦନ କଲେ ତୁରନ୍ତ ଯୋଗ୍ୟ ବିବେଚିତ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଆଦିବାସୀଙ୍କ ତରଫରୁ ରଘୁ ମୁର୍ମୁ, ଲକ୍ଷ୍ମଣ ହାଁସଦା,ମମତା ସୋରେନ,ବିନତୀ ହାଁସଦା, ସୁମି ହାଁସଦା, ପଞ୍ଚାନନ ଟୁଡୁ, ଲୁଚି ମାରାଣ୍ଡି, ଭୁବନ ସିଁ, ରମେଶ ସିଂହ ପ୍ରମୁଖ ଦାବି ପ୍ରଦାନ ବେଳେ ଉପସ୍ଥିତ ଥିଲେ। ତହସିଲଦାରଙ୍କ ତରଫରୁ ସ୍ଥାନୀୟ ଆର ଆଇ ଙ୍କୁ ସରଜମୀନ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଦେଭାଗ ୟୁକୋ ବ୍ୟାଙ୍କର ୮୨ ତମ ପ୍ରତିଷ୍ଠା ଦିବସ

ବାଲିଆପାଳ, ୬/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତଗର୍ତ ଦେଭାଗ ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ବ୍ୟାଙ୍କର ୮୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରେର ଅନୁଷ୍ଠିତ କାଯ୍ୟର୍କ୍ରମକୁ ଶାଖା ପରିଚାଳକ ପ୍ରଣେବଶ କର ଆନୁଷ୍ଠାନିକ ଭଠାବ ଉଦଘାଟନ କରିବା ସହ ବ୍ୟାଙ୍କ ପକ୍ଷରୁ ସାଧାରଣ ଲୋକଙ୍କୁ ସଦାସବର୍ଦା ସେବା ଯୋଗାଉଥିବା ବେଳ ବ୍ୟାଙ୍କକୁ ସେହଯାଗ କରିବା ନେଇ ଉପସ୍ଥିତ ଗ୍ରାହକ ମାନଙ୍କର ସେହଯାଗ କାମନା କରିଥିଲେ । ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀମନ୍ତ ପଂଚାୟତ, କ୍ୟାସିୟର ଧନଞ୍ଜୟ ଜେନା, ଶିବ ପ୍ରସାଦ ରାୟ,କମର୍ଚାରୀ ଜ୍ୟୋତି ପ୍ରକାଶ ସାହୁ, ବିଯାଧର ସାହୁ, ସୁଶାନ୍ତ ସାହୁ , ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରେର ସମସ୍ତ ଗ୍ରାହକ ମାନଙ୍କୁ ମିଷ୍ଟାନ୍ନ ଓ ଉପେଢୀକନ ବିତରଣ କରାଯାଇଥିଲା । ବ୍ୟାଙ୍କ କମର୍ଚାରୀ ଅନନ୍ତ ମହାନ୍ତି , ରାମଚନ୍ଦ୍ର ସାହୁ, ପୁରୋଷ ମ ଗିରି, ପ୍ରତାପଚନ୍ଦ୍ର ଦେଲଇ , ଅମିତା ଦାସ, ସସ୍ମିତା ନାଥ, ଉର୍ମିଳା ପାଳ, ମଞ୍ଜୁଲତା ପାତ୍ର, ସୁବାସିନୀ ସାହୁ, ବର୍ଷା ଦଲାଇ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଆନ୍ଦୋଳନରୁ ଓହରିଲା ...

ଆଇନ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବା। ଅନ୍ୟ ସମସ୍ତ ରାଜ୍ୟ ଆନ୍ଦୋଳନକୁ ଓହ୍ଲାଇଲେ ଆମେ ମଧ୍ୟ ଓହ୍ଲାଇବା। ସେହିପରି ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ସଂଘ ସହିତ ହୋଇଥିବା ଆଲୋଚନା ସକାରାତ୍ମକ ରହିଛି। ସଂଘର ରାଜ୍ୟ ସରକାରଙ୍କ ଠାରୁ ଥିବା ଦାବି ପୂରଣ ହୋଇଛି। ଆଜି ସନ୍ଧ୍ୟାରୁ ଆନ୍ଦୋଳନ ପ୍ରତ୍ୟାହାର ନେଇ ସବୁ ଜିଲ୍ଲାକୁ ଜଣାଇଛି ସଂଘ। ସଂଘ ସଭାପତି ମଧ୍ୟ ସେହି ମର୍ମରେ ଏକ ଭିଡିଓ ଜାରି କରିଛନ୍ତି।

## ୨୭ରେ ସମଲେଇ ....

ଘରକୁ ନଡ଼ିଆ ଦିଆଯିବ ଓ ସବୁ ଘରୁ ମା'ଙ୍କ ପାଇଁ ସିନ୍ଦୂର ଆସିବ ବୋଲି ସେମାନେ ସୂଚନା ଦେଇଛନ୍ତି । ମା'ଙ୍କ କାମରେ ସମସ୍ତଙ୍କ ସହଯୋଗ କାମନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମା'ଙ୍କ ପୀଠ ଓ ସମ୍ବଲପୁର ସହରର ଉନ୍ନତି ପାଇଁ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ସୂଚନାଯୋଗ୍ୟ, ଷୋଡ଼ଶ ଶତାବ୍ଦୀର ପ୍ରସିଦ୍ଧ ପୀଠ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରର ରୂପାନ୍ତରଣ ପ୍ରକଳ୍ପ ପାଇଁ ୨୦୦କୋଟି ଟଙ୍କା ବ୍ୟୟ କରାଯାଇଛି । ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଭକ୍ତମାନଙ୍କ ପାଇଁ ସମସ୍ତ ପ୍ରକାରର ସୁବିଧା କରାଯାଇଛି । ଜାନୁୟାରୀ ୧୭ରେ ପୁରୀ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ସରକାରୀସ୍ତରରେ ଜୋରଦାର ପ୍ରଚାର-ପ୍ରସାର ସହ ପରିକ୍ରମା ରଥ ଘରକୁ ଘର ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛି । ଆଉ ଜାନୁୟାରୀ ୨୭ ସମଲେଇ ପ୍ରକଳ୍ପର ଲୋକାର୍ପଣ ପାଇଁ ଅନୁରୂପ ଭାବେ ପଶ୍ଚିମଓଡ଼ିଶାରେ ମଧ୍ୟ ଘରକୁ ଘର ବୁଲିବା ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଏହି ଦୁଇ ମନ୍ଦିର ପ୍ରକଳ୍ପ ମାଧ୍ୟମରେ କ୍ଷମତାସୀନ ବିଜେଡି ସରକାର ନିଜର ଭୋଟବ୍ୟାଙ୍କ ବୃଦ୍ଧି କରିବାର ଯୋଜନା କରିଥିବା ଚର୍ଚ୍ଚା ହେଉଛି ।

## ପଦାରେ ପଡିଲା ଇଣ୍ଡିଆ....

ସହ ଆସନ ବୁଝାମଣା ବାବଦରେ କଥା ହୋଇପାରିବ ବୋଲି ଜେଡିୟୁ ନେତା କହିଛନ୍ତି । ଏହାସହ ଜେଡିୟୁ କହିଛି ଯେ, ଇଣ୍ଡିଆ ମେଂଟରେ ଆସନ ବୁଝାମଣା କଥା ବିଳମ୍ବ ହୋଇଗଲାଣି । ଆଉ ଏଥିପାଇଁ କଂଗ୍ରେସ ଉପରେ ଦୋଷ ଲଦିଛନ୍ତି କଂଗ୍ରେସ ନେତା । ୨୦୧୯ରେ ବିଜେପି ଏବଂ ଜେଡିୟୁ ଏକାଠି ନିର୍ବାଚନ ଲଢିଥିଲେ । ବିଜେପି ୧୭ଟି, ଜେଡିୟୁ ୧୬ଟି ଆସନରେ ନିର୍ବାଚନ ଜିତିଥିଲା । କଂଗ୍ରେସ ଗୋଟିଏ ଏବଂ ଲୋକ ଜନଶକ୍ତି ପାର୍ଟି ୬ଟି ସାଂସଦ ଜିତିଥିଲେ । ଇଣ୍ଡିଆ ମେଂଟରେ ସବୁଠୁ ବଡ଼ ଦଳ ହେଉଛି କଂଗ୍ରେସ । ଏହାସହ ଇଣ୍ଡିଆ ମେଂଟରେ ଥିବା ସବୁ ଦଳଙ୍କ ମଧ୍ୟ କେଂଗ୍ରେସ ହିଁ ସର୍ବଭାରତୀୟ ଦଳ । ତେଣୁ ଏହାର ଗୁରୁତ୍ୱ ସବୁଠୁ ଅଧିକ ରହିବା କଥା । ହେଲେ ଲଗାତର ଭାବେ ଦୁଇଟି ଲୋକସଭା ନିର୍ବାଚନରେ ଏହାର ପ୍ରଦର୍ଶନ ନୈରାଶ୍ୟଜନ ରହିଥିଲା । ୨୦୧୪ ଓ ୨୦୧୯ରେ କଂଗ୍ରେସର ପ୍ରଦର୍ଶନ ଖରାପ ରହିଥିଲା । ଏକଥାକୁ ମେଂଟରେ ଥିବା ଦଳମାନେ ହୃଦୟଙ୍ଗମ କରିଛନ୍ତି । ଏହାସହ ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ମଧ୍ୟ କଂଗ୍ରେସ ସେତେଟା ଖାସ୍ ପ୍ରଦର୍ଶନ କରିପାରି ନାହିଁ । ରାଜସ୍ଥାନ ଓ ଛତିଶଗଡ଼ କଂଗ୍ରେସ ହାତରୁ ଚାଲିଯାଇଥିବା ବେଳେ ମଧ୍ୟପ୍ରଦେଶରେ ମଧ୍ୟ ବିଜେପିକୁ ହଟାଇବାରେ ବିଫଳ ହୋଇଛି କଂଗ୍ରେସ । କେବଳ ତେଲେଙ୍ଗାନାରେ କଂଗ୍ରେସ କ୍ଷମତା ହାସଲ କରିଛି । ଏସବୁକୁ ଦୃଷ୍ଟିରେ ରଖି ଇଣ୍ଡିଆମେଂଟରେ ଥିବା ଦଳମାନେ କଂଗ୍ରେସ ଉପରେ ଏତେଟା ଭରସା କରିପାରୁ ନାହାନ୍ତି, ଆଉ ଆସନ ବୁଝାମଣା କରିବାକୁ ଅମଙ୍ଗ ଅଛନ୍ତି । ଏହାକୁ ନେଇ ଅଙ୍କ ଛିଣ୍ଡିପାରୁ ନାହିଁ । କେବଳ ନୀତୀଶ କୁମାର ନୁହଁନ୍ତି. ଏହାପୂର୍ବରୁ ପଶ୍ଚିମବଙ୍ଗରେ କଂଗ୍ରେସ ସହ ଟିଏମସି ଆସନ ବୁଝାମଣା କରିବ ନାହିଁ ବୋଲି କହି ସାରିଛି । ସେହିପରି ପଂଜାବରେ ଆପ୍ ଓ ମହାରାଷ୍ଟ୍ରରେ ଉଦ୍ଧବ ସେନା ଗୋଷ୍ଠୀ କଂଗ୍ରେସ ସହ ଆସନ ବୁଝାମଣା କରିବାକୁ ରାଜିନଥିବା ଜଣାପଡିଛି । ସେପଟେ ସହଯୋଗୀ ଦଳ ନିଜ ନିଜ ଆସନ ପାଇଁ ଜିଦରେ ଅଟଳ ଥିବାବେଳେ କଂଗ୍ରେସ ନରମ ପଡୁଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଲୋକସଭା ନିର୍ବାଚନରେ କଂଗ୍ରେସ ଏଥରକ କେବଳ ୨୫୫ ଆସନରେ ଲଢ଼ିବ । ଗୁରୁବାର କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ମହାସଚିବ ୫ଜଣ ସଦସ୍ୟ ବିଶିଷ୍ଟ ମେଂଟ ସମିତି ସହ ବୈଠକ କରିଥିଲେ । କେଉଁ ଦଳ କେତେ ଆସନରେ ଲଢ଼ିବା ଉଚିତ ହେବ ଏନେଇ ସମିତି ସହ ବିଚାର ବିମର୍ଶ କରିଥିଲେ । ଏଥରକ ୨୫୫ ଆସନରେ ଲଢ଼ିବା ପାଇଁ କଂଗ୍ରେସ ବିଚାର କରୁଥିବା ଜଣାପଡିଛି । ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ୪୨୧ ଆସନରେ ନିର୍ବାଚନ ଲଢ଼ିଥିଲା । ଯେଉଁଥିରେ କେବଳ ୫୨ ଆସନରେ ଦଳ ଜିତିଥିଲା । ୨୦୧୯ରେ କଂଗ୍ରେସ ବିହାରରେ ଆରଜେଡି ସହ, ମହାରାଷ୍ଟ୍ରରେ ଏନସିପି, କର୍ଣ୍ଣାଟକରେ ଜେଡିଏସ, ତାମିଲନାଡୁରେ ଡିଏମକେ ଓ ଝାଡ଼ଖଣ୍ଡରେ ଜେଏମଏମ ସହ ମେଂଟ କରି ନିର୍ବାଚନ ଲଢ଼ିଥିଲା ।

## ଭିଜିଲାନ୍ସ ଜାଲରେ...

ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତେବେ ଲାଞ୍ଚ ନେଇ ଧରାପଡ଼ିବା ପରେ ସେ ଖସି ପଳାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ଯୋଡ଼ା ବ୍ଲକ ମୁର୍ଗାବେଡ଼ା ଅଞ୍ଚଳର ଦୁବୁରାଜ ହେମ୍ବ୍ରମ ଅନଲାଇନରେ ଜମି ପଟ୍ଟା ପାଇଁ ଆବେଦନ କରିଥିଲେ। ତା'ସତ୍ତ୍ୱେ ସେ ଜମି ପଟ୍ଟା ପାଇ ପାରୁ ନ ଥିଲେ। ଏନେଇ ସେ ବହୁବାର ବିଲେଇପଦା ଆରଆଇ ପିର୍ ଖାନଙ୍କୁ କହିଥିଲେ। ତେବେ ଜମି ପଟ୍ଟା କରାଇ ଦେବା ପାଇଁ ସେ ଦୁବୁରାଜ ହେମ୍ବ୍ରମଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ଏନେଇ ଦୁବୁରାଜ କେନ୍ଦୁଝର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଆଜି ଆରଆଇ ପିର୍ ଖାନ ନିଜ କାର୍ଯ୍ୟାଳୟରେ ଦୁବୁରାଜଙ୍କ ଠାରୁ ୨୦ ହଜାର ଟଙ୍କା ଅଗ୍ରୀମ ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଭିଜିଲାନ୍ସ ତାଙ୍କର ବଡ଼ବିଲ ତହସିଲ କଲୋନୀ ସ୍ଥିତ ସରକାରୀ ବାସଭବନ ଓ ତେଲକୋଇ ସ୍ଥିତ ପୈତୃକ ଘରେ ଚଢ଼ାଉ କରିଛି।

## ୧ କୋଟିରୁ ଅଧିକ ...

ପେଟ୍ରୋଲ ପମ୍ପ ପାଖରେ ଥିବା ବେଳେ ଏସ୍‌ଟିଏଫ୍ ଚଢ଼ାଉ କରି ତାଙ୍କୁ ଧରିଥିଲା। ସୁଜିତଙ୍କଠାରୁ ୧ କେଜି ୬୦ ଗ୍ରାମ ବ୍ରାଉନ୍ ସୁଗର ଜବତ କରାଯାଇଥିଲା। ଏହା ସହିତ ତାଙ୍କୁ ଗିରଫ କରାଯାଇଥିଲା। ନର୍କୋଟିକ୍ ଡ୍ରଗ୍ସ ବିରୋଧରେ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ୨୦୨୦ରୁ ଆଜି ପର୍ଯ୍ୟନ୍ତ ଏସ୍‌ଟିଏଫ୍ ୭୫ କେଜିରୁ ଅଧିକ ବ୍ରାଉନ୍ ସୁଗର ଜବତ କରିଥିବା ବେଳେ ୨୦୨ ଗ୍ରାମ କୋକେନ୍,୧୧୬ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଏବଂ ୩ କେଜି ୬୩୦ ଗ୍ରାମ ଓପିୟମ ଜବତ କରିଛି। ଏହି ସବୁ ମାମଲାରେ ଏସ୍‌ଟିଏଫ୍ ୧୮୫ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଗତ ବର୍ଷକ ମଧ୍ୟରେ ଏସ୍?ଟିଏଫ୍ ଜବତ କରିଥିବା ବ୍ରାଉନ୍ ସୁଗରରୁ ୬୨ କେଜିରୁ ଅଧିକ ନଷ୍ଟ କରିସାରିଛି।

## ରାଜ୍ୟପାଳଙ୍କୁ ରାସ୍ତାରେ...

ପୂର୍ବରୁ ରାଜ୍ୟପାଳ ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ବେଢା ପରିକ୍ରମା କରିଥିଲେ। ତା'ପରେ ରାଜ୍ୟପାଳ ଜଜାଙ୍ଗ ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ବୁଲି ଦେଖିଥିଲେ। ଅପପୁଷ୍ଟି ରୋକିବା ପାଇଁ ପ୍ରଶାସନିକ ସ୍ତରରେ ଛୋଟଛୋଟ ପିଲାଙ୍କ ପାଇଁ କ'ଣ ହୋଇଛି ବୋଲି ପଚାରି ବୁଝିଥିଲେ। ତା'ପରେ ଗୋଲ୍‌ଡେନ୍ ଗ୍ରାସ୍ (କାଇଁଚ)ରେ ପ୍ରସ୍ତୁତ ବିଭିନ୍ନ ଘର ତିଆରି ଉପକରଣ ଓ ସାଜ ସଜା ସମଗ୍ରୀ ଦେଖି ଦେଖିଥିଲେ। ଜଜାଙ୍ଗ ଗାଁରୁ ରାଜ୍ୟପାଳ ପଟ୍ଟାମୁଣ୍ଡାଇ ଯାଇଥିଲେ। ସେଠାରେ କିଛି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତା'ପରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହିତ କଥା ହୋଇଥିଲେ। ସରକାରୀ ଯୋଜନା ସମ୍ପର୍କରେ ମହିଳାଙ୍କୁ ପଚାରିଥିଲେ। ପରେ ରାଜ୍ୟପାଳ କେନ୍ଦ୍ରାପଡ଼ା ଫେରିଥିଲେ। ସନ୍ଧ୍ୟା ବେଳେ ଦୁହୁରିରେ ଥିବା ଲେପ୍ରୋସି କଲୋନୀକୁ ଯାଇଥିଲେ। ସେହି ସାହିରେ ରହୁଥିବା ୨୦ ଜଣ କୁଷ୍ଠ ବାଧିତ ଲୋକଙ୍କୁ ଭେଟିଥିଲେ। ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଯୋଜନା ପାଉଛନ୍ତି କି ନାହିଁ ପଚାରି ବୁଝିଲେ। ହେଲେ କୁଷ୍ଠବାଧିତ ଲୋକମାନେ କୌଣସି ସହାୟତା ପାଉନଥିବା କହିଥିଲେ।

# ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟା

ଭଦ୍ରକ , ୬/୧ (ନି.ପ୍ର): ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ବିଧାୟକ ସଂଜୀବ କୁମାର ମଲ୍ଲିକ ଯୋଗଦେଇ କହିଲେ ଭଦ୍ରକ ହେଉଛି ଭାଇଚାରାର ସହର । ଭଦ୍ରକ ଭୂଖଣ୍ଡରେ ବିଭିନ୍ନ ସମୟରେ ସୌର, ଶାକ୍ତ, ବୈଷ୍ଣବ, ବୌଦ୍ଧ, ଜୈନ, ଶିଖ, ଇସଲାମ୍ ଓ ଇଶାଇ ଧର୍ମର ଧର୍ମଗୁରୁଙ୍କ ସହିତ ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ସ୍ୱୟଂ ଶ୍ରୀ ଚୈତନ୍ୟ ପଦାର୍ପଣ କରିଛନ୍ତି। ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ମୋଗଲ ତାମସା ପରି ବହୁ ସାହିତ୍ୟ, ନାଟକ ହିନ୍ଦୁ ଓ ଇସଲାମ୍ ଧର୍ମର ସଂଯୋଗ ସେତୁ। ଭଦ୍ରକର ଐତିହ୍ୟ ଓ ପରମ୍ପରା ବଜାୟ ରଖିବାକୁ ଗାନ୍ଧି ପଡିଆଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ସାମ୍ବାଦିକ ବନ୍ଧୁମାନେ ଆୟୋଜନ କରିଛନ୍ତି । କାଉନସିଲର ସେକ ସଇଦ୍, କାଉନସିଲର ସ୍ୱାଗତିକା ନାୟକ, କାଉନସିଲରଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ଦାସ, କମିଟିର ସଂପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି , କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ବେହେରା, ଆବାହକ ଅବିନାଶ ପଣ୍ଡା, ସୁବ୍ରତ ଦୀକ୍ଷିତ, ଶୁଭଦୀପ ମଲ୍ଲିକ, ଶଙ୍କର୍ଷଣ ରାଓ, ଶାନ୍ତନୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ, ଶିକ୍ଷୟିତ୍ରୀ ମନୋରମା ରାୟ, ସଦସ୍ୟା ତେଜସ୍ୱିନୀ ଦାସ,ସସ୍ମିତା ବଳ ପ୍ରମୁଖ ମଂଚ ପରିଚାଳନା କରିଥିଲେ। ମେଲୋଡି କୁଇନ୍ ଅସିମା ପଣ୍ଡାର ନୃତ୍ୟରେ ଦର୍ଶକମାନେ ବିଭୋର ହୋଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ ଦର୍ଶକ ଙ୍କର ସମାଗମ ହୋଇଥିଲା ।

ରବିବାର, ଜାନୁଆରୀ ୭, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଦଣ୍ଡିକା ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ବସ୍ତା,୬।୧(ନି ପ୍ର): ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତର ଦଣ୍ଡିକାସ୍ଥିତ ଗୋଛାୟତ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି କ୍ରୀଡ଼ାବିତ ମାନଙ୍କୁ ସମାଜର କର୍ଣ୍ଣଧାର ବୋଲି କହିଥିଲେ । ମୁଖ୍ୟ ଅତିଥି ସରପଞ୍ଚ ସଞ୍ଜୀବ କୁମାର ଦଳାଇ ଓ ସମ୍ମାନିତ ଅତିଥି ସମିତି ସଭ୍ୟ ରାଜକିଶୋର ଦାସ ଯୋଗ ଦେଇ କ୍ରୀଡା ମାଧ୍ୟମରେ ଛାତ୍ରୀ ଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ଘଟିଥାଏ ବୋଲି ବକ୍ତବ୍ୟରେ କହିଥିଲେ । କ୍ରୀଡା ଶିକ୍ଷକ ସାରସ୍ୱତ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ବ୍ୟାପୀ ଲମ୍ଫ ଓ ଉଚ୍ଚ ଡିଆଁ, ଦୌଡ଼,ସ୍ଲୋ ସାଇକେଲ ରେସ, ସଟପୁଟ ଓ ଡିସ୍କସ ଥ୍ରୋ ଆଦି ୨୦ ଟି ପ୍ରତିଯୋଗିତା ହୋଇଥିଲା କ୍ଷଶିକ୍ଷୟିତ୍ରୀ ନିୟତି ରାଉତଙ୍କ ମାର୍ଗଦର୍ଶନରେ ଆକର୍ଷଣୀୟ ଡ୍ରିଲ ଡେନ୍ସ ପ୍ରଦର୍ଶିତ ହୋଇଥିଲା । ଶିକ୍ଷକ ଲୋକନାଥ ମହାନ୍ତ କ୍ରୀଡା ବିବରଣୀ ପାଠ କରିଥିଲେ । ବାଳକ ବିଭାଗରେ ରାଜା ସିଂ ଓ ବାଳିକା ବିଭାଗରେ ଗୁରୁବାରୀ ହେମ୍ବ୍ରମ ଚାମ୍ପିୟନ ହୋଇଥିଲେ । ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ । ଶିକ୍ଷୟିତ୍ରୀ ସ୍ୱରୂପା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଶିକ୍ଷୟିତ୍ରୀ ରଶ୍ମିତା ନାୟକ, ବିଜୟଲକ୍ଷ୍ମୀ ନାୟକ, ଶୁଭସ୍ମିତା ଭଞ୍ଜ, ଶିକ୍ଷକ କାଇପଦ ମଙ୍ଗରାଜ ମଲ୍ଲିକ, କର୍ମଚାରୀ ଶାନ୍ତିଲତା ଦଣ୍ଡପାଟ, ତାପସ ବିଶ୍ୱାଳ ଓ ଜ୍ଞାନ ରଞ୍ଜନ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ ।



# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଅର୍ପଣ ରଥର ଶୁଭାରମ୍ଭ

## ପାରାଦୀପ ପୌରାଂଚଳର ୧୯ଟି ୱାର୍ଡରେ ଅର୍ପଣ ରଥ ଦ୍ୱାରା ଜଗନ୍ନାଥଙ୍କ ମହିମା ପ୍ରଚାର ପ୍ରସାର

ପାରାଦୀପ, ୬/୧ (ନି.ପ୍ର): ଆଜି ମଧୁବନ ସ୍ଥିତ ଜଗନ୍ନାଥ ମନ୍ଦିର ରୁ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି ।ଏହା ୬ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ପାରାଦୀପ ପୌରାଞ୍ଚଳ ଅଧିନ ୧୯ ଟି ୱାର୍ଡରେ ପରିକ୍ରମା କରିବ। ଆସନ୍ତା ୧୭ ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଓଡିଶାର କୋଟି କୋଟି ଭକ୍ତମାନଙ୍କ ନିକଟରେ ଅର୍ପଣ ରଥ ମାଧ୍ୟମରେ ମହାପ୍ରଭୂଙ୍କ ମହିମା ପହଂଚାଇବା ପାଇଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହିକ୍ରମରେ ଆଜି ଶନିବାର ଅପରାହ୍ନରେ ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଅର୍ପଣ ରଥର ଶୁଭାରମ୍ଭ କରିଛନ୍ତି ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ। ପାରାଦୀପ ସହରର ସମସ୍ତ ୱାର୍ଡରେ ଘରକୁ ଘର ଯାଇ ମହାପ୍ରଭୂଙ୍କ ନିମନ୍ତେ ଅରୁଆ ଚାଉଳ ଓ ଗୁଆ ଗ୍ରହଣ କରାଯିବା ସହିତ ଜଗନ୍ନାଥଙ୍କ ମହିମା ପ୍ରଚାର ଓ ପ୍ରସାର କରାଯିବା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ତାହା ପାଳନ କରାଯିବ ବୋଲି ପୌରାଧକ୍ଷ ଶ୍ରୀ ବିଶ୍ୱାଳ କହିଛନ୍ତି ।ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥ ଏହାର ଯାତ୍ରା ଆରମ୍ଭ କରିଥିଲା। ଆସନ୍ତା ୧୭ ତାରିଖ ପୂର୍ବରୁ ଏହି ଅର୍ପଣ ରଥ ସମଗ୍ର ପାରାଦୀପ ର ଅଂଚଳ ବୁଲିବ। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ପୌର ଉପାଧକ୍ଷା ଛବିଳତା ରାଉତ, ସ୍ଥାନୀୟ ପାରିଷଦ ଶୁକ୍ରମଣି ନାଗଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଭକ୍ତ ଓ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ।




## ଦୁଇଦିନିଆ ସାଉଦି ଆରବ ଗସ୍ତରେ ସ୍ମୃତି ଇରାନୀ

ନୂଆଦିଲ୍ଲୀ, ୬/୧ : କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ଓ ଲଘୁସଂଖ୍ୟକ ମାମଲା ମନ୍ତ୍ରୀ ସ୍ମୃତି ଇରାନୀ ଜାନୁୟାରୀ ୭ ଓ ୮ ଦୁଇଦିନିଆ ସାଉଦି ଆରବ ଗସ୍ତ କରିବେ । ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଭି.ମୁରଲୀଧରନ ମଧ ତାଙ୍କ ସହ ଗସ୍ତ କରିବେ। ସ୍ମୃତି ଇରାନୀ ଜେଦ୍ଦା ସ୍ଥିତ ଭାରତୀୟ ମହାବାଣିଜ୍ୟିକ ଦୂତାବାସରେ ଜାନୁୟାରୀ ୭ରେ ଦ୍ୱିପାକ୍ଷିକ ହଜ ବୁଝାମଣା ୨୦୨୪ରେ ହସ୍ତାଖର ଓ ଦସ୍ତାବିଜର ଆଦାନ ପ୍ରଦାନ ପାଇଁ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେବେ ।

# ଅଯୋଧା ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଜନହିତକର କାର୍ଯ୍ୟର ସମୀକ୍ଷା

ନୀଳଗିରି , ୬/୧ (ନି.ପ୍ର): ଅଯୋଧା ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ବହୁ ଜନହିତକର କାର୍ଯ୍ୟକୁ ହାତକୁ ନେଇ ପରିଷଦ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶର ସମୀକ୍ଷା କରିଥିଲେ। ପରିଷଦ ପକ୍ଷରୁ ହାତକୁ ନେଇଥିବା ବିଦ୍ୟାଳୟ ଯଥା ସଜନାଗଡ, ଜଡ଼ିବାଲୀ, ଜଡ଼ିଦା, ମାଟିଆଳୀ, ନରଣପୁର, ଛତ୍ରପୁର, ଅଯୋଧା ପ୍ରଭୃତି ବିଦ୍ୟାଳୟ ମାନଙ୍କୁ ଯାଇ ସ୍କୁଲର ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କ ପିତାମାତାଙ୍କ ସହିତ ପିଲାଙ୍କର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଷଦ ପକ୍ଷରୁ ଦୁଇଦିନ ଧରି କରାଯାଇଥିଲା। ତତ୍ ସହିତ ପରିଷଦ ପକ୍ଷରୁ ଅଞ୍ଚଳରେ ଥିବା ଗରିବ ବୃଦ୍ଧବୃଦ୍ଧା ମାନଙ୍କୁ ଶୀତ ଦାଉରୁ ରକ୍ଷା ନିମନ୍ତେ କମ୍ବଳ ବଣ୍ଟନ କରିଥିଲେ। ଏଥି ସହିତ ଅଞ୍ଚଳରେ ବିଭିନ୍ନ ସମସ୍ୟାର ନିରାକରଣ ନିମନ୍ତେ ପରିଷଦ ପକ୍ଷରୁ ଅକୁଣ୍ଠ ସାହାଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ୫-ଅଧକ୍ଷ ଭି. କେ ପାଣ୍ଡିଆନଙ୍କୁ ନୀଳଗିରିର ବିକାଶ ପାଇଁ ପ୍ରକଳ୍ପ ନିର୍ମାଣ ପାଇଁ ଦାବୀପତ୍ର ମଧ ପ୍ରଦାନ କରାଯାଇଛି।



## ନାବାଳିକା ଛାତ୍ରୀକୁ ନାବାଳକର ବଳାତ୍କାର

ନୀଳଗିରି, ୬/୧ (ନି.ପ୍ର): ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ବାଟରୁ ଟେକି ନେଇ ବଳାତ୍କାର କରାଯିବା ଘଟଣା ସମଗ୍ର ନୀଳଗିରି ଅଞ୍ଚଳରେ ଉଦବେଗ ସୃଷ୍ଟି କରିଛି । ନୀଳଗିରି ଥାନା ଅଞ୍ଚଳର ଜଣେ ୮ ବର୍ଷୀୟ ନାବାଳିକା ଛାତ୍ରୀ ଏକୁଟିଆ ଶୁକ୍ରବାର ପୂର୍ବାହ୍ନରେ ବିଲ ରାସ୍ତାରେ ନିକଟସ୍ଥ ସ୍କୁଲକୁ ଯାଉଥିଲା। ଏକୁଟିଆ ପାଇ ମିତ୍ରପୁର ଅଞ୍ଚଳର ଜଣେ ନାବାଳକ ଛାତ୍ରୀଙ୍କୁ ଟେକିନେଇ ବଳାତ୍କାର କରିଥିଲା। କିଛି ଘଣ୍ଟା ପରେ ଛାତ୍ରୀ ଜଣକ କାନ୍ଦି କାନ୍ଦି ତାଙ୍କ ପରିବାର ଆଗରେ ବୟାନ ରଖିଥିଲା। ଏନେଇ ଶୁକ୍ରବାର ରାତିରେ ନାବାଳିକାଙ୍କ ପରିବାର ନୀଳଗିରି ଥାନାରେ ଦ୍ୱାରସ୍ଥ ହେବା ପରେ ପୁଲିସ ଘଟଣାକୁ ଗୁରୁତର ସହ ନେଇ ଅଭିଯୁକ୍ତ ନାବାଳକକୁ ଥାନାରେ ଅଟକ ରଖି ତଦନ୍ତ କରିଥିବା ବେଳେ ନାବାଳକ ଜଣଙ୍କୁ ତାଙ୍କ ବାପାଙ୍କ ଦାୟିତ୍ୱରେ ଛାଡିଥିବା ଜଣାପଡ଼ିଛି।

# ବ୍ଲକସ୍ତରୀୟ ଏମବିକେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଆପାଳ, ୬/୧ (ନି.ପ୍ର): ଗ୍ରାମପଞ୍ଚାୟତର ଜିପିଏଲଏଫରେ କାର୍ଯ୍ୟ କରୁଥିବା ଏମବିକେ ମାଆ ମାନଙ୍କୁ କମ୍ପ୍ୟୁଟର ବ୍ୟବହାର ଓ ଇଗଭରନାନ୍ସ ସେବାର ବ୍ୟବହାରଗତ ଜ୍ଞାନର ଦକ୍ଷତା ବିକାଶ ପାଇଁ ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ପ୍ରତି ବ୍ଲକରେ ଥିବା ଓକେସିଏଲ ଅଧିକୃତ ଶିକ୍ଷାକେନ୍ଦ୍ରରେ ଡିସେମ୍ବର ମାସ ୧୨ତାରିଖ ଠାରୁ ୨୦ ଦିନିଆ ପ୍ରଶିକ୍ଷଣ ଶିବିର ମାଧ୍ୟମରେ ରାଜ୍ୟ ସରକାର କାର୍ଯ୍ୟରତ ଏମବିକେ ମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ଥିବା ଆରକେ ଇନଫ୍ଟୋ ଏକାଡେମୀ ପରିସରରେ ବାଲିଆପାଳ ବ୍ଲକର ୨୫ଜଣ ଓ ବସ୍ତା ବ୍ଲକର ୫ଜଣ କାର୍ଯ୍ୟରତ ଏମବିକେ ମାନଙ୍କୁ ନେଇ ଚାଲିଥିବା ୨୦ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବଣିଆଡିହା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ପ୍ରଶିକ୍ଷକ ରାଜକିଶୋର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଙ୍ଘ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ କୁମାର ପାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଆପାଳ ବ୍ଲକର ମିଶନ ଶକ୍ତି ବିଭାଗର ବ୍ଲକ ପରିଚାଳକ ପ୍ରଭାକର ଦାସ, ବ୍ଲକ ସଂଯୋଜକ ରାଜକିଶୋର ପ୍ରଧାନ,ବସ୍ତା ବ୍ଲକ ଜୀବିକା ମିଶନର ସଂଯୋଜକ ତ୍ରିଲୋଚନ ପରିଡା,ବଣିଆଡିହା ପଞ୍ଚାୟତର ସରପଞ୍ଚ କାଳିଚରଣ ଜେନା ଓ ସମିତି ସଭ୍ୟ କଟି ମାରାଣ୍ଡି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ, ଓକାକ ଓ ଓକେସିଏଲ ସହାଭାଗିତାରେ ପ୍ରତି ବ୍ଲକରେ ଥିବା ଓକେସିଏଲ ଅନୁମୋଦନପ୍ରାପ୍ତ ଶିକ୍ଷାକେନ୍ଦ୍ରରେ ଏହି ୨୦ଦିନିଆ ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହେଉଥିଲା ବୋଲି ଆରକେ ଇନଫୋ ଏକାଡେମୀର ପରିଚାଳକ ତଥା ପ୍ରଶିକ୍ଷକ ରାଜକିଶୋର ପାତ୍ର କହିଛନ୍ତି । କବିତା ବିଶ୍ୱାଳ, ଅମର ପଟ୍ଟାୟତ ପ୍ରମୁଖ କର୍ମଚାରୀ ଏହି ତାଲିମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।




# ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ 'ଗାଁ ହାଟ'




ଜଳେଶ୍ୱର , ୬/୧ (ନି.ପ୍ର): ଆଜି ଜଳେଶ୍ୱର ବ୍ଲକରେ ଥିବା ଶାଳିକୋଠାସ୍ଥିତ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗାଁ ହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ସମ୍ମୁଖ ପଡିଆରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ କଳା, ନୈପୁଣ୍ୟ ପ୍ରଦର୍ଶନ ସହିତ ଛାତ୍ରଛାତ୍ରୀମାନେ ନିଜ ହାତ ତିଆରୀ ଓ ବ୍ୟବସାୟୀ କରଣ ଜିନିଷପତ୍ର ବିକ୍ରି କରିଥିଲେ । ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କ ତତ୍ୱାବଧାନରେ ଗାଁ ଗହଳିରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, କାରୁକାର୍ଯ୍ୟ ସାମଗ୍ରୀ, ଏପରିକି ଜଳଖିଆ, ଚା ବିସ୍କୁଟ, ପନିପରିବା, ହାତ ତିଆରୀ ସରଞ୍ଜାମ, ଆଦିବାସୀ ସଂସ୍କୃତି ଜିନିଷ ପତ୍ର, ବିଦ୍ୟୁତ୍ ସାମଗ୍ରୀ, ଲୁଗାପଟା, ଗୋରୁ-ଗାଈ, ଔଷଧପତ୍ର, ଦମକଳ କେନ୍ଦ୍ର, ଦମକଳ କେନ୍ଦ୍ର, କର ଆଦାୟକାରୀ, ଚୋରୀ-ପୋଲିସ୍, ସ୍ୱେଚ୍ଛାସେବୀ, ଭିକାରୀ ଭାବେ ଛାତ୍ରଛାତ୍ରୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ । ଗତବର୍ଷ ଠାରୁ ଏହି କାର୍ଯ୍ୟକ୍ରମ ଏହି ଅନୁଷ୍ଠାନ ପ୍ରକ୍ଷରୁ ପ୍ରଦର୍ଶୀତ ହୋଇଥିବାରୁ ମ୍ୟାଟ୍ରିକ ପାସ୍‌ପରେ କେତେକ ଛାତ୍ରଛାତ୍ରୀ ଏପରି ବ୍ୟବସାୟ କରି ସ୍ୱାବଲମ୍ବି ହେବାରେ ସମର୍ଥ ହେଉଛନ୍ତି । ଏହି କାର୍ଯ୍ୟକ୍ରମ ଦେଖିବାଲାଗି ଜଳେଶ୍ୱର ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଅଜୟ କୁମାର ଜେନା, ଓଷ୍ଟାର ଜିଲା ସଭାପତି ମନୋରଂଜନ ଦାସ, ସରପଂଚ ତପନୀ ଭୂୟାଁ, ସମିତି ସଦସ୍ୟ ମଧୁସ୍ମିତା ମହାନ୍ତି, ଗାଁ ମାଲିକ ଗଣେଶ ପରିଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାରନାଥ ଗିରି, କେଶବ ଚନ୍ଦ୍ର ପରିଡା, ନିକଟସ୍ଥ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯ୍ୟ ବୁଲି ଦେଖିଥିଲେ ।

# ବେଟି ବଚ୍ଚାଓ, ବେଟି ପଢ଼ାଓ ପରାମର୍ଶ ସେବା କାର୍ଯ୍ୟକ୍ରମ




ଭଦ୍ରକ, ୬/୧ (ନି.ପ୍ର): ବାଳିକାମାନଙ୍କୁ ଶିକ୍ଷାସହ ବିଭିନ୍ନ କ୍ଷେତ୍ରରେ ଅଗ୍ରସର ନିମନ୍ତେ କନ୍ୟା ବଂଚାନ୍ତୁ, କନ୍ୟାକୁ ପଢ଼ାନ୍ତୁ ଯୋଜନାରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପରାମର୍ଶ ସେବା ପାଇଁ "କଲେକ୍ଟର କି କ୍ଲାସ" ଶୀର୍ଷକ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଭଦ୍ରକ ମହିଳା ମହାବିଦ୍ୟାଳୟ ସଭାଗୃହ ପରିସରରେ ମହାବିଦ୍ୟାଳୟର ଅଧକ୍ଷ ସୁପ୍ରୀତିକରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ତଥା ଛାତ୍ରୀଙ୍କ ପରାମର୍ଶ ଦାତା ସୌଦାମିନୀ ରାଉତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଂଗଳ କମିଟିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀଙ୍କ ସମେତ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଜିଲ୍ଲା କର୍ମ ନିୟୋଜନ ଅଧିକାରିଣୀ ଅନିତା ନାୟକ, ବିଷୟବିଷାରଦ ରୂପେ ଯୁବ ପେଶାଦାର ଭିନିତ ଶେଖର ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟାପିକା ଅନୀତା ଦଳେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ବେହେରାଙ୍କ ସମେତ ଅନ୍ୟାନ୍ୟ ମହାବିଦ୍ୟାଳୟ କର୍ମଚାରୀ ଯୋଗଦାନ କରିଥିଲେ। ଉପସ୍ଥିତ ଦୁଇଶହରୁ ଉର୍ଦ୍ଧ୍ୱ ବାଳିକା ମାନଙ୍କ ମଧ୍ୟରେ ସେମାନଙ୍କର ରୁଚି, ଶିକ୍ଷା, ଆଗ୍ରହଥିବା କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ, ଆତ୍ମନିର୍ଭରଶୀଳ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସେହିପରି ଅସୁରାଳି ମହିଳା ମହାବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧକ୍ଷ ସଂଜୟ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମଂଗଳ କମିଟିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ସମେତ ବିଷୟ ବିଷାରଦ ଭିନିତ୍ ଶେଖର ଯୋଗଦାନ କରି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ, ବାଳିକାମାନଙ୍କୁ ଶିକ୍ଷା ସହ ଉତ୍ତମ ମାର୍ଗ ନିମନ୍ତେ ସଠିକ୍ ପରାମର୍ଶ ସେବା ଏବଂ ସରକାରୀ ସ୍ତରରେ ଥିବା ବହୁ ସୁବିଧା ସୁଯୋଗ ସମ୍ବନ୍ଧରେ ଦୃଷ୍ଟାନ୍ତମୂଳକ ଉଦାହରଣ ପ୍ରତିପାଦନ କରିଥିଲେ। ବାଳିକା ମାନଙ୍କୁ ବିଭିନ୍ନ କ୍ଷେତ୍ର ଯଥା ସଂଗୀତ, ଚିତ୍ରାଙ୍କନ, ନୃତ୍ୟ ଉତ୍ତମଶିକ୍ଷା କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ହେଲେ ଏକନିଷ୍ଠ ହୋଇ ସେଥିରେ ରୁଚି ରଖିବାକୁ ପଡ଼ିବ। ସେଥିପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାପାଇଁ ପ୍ରେରଣା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଡା. କାମିନି ବାଳା ମିଶ୍ର, ହୃଷିକେଶ ରାଉତ, ଗାୟତ୍ରୀ ବିଶ୍ୱାଳ, ମାନିନି ରାୟ, ରାମାନୁଜମ ପତି ପ୍ରମୁଖ ଯୋଗଦାନ ଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ମତ ରଖିଥିଲେ। କଳାର ଛାତ୍ରୀ ସନ୍ତୋଷିନୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ



ବଡ଼ସାହି , ୬/୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ବିହାର ସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷକ ତଥା ସାମାଜସେବୀ ଦୀପକ କୁମାର ପାତ୍ର ଯୋଗ ଦେଇ ଶିଶୁମାନଙ୍କୁ ଇଂରାଜୀ ଭାଷା ସାହିତ୍ୟରେ ସୁଦୃଢ଼ କରାଇବା ସହିତ ଭାରତୀୟ ସଂସ୍କୃତିରେ ବିଶେଷ ଭାବରେ ଉଦବୁଦ୍ଧ କରାଇବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ତଥା ସାମ୍ବାଦିକ ନିହାର ରଞ୍ଜନ ମହାପାତ୍ର, ସମ୍ମାନୀତ ଅତିଥିଭାବେ ଶିକ୍ଷକନେତା ରାଜେନ୍ଦ୍ର କୁମାର ଜେନା ଓ କବି ରତିକାନ୍ତ ବେହେରା ଯୋଗଦାନ କରି ଛୋଟ ପିଲାମାନଙ୍କୁ ମନୋସ୍ତାତ୍ତ୍ୱିକ ଶିକ୍ଷାଦାନ ବିଶେଷଭାବେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରିନସପାଲ ଦିପକ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅନୁଷ୍ଠାନର ସଂଚାଳିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମିସ୍ ମଧୁସ୍ମିତା ବାରିକ ଓ ମିସ୍ ଗେହ୍ଲିମଣି ବେହେରାଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ପରେ ପରେ ପିଲାମାନଙ୍କଦ୍ୱାରା ସାଂସ୍କୃତିକ ବିଚିତ୍ରା ବେଶ ପ୍ରଶଂସିତ ହୋଇଥିଲା। ଶେଷରେ ମିସ୍ ସୋନାକ୍ଷି ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁକନ୍ୟା ସାହିତ୍ୟ ସଂସଦ ପକ୍ଷରୁ ପ୍ରବନ୍ଧ, କବିତା, ଗଳ୍ପ ଲିଖନର ତାଲିମ ଶିବିର

ବାଲିଆପାଳ, ୬/୧ (ନି.ପ୍ର): ବାଲିଆପାଳ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେର ସୁକନ୍ୟା ସାହିତ୍ୟ ସଂସଦ ତରଫରୁ ଏକ ପ୍ରବନ୍ଧ, କବିତା ଓ ଗଳ୍ପ ଲିଖନ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ସଂସଦ ପକ୍ଷରୁ ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସ୍ନେହଲତା ନାୟକ, ଗୀତା ସାହୁ , ମୀତାରାଣି ପାଣିଗ୍ରାହୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ପ୍ରମୁଖ ଛାତ୍ରୀ ମାନଙ୍କୁ ପ୍ରବନ୍ଧ, କବିତା ଓଗଳ୍ପ ଲିଖନର ବିଭିନ୍ନ କୌଶଳ ଶିଖାଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ନାୟକ, ରାଧାରାଣି ବିଶ୍ୱାଳ, ମେନାଜ ସାହୁ, ପ୍ରଜ୍ଞା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଉଦଳା ଏନ୍‌ଏସିର ଏକ ଅଂଚଳ 'ପ୍ରଶାନ୍ତ ବିହାର' ନାମରେ ହେଲା ନାମିତ

ଉଦଳା , ୬/୧ (ନି.ପ୍ର): ଉଦଳା ଏନ୍‌ଏସିର ୱାର୍ଡ଼ ନଂ-୭ ରେ ଥିବା ଏକ ବସ୍ତି ଅଂଚଳକୁ 'ପ୍ରଶାନ୍ତ ବିହାର' ନାମରେ ନାମିତ କରାଯାଇଛି । ଏଥିପାଇଁ ନଗରପାଳ ପ୍ରମିଳା ପଣ୍ଡା ଚଳିତ ଜାନୁଆରି ୫ ତାରିଖ ଶୁକ୍ରବାର ଦିନ ଆନୁଷ୍ଠାନିକ ଭାବେ ଉକ୍ତ ବସ୍ତିରେ ପହଂଚି ଫିତା କାଟି, ନଡ଼ିଆ ଫଟାଇ ଏହା ଘୋଷଣା କରିଛନ୍ତି । ପ୍ରକାଶ ଥାଉକି ୪ ପ୍ରଶାନ୍ତ ବେହେରାଙ୍କ ବାସ ଭବନ ଏହି ଅଂଚଳରେ ରହିଛି । ସେ ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପକ ଥିବା ସହିତ ସାରସ୍ୱତ ସାଧନାରେ ସମଗ୍ର ଓଡ଼ିଶାରେ ପରିଚିତ ଥିଲେ । ଆଜିର ଏହି ଅଂଚଳ ନାମ କରଣ ଉତ୍ସବରେ ପ୍ରଶାନ୍ତ ବେହେରାଙ୍କ ପରିବାରର ସଦସ୍ୟଙ୍କ ସହିତ ଉକ୍ତ ବସ୍ତିର ବାସିନ୍ଦା ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo